# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, November 19/2025 Page 14 ₹ 7.00 | RAYAGADA

୫୧ଶ ଭାଗ ୩୫୩ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 353 ମୂଲ୍ୟ ₹୭/-




**ସ୍ୱସ୍ତିକଙ୍କ ପ୍ରଭାବୀ ବ୍ୟାଟିଂ**

ନାଗାଲାଣ୍ଡ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ଓଡ଼ିଶାର ସ୍ୱସ୍ତିକ ସାମଲ ପ୍ରଭାବୀ ବ୍ୟାଟିଂ ସହ ୧୬୯ ରନ ସଂଗ୍ରହ କରିଛନ୍ତି।

୧୪

୦୪

**ରଣବୀରଙ୍କ ନୂଆ ଅବତାର**

ଅଭିନେତା ରଣବୀର ସିଂହଙ୍କ 'ଧୁରନ୍ଧର' ଚଳଚ୍ଚିତ୍ରର ଟ୍ରେଲର ରିଲିଜ୍ କରିଛି। ଏଥିରେ ତାଙ୍କର ନୂଆ ଅବତାର ଦର୍ଶକଙ୍କୁ ଚକିତ କରିବ।



# ଦୁର୍ନୀତିର ଛାଇ ନ ରହୁ: ମୁଖ୍ୟମନ୍ତ୍ରୀ

**କୌଣସି ସରକାରୀ କାର୍ଯ୍ୟାଳୟରେ ମଧ୍ୟସ୍ଥ ରହିବେ ନାହିଁ। ଦପ୍ତରଗୁଡ଼ିକ ଦଲାଲମୁକ୍ତ ହେବା ସହ ସେଠାରେ ଦୁର୍ନୀତିର ଛାଇ ନ ରହୁ। ଏହା ହେଲେ ହିଁ ଲୋକେ ସୁଶାସନର ସ୍ୱାଦ ଚାଖିପାରିବେ। ସାଧାରଣ ଲୋକଙ୍କ କଥା ଧୈର୍ଯ୍ୟର ସହ ଶୁଣି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକମାନଙ୍କୁ ସମ୍ବୋଧିତ କରି କହିଛନ୍ତି।**

## ଲୋକଙ୍କ କଥା ଧୈର୍ଯ୍ୟର ସହ ଶୁଣ, ସମାଧାନ ପାଇଁ ଚେଷ୍ଟା କର

ଭୁବନେଶ୍ୱର,୧୮।୧୧
(ସୁନିତ୍ ମିଶ୍ର/ରବିନାରାୟଣ ଜେନା)

ଲୋକସେବା ଭବନର କନ୍‌ଭେନ୍‌ଶନ ସେଣ୍ଟରଠାରେ ଆୟୋଜିତ ୨ ଦିନିଆ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯିଏ ଯେଉଁ ପଦବୀରେ ଥାଆନ୍ତୁ ନା କାହିଁକି ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ ହୁଅନ୍ତୁ। ନିଜ କାର୍ଯ୍ୟକଳାପ ପାଇଁ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ



ଲୋକସେବା ଭବନରେ ମଙ୍ଗଳବାର ଜିଲାପାଳ ଏବଂ ଏସ୍‌ପିମାନଙ୍କ ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ହେବା ଦରକାର। ସେଥିପାଇଁ ସମସ୍ତେ ଲୋକଙ୍କ ସହ ମିଶିବା ଆବଶ୍ୟକ। ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ' ମନ୍ତ୍ରରେ ଓଡ଼ିଶାର କଲ୍ୟାଣ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି। ଯୋଜନା ଯେତେ ଅଭିନବ ହେଲେ ମଧ୍ୟ ଏହାର ପ୍ରକୃତ ସଫଳତା ଠିକ୍ ରୂପାୟନ ଉପରେ ନିର୍ଭର କରିଥାଏ। ତେଣୁ ଲୋକଙ୍କ ସୁବିଧା ପାଇଁ ସମସ୍ତେ ସଚ୍ଚୋଟ ଓ କର୍ତ୍ତବ୍ୟନିଷ୍ଠ ହୁଅନ୍ତୁ। ଦିନରାତି ଅକ୍ଳାନ୍ତ ପରିଶ୍ରମକରି ସମନ୍ୱୟ ରକ୍ଷା ମାଧ୍ୟମରେ ଯୋଜନାର ସଫଳ ରୂପାୟନ କରନ୍ତୁ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଆମ ସରକାର ବର୍ତ୍ତମାନ ରାଜ୍ୟର ୩୦ ଜିଲାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୀତିନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସମସ୍ତ ସହାୟତା ପ୍ରଦାନ କରିବା ପାଇଁ ଜିଲାପାଳମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ନୂତନ କାର୍ଯ୍ୟକ୍ରମ 'ମିଶନ୍ ପାୱାର' ଅଧୀନରେ ୨୦୨୭ ସୁଦ୍ଧା ରାଜ୍ୟର ପ୍ରତି ଗ୍ରାମକୁ ସବୁଦିନିଆ ରାସ୍ତା, ବିଦ୍ୟୁତ୍ ଓ ପାନୀୟଜଳ ଯୋଗାଣର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ଜିଲାପାଳମାନଙ୍କୁ ମିଶନ୍ ମୋଡ୍‌ରେ କାମ କରିବାକୁ ପରାମର୍ଶ ଦେଇଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ବାବଦ ଖର୍ଚ୍ଚ ଓ ଏହାର ଅଗ୍ରଗତି ସମ୍ପର୍କରେ ପ୍ରତି ୩ରୁ ୪ ମାସରେ ଥରେ ସମୀକ୍ଷା କରିବା, ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାରକୁ କଡ଼ାକଡ଼ି ☞ପୃଷ୍ଠା-୪

# ମାଓବାଦୀ ନେତା ହିଡ଼ମା, ସ୍ତ୍ରୀ ନିହତ



ମାଡଭି ହିଡ଼ମା

ନୂଆଦିଲ୍ଲୀ/ବିଶାଖାପାଟଣା/ମାଲକାନଗିରି,୧୮।୧୧
(ସୁଚିତ୍ରା ଦାସ/ଦୁର୍ଯ୍ୟୋଧନ ପାତ୍ର)

ପିପୁଲ୍ସ ଲିବରେଶନ ଗରିଲା ଆର୍ମି (ପିଏଲ୍‌ଜିଏ) ବାଟାଲିୟନ-୧ର ଶୀର୍ଷ ମାଓବାଦୀ ନେତା ମାଡଭି ହିଡ଼ମା ମଙ୍ଗଳବାର ଆନ୍ଧ୍ରପ୍ରଦେଶର ଆଲୁରି ସୀତାରାମରାଜୁ ଜିଲାରେ ହୋଇଥିବା ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ମୋଷ୍ଟୱାଣ୍ଟେଡ୍ ମାଓବାଦୀମାନଙ୍କୁ ନଭେମ୍ବର ୩୦ ସୁଦ୍ଧା ମୂଳପୋଛ କରାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସମୟସୀମା ଧାର୍ଯ୍ୟ କରିଥିବାବେଳେ ଏହାର ୧୨ ଦିନ ପୂର୍ବରୁ ହିଡ଼ମା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ହାଜାରେ ନୁହେଁ, ନିର୍ଭୟା

# ରାଜନୈତିକ ଯୁଦ୍ଧ ପାଇଁ ବ୍ୟବସ୍ଥାକୁ ବ୍ୟବହାର କରୁଛି ସିବିଆଇ

ନୂଆଦିଲ୍ଲୀ,୧୮।୧୧(ପି.ଟି.)

**ସୁପ୍ରିମକୋର୍ଟଙ୍କ ଭର୍ତ୍ସନା**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅନେକ ସମୟରେ କେନ୍ଦ୍ରରେ କ୍ଷମତାସୀନ ଦଳର ହାତବାରିସୀ ସାଜୁଥିବା ନେଇ ଅଭିଯୋଗ ହୋଇଆସୁଥିବାବେଳେ ମଙ୍ଗଳବାର ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ଭର୍ତ୍ସନା କରିଛନ୍ତି। ଝାଡ଼ଖଣ୍ଡ ବିଧାନସଭା ସଚିବାଳୟରେ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ହୋଇଥିବା ଅନିୟମିତତାର ପ୍ରାଥମିକ ତଦନ୍ତ ପାଇଁ ସିବିଆଇ ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡ଼ିଥିଲା, ଯାହାକୁ ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇଙ୍କ ଖଣ୍ଡପୀଠ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। କେନ୍ଦ୍ରୀୟ ଏଜେନ୍ସି ରାଜନୈତିକ ଯୁଦ୍ଧରେ ବ୍ୟବସ୍ଥାକୁ କାହିଁକି ବ୍ୟବହାର କରୁଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

ଝାଡ଼ଖଣ୍ଡ ବିଧାନସଭାରେ ନିଯୁକ୍ତି ଓ ପଦୋନ୍ନତି ସମ୍ପର୍କିତ ଦୁର୍ନୀତିର ତଦନ୍ତ ପାଇଁ ୨୦୨୪ ସେପ୍ଟେମ୍ବର ୨୩ରେ ହାଇକୋର୍ଟ ସିବିଆଇକୁ ଅନୁମତି ☞ପୃଷ୍ଠା-୪

# ବର୍ଷର ଶ୍ରେଷ୍ଠ ଶବ୍ଦ 'ପାରାସୋସିଆଲ'

ନୂଆଦିଲ୍ଲୀ,୧୮।୧୧

**କ୍ୟାମ୍ବ୍ରିଜ୍ ଡିକ୍ସନାରି**

କ୍ୟାମ୍ବ୍ରିଜ ଡିକ୍ସନାରିରେ ୨୦୨୫ ବର୍ଷର ୱାର୍ଡ ଅଫ୍ ଦି ଇୟର ଭାବେ ମାନ୍ୟତା ପାଇଛି 'ପାରାସୋସିଆଲ', ଯାହାର ଅର୍ଥ ହେଉଛି ସେଲିବ୍ରିଟିଙ୍କ ପ୍ରତି ଏକତରଫା ଆକର୍ଷଣ। ଯଦି ଜଣେ ବ୍ୟକ୍ତି ଏଭଳି କୌଣସି ସେଲିବ୍ରିଟି, କାଳ୍ପନିକ ଚରିତ୍ର କିମ୍ବା ସାଧାରଣ ଜୀବନରେ ଥିବା ବ୍ୟକ୍ତିଙ୍କ ସହ ଏକତରଫା ଓ ଭାବନାତ୍ମକ ସମ୍ପର୍କ ଅନୁଭବ କରନ୍ତି, ଯାହାଙ୍କୁ ସେ ବ୍ୟକ୍ତିଗତ ଭାବେ ଜାଣି ନ ଥାନ୍ତି ତାକୁ ପାରାସୋସିଆଲ ରିଲେଶନ୍ କୁହାଯାଏ। ଟିଭି, ଫିଲ୍ମ, ପୋଡ୍‌କାଷ୍ଟ ଭଳି ମିଡିଆ କିମ୍ବା ସାମାଜିକ ଗଣମାଧ୍ୟମ ଜରିଆରେ ଏହି ସମ୍ପର୍କ ବିକଶିତ ☞ପୃଷ୍ଠା-୪


DSPL - 363



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ପିଏମ୍ କିଷାନ ସମ୍ମାନ ନିଧି**

ଆଭାସୀ ମାଧ୍ୟମରେ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ

୩୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଭାଇଭଉଣୀଙ୍କୁ

୨୧ତମ କିସ୍ତିରେ ୭୦୦ କୋଟି ଟଙ୍କା ହସ୍ତାନ୍ତର

ଗରିମାମୟ ଉପସ୍ଥିତି

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟ କାର୍ଯ୍ୟକ୍ରମ
କୋଏମ୍ବାଟୁର, ତାମିଲନାଡୁ

ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ
କୃଷି ଭବନ ପ୍ରେକ୍ଷାଳୟ, ଭୁବନେଶ୍ୱର

୧୯ ନଭେମ୍ବର ୨୦୨୫

OIPR:

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

## ଦିଲ୍ଲୀରେ ଆଜି




ବାୟୁ ପ୍ରଦୂଷଣ ରୋକିବାକୁ ତୁରନ୍ତ ପଦକ୍ଷେପ ଦାବିରେ ମଙ୍ଗଳବାର ଦିଲ୍ଲୀର ଯନ୍ତରମନ୍ତରଠାରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଓ ଦିଲ୍ଲୀବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ– ଚମନ ଗୌତମ)


# ଅନ୍‌ମୋଲ ବିଷ୍ଣୋଇ ଆମେରିକାରୁ ପ୍ରତ୍ୟର୍ପିତ

**ନୂଆଦିଲ୍ଲୀ,୧୮।୧୧**

ଏନ୍‌ସିପି ନେତା ବାବା ସିଦ୍ଦିକି ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତ ଥିବା ଅନମୋଲ ବିଷ୍ଣୋଇଙ୍କୁ ଆମେରିକା ପ୍ରତ୍ୟର୍ପଣ କରିଛି। ତାଙ୍କୁ ଖୁବ୍‌ଶୀଘ୍ର ଭାରତ ଅଣାଯିବ। ଅନମୋଲଙ୍କ ପ୍ରତ୍ୟର୍ପଣ ପ୍ରକ୍ରିୟା ଶେଷ ହୋଇଛି ଓ ଆମେରିକା ସରକାର ତାଙ୍କୁ ବିଦା କରିସାରିଛନ୍ତି। ସେ ବୁଧବାର ଭାରତରେ ପହଞ୍ଚିବେ ବୋଲି ଆଶା କରାଯାଉଛି। ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ସାନଭାଇ ଅନମୋଲ ଅନେକ ଆପରାଧିକ ମାମଲାରେ



ସମ୍ପୃକ୍ତ। ୨୦୨୨ ମେ'ରେ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କୁ ହତ୍ୟା ଏବଂ ୨୦୨୪ ଅକ୍ଟୋବରରେ ବାବା ସିଦ୍ଦିକି ହତ୍ୟା ଘଟଣାରେ ସେ ମୁଖ୍ୟ ଅଭିଯୁକ୍ତ। ଗତ ଏପ୍ରିଲ ୧୪ରେ ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଘର ବାହାରେ ଗୁଳିକାଣ୍ଡ ପଛରେ ତାଙ୍କ ସମ୍ପୃକ୍ତି ଥିଲା। ଅନ୍‌ମୋଲଙ୍କ ସମ୍ପର୍କରେ ସୂଚନା ଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଏନ୍‌ଆଇଏ ଘୋଷଣା କରିବା ସହ ତାଙ୍କୁ ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରଖିଥିଲା। ଅନମୋଲ ଜାଲ୍ ପାସ୍‌ପୋର୍ଟ ବଳରେ ୨୦୨୩ରେ ଭାରତରୁ ପଳାଇଥିଲେ।




# ପ୍ରତି ୮ ମିନିଟ୍‌ରେ ଜଣେ ପିଲା ନିଖୋଜ ହେଉଛନ୍ତି

## ଗମ୍ଭୀର ପ୍ରସଙ୍ଗ କହିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୮।୧୧(ପି.ଟି.)**



ଦେଶରେ ପ୍ରତି ୮ ମିନିଟ୍‌ରେ ଜଣେ ପଲା ନିଖୋଜ ହେଉଥିବା ଖବର ପ୍ରକାଶ ପାଇବା ପରେ ସୁପ୍ରିମକୋର୍ଟ ମଙ୍ଗଳବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଦେଶରେ ପୋଷ୍ୟଗ୍ରହଣ ପ୍ରକ୍ରିୟା ଜଟିଳ ହୋଇଥିବାବେଳେ ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ନାଗରତ୍ନା କହିଛନ୍ତି, ଦେଶରେ ପ୍ରତି ୮ ମିନିଟ୍‌ରେ ଜଣେ ଶିଶୁ ନିଖୋଜ ହେଉଥିବା ସେ ଏକ ଖବରକାଗଜରୁ ପଢ଼ିଛନ୍ତି। ତେବେ ଏହା ସତ କି ନୁହେଁ, ସେ ତାହା ଜାଣି ନାହାନ୍ତି। ତେବେ ଏହା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ। ପୋଷ୍ୟଗ୍ରହଣ ପ୍ରକ୍ରିୟା ଜଟିଳ ହୋଇଥିବାରୁ ଲୋକେ ପିଲା ପାଇବା ପାଇଁ ବେଆଇନ ପନ୍ଥା ଆପଣାଉଛନ୍ତି। ନିଖୋଜ ପିଲା ସମ୍ପର୍କିତ ମାମଲାଗୁଡ଼ିକର ପରିଚାଳନା ପାଇଁ ନୋଡାଲ ଅଫିସର ନିଯୁକ୍ତି ନିମନ୍ତେ ୬ ସପ୍ତାହ ସମୟ ଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟି ନିବେଦନ କରିଥିଲେ। ୬ ସପ୍ତାହ ସମୟ ଦେବାକୁ ଖଣ୍ଡପୀଠ ମନା କରିବା ସହ ଡିସେମ୍ବର ୯ ସୁଦ୍ଧା ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିଖୋଜ ଶିଶୁ ମାମଲା ପରିଚାଳନା ନିମନ୍ତେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଜଣେ ଲେଖାଏ ନୋଡାଲ ଅଫିସର ନିୟୋଜିତ କରିବାକୁ ପରାମର୍ଶ ଦେବା ଲାଗି ଗତ ଅକ୍ଟୋବର ୧୪ରେ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପିଲା ନିଖୋଜ ନେଇ ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମିଶନ ବାତ୍ସଲ୍ୟ ପୋର୍ଟାଲରେ ଅଭିଯୋଗ ଆସିଲେ, ସମ୍ପୃକ୍ତ ନୋଡାଲ ଅଫିସରଙ୍କୁ ଜଣାଇବା ପାଇଁ କୁହାଯାଇଥିଲା।

# ଆଜି ପିଏମ୍ କିଷାନର ୨୧ତମ କିସ୍ତି

**ନୂଆଦିଲ୍ଲୀ,୧୮।୧୧**

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୨୧ତମ କିସ୍ତି ବୁଧବାର ପ୍ରେରଣ କରାଯିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତି ଯୋଗ୍ୟ କୃଷକଙ୍କ ବ୍ୟାଙ୍କ ଖାତାକୁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଜରିଆରେ ୨,୦୦୦ ଟଙ୍କା ଲେଖାଏ ପଠାଇବେ। ଦେଶର ଅନେକ ଲକ୍ଷ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ଦିଗରେ ଏହା ଏକ ବଡ଼ ପଦକ୍ଷେପ। ପିଏମ୍ କିଷାନରେ ପଞ୍ଜୀକୃତ ହୋଇ ଥିବା ଚାଷୀ ଇ-କେୱାଇସି କରିବା ବାଧ୍ୟତାମୂଳକ। ଚାଷୀମାନେ ପିଏମ୍-କିଷାନ ପୋର୍ଟାଲରେ ଏହା କରିପାରିବେ। ଏଥିସହିତ ନିକଟସ୍ଥ ଜନସେବା କେନ୍ଦ୍ରରେ ବାୟୋମେଟ୍ରିକ୍ ଇ-କେୱାଇସି ହୋଇପାରିବ।

# ଆତ୍ମଘାତୀ ବିସ୍ଫୋରଣକୁ ଶହୀଦ କାର୍ଯ୍ୟ କହିଥିଲେ ଉମର

## ପଦାକୁ ଆସିଲା ଦିଲ୍ଲୀ ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତଙ୍କ ଭିଡିଓ

**ନୂଆଦିଲ୍ଲୀ,୧୮।୧୧**

ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣର ସପ୍ତାହେ ପରେ ମୁଖ୍ୟ ଅଭିଯୁକ୍ତ ଡା. ଉମର ଉନ୍ ନବୀଙ୍କ ଦ୍ୱାରା ରେକର୍ଡ ହୋଇଥିବା ଏକ ଭିଡିଓ ପଦାକୁ ଆସିଛି, ଯେଉଁଥିରେ ସେ ଆତ୍ମଘାତୀ ବିସ୍ଫୋରଣକୁ ଶହୀଦର କାର୍ଯ୍ୟ ବୋଲି କହିଛନ୍ତି। ସୁଇସାଇଡ୍ ବମ୍ବିଂ ଅତ୍ୟନ୍ତ ଅବୋଧ ଧାରଣା। ଏହା ଶହୀଦ ପ୍ରାପ୍ତ ହେବା ସଞ୍ଚାଳନ। ଏହା ବିରୋଧରେ ଅନେକ ବିତର୍କ ଓ ମତଭେଦ ରହିଛି। ଜଣେ ବ୍ୟକ୍ତି ଯେତେବେଳେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଓ ଏକ ନିର୍ଦ୍ଦିଷ୍ଟ ସମୟରେ ମରିବେ ବୋଲି ସୁନିଶ୍ଚିତ ହୋଇଯାଆନ୍ତି, ସେତେବେଳେ ସେ ନିର୍ଦ୍ଦିଷ୍ଟ ସ୍ଥିତିରେ ମରିବାକୁ ଯାଉଥିବା ଅନୁମାନ ବିରୋଧରେ ଯାଇଥାନ୍ତି ବୋଲି ଉମର କହିଛନ୍ତି। ଗତ ୧୦ ତାରିଖ ସନ୍ଧ୍ୟା ୬ଟା ୫୨ ମିନିଟ୍ ସମୟରେ ଲାଲ୍‌କିଲ୍ଲା ନିକଟରେ ଧୀରଗତିରେ ଯାଉଥିବା ଏକ ଆଇ୨୦ କାର୍ ବିସ୍ଫୋରଣ ହୋଇ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ଉମର ନବୀ ଏହି କାର୍‌କୁ ଚଳାଉଥିଲେ। ଏହି ଆକ୍ରମଣର ଷ ଡ଼ ଯ ନ୍ତ୍ର କ । ର 1 ମ । ନେ ଡ୍ରୋନ୍‌କୁ ବିସ୍ଫୋରକ ଏବଂ ରକେଟ ଭଳି ବ୍ୟବହାର କରି ବଡ଼ଧରଣର ଆକ୍ରମଣ କରିବାକୁ ଯୋଜନା ରଖିଥିଲେ ବୋଲି ଗିରଫ ହୋଇଥିବା ଉମରଙ୍କ ମୁଖ୍ୟ ସହଯୋଗୀଙ୍କଠାରୁ ଏନ୍‌ଆଇଏ ଜାଣିବାକୁ ପାଇଛି। ଶ୍ରୀନଗରରୁ ଗିରଫ ହୋଇଥିବା ଜସିର ବିଲାଲ ୱାନି ଓରଫ ଡାନିସ୍ ଜଣେ ସକ୍ରିୟ ଷଡ଼ଯନ୍ତ୍ରକାରୀ ବୋଲି ଜଣାପଡ଼ିଛି।

# ଭାରତୀୟଙ୍କ ପାଇଁ ଭିଜାମୁକ୍ତ ଭ୍ରମଣ ସୁବିଧା ବନ୍ଦକଲା ଇରାନ

**ତେହରାନ,୧୮।୧୧**

ଆସନ୍ତା ୨୨ ତାରିଖରୁ ଭାରତୀୟମାନେ ଆଉ ବିନା ଭିଜାରେ ଇରାନରେ ପ୍ରବେଶ କରିପାରିବେ ନାହିଁ। ଜାଲିଆତି ଓ ଚୋରାଚାଲାଣ ମାମଲା ବଢୁଥିବାରୁ ତେହରାନ ଭିଜାମୁକ୍ତ ଭ୍ରମଣ ସୁବିଧାକୁ ସ୍ଥଗିତ ରଖିଛି। ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ଲକ୍ଷ୍ୟରେ ଇରାନ ଭାରତୀୟଙ୍କ ପାଇଁ ଭିଜାମୁକ୍ତ ଭ୍ରମଣ ସୁବିଧା ୨୦୨୪ ଫେବୃଆରୀରେ ଆରମ୍ଭ କରିଥିଲା। ତେବେ ଭାରତୀୟମାନେ ନିଯୁକ୍ତିର ମିଥ୍ୟା ପ୍ରତିଶ୍ରୁତି କିମ୍ବା ଅନ୍ୟ ଦେଶକୁ ଯିବାର ପ୍ରତିଶ୍ରୁତି ଦ୍ୱାରା ପ୍ରଲୋଭିତ ହୋଇ ଇରାନ ଆସୁଥିବା ଜଣାପଡ଼ିବା ପରେ ତେହରାନ ଏଭଳି ପଦକ୍ଷେପ ନେଇଛି।

# ଡାକ୍ତର, ନବଜାତ ସମେତ ୪ ଜଳିଗଲେ



**ଅହମଦାବାଦ,୧୮।୧୧**

ଗୁଜରାଟର ଆରାବଳି ଜିଲା ଅନ୍ତର୍ଗତ ମୋଦାସା ନିକଟରେ ଏକ ଆମ୍ବୁଲାନ୍ସରେ ନିଆଁ ଲାଗିଯିବାରୁ ଜଣେ ନବଜାତ ଓ ଜଣେ ଡାକ୍ତରଙ୍କ ସମେତ ୪ ଜଣ ଜଳିଯାଇଛନ୍ତି। ଆମ୍ବୁଲାନ୍ସରେ ଥିବା ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ପୋଲିସ ପକ୍ଷରୁ ସବିଶେଷ ଫୋରେନ୍‌ସିକ ତଦନ୍ତ ଆରମ୍ଭ ହୋଇଛି। ଗୁରୁତର ଅସୁସ୍ଥ ଥିବା ଶିଶୁଟିକୁ ଆମ୍ବୁଲାନ୍ସ ଯୋଗେ ଅହମଦାବାଦ ନିଆଯାଉଥିବାବେଳେ ରାତି ୧ଟା ବେଳେ ତାହା ଜଳିଯାଇଥିଲା। ମୋଦାସା ଧନସୁରା ଜାତୀୟ ରାଜପଥର ଏକ ପେଟ୍ରୋଲ ପମ୍ପ୍ ବାହାରେ ଆମ୍ବୁଲାନ୍ସ ଜଳୁଥିବା ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି।



# କୁଳପତି ଚୟନ: ବ୍ୟବସ୍ଥାକୁ ନେଇ ସନ୍ଦେହ

ଭୁବନେଶ୍ୱର, ୧୮।୧୧(ସୁନିତ୍ ମିଶ୍ର)

ରାଜ୍ୟରେ ଏବେ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ବ୍ରହ୍ମପୁର ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ରହିଛନ୍ତି। ଉକ୍ତ ସରକାରୀ ବିଶ୍ୱବିଦ୍ୟାଳୟଗୁଡିକ ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଜିଏମ୍ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ୍ ବିଶ୍ୱବିଦ୍ୟାଳୟ, ଏସ୍‌ଜେଏସ୍ ବିଶ୍ୱବିଦ୍ୟାଳୟ, ଆର୍‌ଡି ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଡିଡି ବିଶ୍ୱବିଦ୍ୟାଳୟ, ଭିଡି ବିଶ୍ୱବିଦ୍ୟାଳୟ, ଏମ୍‌ଏସ୍ ଆଇନ ବିଶ୍ୱବିଦ୍ୟାଳୟ ଏବଂ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ। ହେଲେ ଏଥିମଧ୍ୟରୁ ୧୫ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି। ଅଧିକାଂଶ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନ ଥିବା ବିଷୟକୁ ନେଇ ବିଧାନସଭା ଭିତରେ ଏବଂ ବାହାରେ ସରକାରଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଖାଲି ପଡ଼ିଥିବା ବିଶ୍ୱବିଦ୍ୟାଳୟଗୁଡିକରେ କୁଳପତି ପଦବୀ ପୂରଣ କରିବାକୁ ଗତ ମୌସୁମୀ ଅଧିବେଶନ ସମୟରେ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍, ୨୦୨୫ ଆଗତ କରାଯାଇଥିବା ବେଳେ ତାହା ଆଇନରେ ପରିଣତ ହୋଇସାରିଛି। ଏହି ସଂଶୋଧିତ ବିଲ୍ ଆଧାରରେ ସରକାର କୁଳପତି ଚୟନ କରିବାକୁ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ କୁଳପତି ଚୟନକୁ ପାଇଁ ପ୍ରସ୍ତୁତ କରାଯାଇଥିବା ଆଇନକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାରଙ୍କ ପୂର୍ବତନ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ତଥା ବିଶ୍ୱ ଶିକ୍ଷକ ମହାସଂଘର ସଭାପତି ଅମିୟ କୁମାର ମହାନ୍ତି କୁଳପତି ଚୟନ ପ୍ରକ୍ରିୟାକୁ ନେଇ ଏକ ପ୍ରକାର ପ୍ରଶ୍ନ ଉଠାଇବା ସହ କହିଛନ୍ତି, ବିଶ୍ୱବିଦ୍ୟାଳୟ ହେଉଛି ଶୈକ୍ଷିକ ଦୃଷ୍ଟିକୋଣରୁ ଏକ ସର୍ବୋଚ୍ଚ ଅନୁଷ୍ଠାନ। ଏଥିରେ କୁଳପତିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେଉଁ ବ୍ୟବସ୍ଥାରେ ଏବେ ସରକାର କୁଳପତି ଚୟନ କରିବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ସେଥିରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ସରକାର ଆଣିଥିବା ଆଇନରେ ରାଜନୀତି ସହ ଜଡ଼ିତ କାରଣକୁ ବିଶେଷ ପ୍ରାଧାନ୍ୟ ଦିଆଯାଉଥିବା ଶୁଣିବାକୁ ମିଳୁଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ୨୦୨୫ ଅନୁଯାୟୀ, କୌଣସି ବିଶ୍ୱବିଦ୍ୟାଳୟର କୁଳପତି ଚୟନ ପାଇଁ ଏକ ଚୟନ କମିଟି ରହିଛି, ଯେଉଁଥିରେ ୟୁଜିସି(ୟୁନିଭର୍ସିଟି ଗ୍ରାଣ୍ଟ କମିଶନ), ସିଣ୍ଡିକେଟ୍ ଏବଂ କୁଳାଧିପତି(ରାଜ୍ୟପାଳ)ଙ୍କ ଦ୍ୱାରା ନୋମିନେଟେଡ୍ ଜଣେ ଲେଖା ସଦସ୍ୟ ରହିବେ। କୁଳାଧିପତିଙ୍କ ଦ୍ୱାରା ନୋମିନେଟେଡ୍ ହୋଇଥିବା ସଦସ୍ୟ ହିଁ ଚୟନ କମିଟିର ଅଧ୍ୟକ୍ଷ ରହିବେ। କୁଳାଧିପତି ଯାହାକୁ ନୋମିନେଟ୍ କରିବେ ସେଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୩ ଜଣଙ୍କ ନାମ ସୁପାରିସ କରାଯିବ। ସେହି ୩ଟି ନାମ ମଧ୍ୟରୁ ହିଁ କୁଳାଧିପତି ଜଣଙ୍କୁ ସଦସ୍ୟ ଭାବେ ମନୋନୀତ କରିପାରିବେ। ୟୁଜିସିର ଯିଏ ସଦସ୍ୟ ହେବେ ତାହା ସମ୍ପୂର୍ଣ୍ଣ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣାଧୀନ। ସିଣ୍ଡିକେଟ୍ ହେଉଛି ବିଶ୍ୱବିଦ୍ୟାଳୟ ପରିଚାଳନାର ସର୍ବୋଚ୍ଚ କର୍ତ୍ତୃପକ୍ଷ। ସିଣ୍ଡିକେଟ୍‌ରେ ଯେଉଁମାନେ ସଦସ୍ୟ ଥାଆନ୍ତି ସେମାନେ ସମସ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ପ୍ରକାର ମନୋନୀତ ହୋଇଥାଆନ୍ତି। ଏଥିରେ ଯେଉଁ ୪ ଜଣ ଶିକ୍ଷାବିତ୍‌ଙ୍କୁ କୁଳାଧିପତି ମନୋନୀତ କରିଥାଆନ୍ତି ସେମାନଙ୍କ ନାମ ମଧ୍ୟ ପ୍ରାୟତଃ ରାଜ୍ୟ ସରକାରଙ୍କ ପକ୍ଷରୁ ସୁପାରିସ କରାଯାଇଥାଏ। ଗୋଟିଏ ବିଶ୍ୱବିଦ୍ୟାଳୟର କୁଳପତି ହେବାକୁ ହେଲେ ସରକାରଙ୍କ ଆଣିଥିବା ଆଇନ ମୁତାବକ, ଜଣେ କୌଣସି ବିଶ୍ୱବିଦ୍ୟାଳୟରେ ୧୦ ବର୍ଷ ଧରି ପ୍ରଫେସର ଭାବେ କାର୍ଯ୍ୟ କରିଥିବେ ଏବଂ ତାଙ୍କର କିଛି ଗବେଷଣାତ୍ମକ ସନ୍ଦର୍ଭ ଥିବ ଏବଂ ତାହା ପ୍ରକାଶ ପାଇଥିବ। ସେହି ଆଧାରରେ କୁଳପତି ଚୟନକରିବା ନେଇ ଯେତେବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି ତାକୁ ନେଇ ପ୍ରଶ୍ନ ମଧ୍ୟ ଉଠିଲାଣି।

କାରଣ କୁଳାଧିପତି ଯାହାକୁ ଚୟନ କମିଟିର ସଦସ୍ୟ କରିବେ ସେମାନଙ୍କ ନାମ ରାଜ୍ୟ ସରକାର ଦେବେ। ତେଣୁ ଏଥିରେ କୁଳାଧିପତିଙ୍କ ସେପରି କୌଣସି ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁ ନ ଥିବା ଅନେକ ଶିକ୍ଷାବିତ୍ ପ୍ରଶ୍ନ ଉଠାଉଛନ୍ତି। ସେହିପରି ୟୁଜିସି କେନ୍ଦ୍ର ସରକାରଙ୍କ ଅଧୀନରେ ଥିବାବେଳେ କେନ୍ଦ୍ରରେ ଏବେ ଭାଜପା ଶାସନାଧୀନ ଏନ୍‌ଡିଏର ଶାସନ ରହିଛି। କେନ୍ଦ୍ର ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ୟୁଜିସି ଆସୁଥିବା ବେଳେ ଏହାର ମନ୍ତ୍ରୀ ଭାବେ ଓଡ଼ିଶାର ଜଣେ ସାଂସଦ ରହିଛନ୍ତି। ସେହିପରି ସିଣ୍ଡିକେଟ୍ ମଧ୍ୟ ସମ୍ପୂର୍ଣ୍ଣ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ ଥିବାବେଳେ ସେଥିରୁ ଜଣେ ସଦସ୍ୟ କମିଟିରେ ରହିବା ଯୋଗୁ ଏବେ ଏହାକୁ ନେଇ ଅନେକ ଶିକ୍ଷିତ କୁଳପତି ଚୟନରେ ସ୍ୱଚ୍ଛତା ନ ରହିବାର ଅଧିକ ସମ୍ଭାବନା ଥିବା କଥା କହୁଛନ୍ତି। ଯେହେତୁ ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ରହିଛି। ତେଣୁ କୁଳପତି ଚୟନ କମିଟିର ସମସ୍ତ ସଦସ୍ୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ସରକାରଙ୍କ ଦ୍ୱାରା ମନୋନୀତ ପ୍ରାର୍ଥୀ ରହୁଛନ୍ତି ସେଥିପାଇଁ ଅନେକାଂଶରେ ଚୟନ ପ୍ରକ୍ରିୟାରେ ବିଚାରଗତ ସମ୍ଭାବନା କଥା ଅନେକଙ୍କ ମୁହଁରୁ ଶୁଣାଯିବା ସ୍ୱାଭାବିକ। ଏହି ବିଷୟକୁ ନେଇ ବିଧାନସଭା ଭିତରେ ଶାସକ ଏବଂ ବିରୋଧୀଙ୍କ ମଧ୍ୟରେ ଲମ୍ବା ଆଲୋଚନା ମଧ୍ୟ ଦେଖିବାକୁ ମିଳିଥିଲା।


ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର ନିଜ ଚାକିରି ଉପରେ ପ୍ରଶ୍ନ ଉଠିବା ସମ୍ଭାବନାକୁ ଧ୍ୟାନରେ ରଖି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଦୀର୍ଘ ସମୟ ଧରି ପଦ ଅବଧି ବୃଦ୍ଧି ଓ ରାଜ୍ୟର ଅଧିକାଂଶ ବିଶ୍ୱବିଦ୍ୟାଳୟରେ କୁଳପତି ନାହାନ୍ତି। ରାଜ୍ୟ ସରକାର ଗତ ଜୁନ୍ ୩ ତାରିଖରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଛାତ୍ରୀଛାତ୍ର, କର୍ମଚାରୀ ଏବଂ ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ଆଶା ଥିଲା, ସରକାର ଯୋଗ୍ୟତା, ଶିକ୍ଷାଗତ ନେତୃତ୍ୱ ସାମର୍ଥ୍ୟ ଏବଂ ଜାତୀୟ ଆନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଗବେଷଣା, ପୁସ୍ତକ ଓ ପ୍ରବନ୍ଧ କ୍ଷେତ୍ରରେ ଅଭିଜ୍ଞତା ଥିବା ଶିକ୍ଷାବିତ୍‌ମାନଙ୍କୁ ନିଯୁକ୍ତି ଦେବେ। ଏହି ପଦଗୁଡିକ ପାଇଁ ଦେଶ ଓ ବିଦେଶରୁ ୩୫୨ ଜଣ ଆବେଦନ ମଧ୍ୟ କରିଥିଲେ। ମାତ୍ର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ସଂସ୍କୃତ ବିଶ୍ୱବିଦ୍ୟାଳୟଙ୍କ ସର୍ଟଲିଷ୍ଟିଂ କମିଟିଗୁଡ଼ିକ ଶିକ୍ଷାଗତ ଅଭିଜ୍ଞତା ନ ଥିବା ଏବଂ ୟୁଜିସି ନିର୍ଦ୍ଧାରଣ କରିଥିବା ମାନଦଣ୍ଡକୁ ପାଳନ ନ କରି ଅଯୋଗ୍ୟ ପ୍ରାର୍ଥୀମାନଙ୍କୁ କୁଳପତି କରିବାକୁ ବାଛିଛନ୍ତି। ହେଲେ ବିଶ୍ୱବିଦ୍ୟାଳୟଗୁଡିକରେ କୁଳପତି ଚୟନ ପ୍ରକ୍ରିୟାରେ ଯୋଗ୍ୟତା ଓ ମେରିଟ୍ ଅପେକ୍ଷା ରାଜନୈତିକ ଓ ବିଚାରଗତ ଦିଗକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ଦେଖିବାକୁ ମିଳୁଛି। ଏବେ ଯେଉଁମାନେ ଉପରୋକ୍ତ ୩ ବିଶ୍ୱବିଦ୍ୟାଳୟ ଲାଗି ସର୍ଟଲିଷ୍ଟ ହୋଇଛନ୍ତି ସେମାନେ ନା ପରିଚିତ ଶିକ୍ଷାବିତ୍ ନା ସେମାନଙ୍କ ଶିକ୍ଷାଦାନ ଅଭିଜ୍ଞତା ଅଛି। କୁଳପତି ପଦବୀ ପାଇଁ କରାଯାଇଥିବା କ୍ୟାଣ୍ଡିଡେଟ୍ ସର୍ଟଲିଷ୍ଟ ଓ ନିଯୁକ୍ତି ପ୍ରକ୍ରିୟା ଯୋଗ୍ୟତା, ମେରିଟ୍ ଏବଂ ଶିକ୍ଷାଗତ ଅଭିଜ୍ଞତା ଆଧାରରେ କରା ନ ଯାଇ ରାଜନୈତିକ ଉଦ୍ଦେଶ୍ୟ ବା ଚାପରେ କରାଯାଇଛି। ଏପରି ନିଯୁକ୍ତି ପ୍ରକ୍ରିୟା ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଗଭୀର ସଙ୍କଟରେ ପକାଇବା ସହ ବିଶ୍ୱବିଦ୍ୟାଳୟକୁ ଦିଗହରା କରିବ। ଏହାଛଡ଼ା ଯୋଗ୍ୟ ନେତୃତ୍ୱର ଅଭାବ ଛାତ୍ର ସମାଜ ଓ କର୍ମଚାରୀଙ୍କୁ ପ୍ରଭାବିତ କରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରେଭେନ୍‌ଶା, ଉତ୍କଳ ଏବଂ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ଚୟନ ଲାଗି ୩ ଜଣ ଲେଖା ନାମ ଚୟନ କାର୍ଯ୍ୟ ସରିଥିବା ବେଳେ ଆସନ୍ତା ୨୭ ତାରିଖରେ ଏନେଇ ଏକ ସାକ୍ଷାତ୍କାର ହେବ। ଏହାପରେ କୁଳାଧିପତିଙ୍କ ନାମ ଘୋଷଣା କରିବେ ବୋଲି ଜଣାପଡ଼ିଛି।

# ୨୧ରେ ରାଜ୍ୟ କ୍ୟାବିନେଟ୍ | ପ୍ରତିଫଳିତ ହେବ ଭିଜନ-୨୦୩୬

ଭୁବନେଶ୍ୱର,୧୮।୧୧ (ରବିନାରାୟଣ ଜେନା)

ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି। ଏହି କ୍ରମରେ ରାଜ୍ୟ ସରକାର ବିକାଶର ଗତିକୁ ତ୍ୱରାନ୍ୱିତ କରିବା ଲାଗି ନଭେମ୍ବର ୨୧ରେ ରାଜ୍ୟ କ୍ୟାବିନେଟ୍ ବୈଠକ ଆଣିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ ବୈଠକରେ ୬-୭ଟି ବିଭାଗର ପ୍ରାୟ ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବାକୁ ପ୍ରାଥମିକ ପର୍ଯ୍ୟାୟରେ ସ୍ଥିର ହୋଇଛି। ଏଥିପାଇଁ ଜଳସମ୍ପଦ, ପଞ୍ଚାୟତିରାଜ, ସାଧାରଣ ପ୍ରଶାସନ, ଅର୍ଥ ଓ ଅନ୍ୟାନ୍ୟ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ଇତିମଧ୍ୟରେ ୨୮ଟିରୁ ଅଧିକ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିସାରିଛି। ସେଥିମଧ୍ୟରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲାଗି 'ସୁଭଦ୍ରା' ଯୋଜନା କାର୍ଯ୍ୟକାରୀଠାରୁ ଆରମ୍ଭକରି ଚାଷୀଙ୍କୁ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ, ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମାସିକ ୩,୫୦୦ ଟଙ୍କାର ଭତ୍ତା ଭଳି ଯୋଜନାମାନ ରହିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୭ରେ ବିଧାନସଭାର ଶୀତକାଳୀନ ଅଧିବେଶନ ତଥା ଅତିରିକ୍ତ ବଜେଟ ଅନୁଷ୍ଠିତ ହେବାକୁ ରହିଛି। ଏହାକୁ ଦୃଷ୍ଟିରେରଖି କ୍ୟାବିନେଟ୍‌ରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।




# ୨ରୁ ୩ ଡିଗ୍ରୀ ବଢ଼ିବ ରାତି ତାପମାତ୍ରା

ଭୁବନେଶ୍ୱର, ୧୮।୧୧(ବନ୍ଦନା ସେଠୀ)

ରାଜ୍ୟରେ ଶୀତ ଲହରି ଜାରି ରହିଛି। ଆସନ୍ତା ୭ଦିନ ଯାଏ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଆଗାମୀ ୩ଦିନ ମଧ୍ୟରେ ରାତିର ତାପମାତ୍ରା ୨ରୁ ୩ ଡିଗ୍ରୀ ବଢିବ। ସେହିପରି ତାପମାତ୍ରା ସାମାନ୍ୟ ବଢ଼ିଲେ ମଧ୍ୟ ଶୀତର ପ୍ରକୋପ ଜାରି ରହିବା ସହ କିଛି ସ୍ଥାନରେ ଘନ କୁହୁଡି ଦୃଶ୍ୟମାନ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅପରପକ୍ଷେ ଗତ ୨୪ ଘଣ୍ଟାରେ ୨୨ଟି ଜିଲାର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ତେବେ କନ୍ଧମାଳ ଜିଲା ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଦାରିଙ୍ଗବାଡି ଏବଂ ଫୁଲବାଣୀରେ ୮ଡିଗ୍ରୀ, ଅନୁଗୋଳ ୯.୮, ଝାରସୁଗୁଡା ୧୦.୧, ଭବାନୀପାଟଣା ୧୦.୪, ନବରଙ୍ଗପୁର ୧୧, ରାଉରକେଲା ଓ କୋରାପୁଟରେ ୧୧.୫, ସୁନ୍ଦରଗଡ଼ ୧୨, କେନ୍ଦୁଝର ୧୨.୬, ଢେଙ୍କାନାଳ ଏବଂ ରାୟଗଡ଼ାରେ ୧୩ଡିଗ୍ରୀ, ପାରଳାଖେମୁଣ୍ଡି ୧୩.୪, ଟିଟିଲାଗଡ଼ ୧୩.୫, ସମ୍ବଲପୁର ୧୩.୮, କଟକ ୧୪, ଭୁବନେଶ୍ୱର ଏବଂ ମାଲକାନଗିରିରେ ୧୪.୧ ଡିଗ୍ରୀ, ନୟାଗଡ ୧୪.୨, ବରଗଡ଼ ୧୪.୪ ଏବଂ ହୀରାକୁଦରେ ୧୪.୮ ଡିଗ୍ରୀ ତାପମାତ୍ରା ରହିଥିଲା।

# ସୁଶୀଲ ମେହେର ଧନୁଯାତ୍ରା କଂସ

ବରଗଡ଼,୧୮।୧୧
(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ୨୪ରୁ ଆରମ୍ଭ ହେବ। ଦୀର୍ଘ ୧୧ଦିନ



ବ୍ୟାପୀ ୨୦୨୬ ଜାନୁଆରୀ ୩ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଏହି ମହୋତ୍ସବରେ ଅଭିନୟ କରିବା ପାଇଁ କଂସ ସମେତ ଅନ୍ୟ ପ୍ରମୁଖ ଚରିତ୍ର ନିମନ୍ତେ ମଙ୍ଗଳବାର କଳାକାର ଚୟନ କରାଯାଇଛି। ଏଥିରେ ବରଗଡ଼ ଜିଲା ଭେଡେନ ବ୍ଲକ ଚିଚିଣ୍ଡା ଗ୍ରାମର ସୁଶୀଲ କୁମାର ମେହେର ବରଗଡ଼ କଂସ ଅଭିନେତା ଭାବେ ମନୋନୀତ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲା ସୁନ୍ଦରଗଡ଼ ଟେଲିଫୋନ ଭବନର ପ୍ରଭାସ କୁମାର ତ୍ରିପାଠୀ ମୁଷ୍ଟିକ, ବଲାଙ୍ଗୀର ଜିଲା ରୋଡ୍ ନିକଟ ପଟାମୁଣ୍ଡାର ହିମାଂଶୁ ସାହୁ ଚାଣୁର, ବରଗଡ଼ ବ୍ଲକ ତୁରୁଙ୍ଗା ନିକଟ ଦେଓଗାଁର ଆର୍ତ୍ତତ୍ରାଣ ମହାପାତ୍ର ଉଗ୍ରସେନ, ସୋହେଲା ବ୍ଲକ ପଣ୍ଡକିପାଲିର କାମରାଜ ଭୋଇ ନାରଦ, ପାଇକମାଳ ବ୍ଲକ ଛିନ୍ଦେଇକେଲା ଗ୍ରାମର ମନୋଜ ସାହୁ କୁମାର ବସୁଦେବ, ସୋନପୁର ଜିଲା ବିନିକା ବ୍ଲକ ଆଖିଦାଦର ଗ୍ରାମର ଜଗନ୍ନାଥ ସାହୁ ଅକ୍ରୁର, ଭେଡେନ ବ୍ଲକ ଯୁଗୀପାଲି ଗ୍ରାମର ଜଗବନ୍ଧୁ ମହାଲିଙ୍ଗ ସାତ୍ୟକୀ, ଅମ୍ବାଭୋନା ବ୍ଲକ ବଡଧରା ଗ୍ରାମର ହେମନ୍ତ ପ୍ରଧାନ ସେନାପତି, ବରପାଲିର ଗୁଲାବ ଚନ୍ଦ୍ର ଦାଶ ମହାମନ୍ତ୍ରୀ, ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ .୧୯ ବ୍ରହ୍ମବିହାର ମୁଗ୍ଧା ଦାଶ ଦେବକୀ ଚରିତ୍ର ପାଇଁ ଚୟନ ହୋଇଛନ୍ତି। ଧନୁଯାତ୍ରା ମହୋତ୍ସବ ସମିତି ଉପସଭାପତି ବରଗଡ଼ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହା ଘୋଷଣା କରିଛନ୍ତି। ଘୋଷଣା ସମୟରେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ମଧ୍ୟ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ପ୍ରତି ୩ବର୍ଷରେ ଥରେ ଧନୁଯାତ୍ରା କଳାକାର ଚୟନ ପରମ୍ପରା ରହିଛି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଚିର ସବୁଜ ଗୀତ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୧୫।

**କଟକ**
- ଜିଲା ସାମାଜିକ କଲ୍ୟାଣ ବିଭାଗ ପକ୍ଷରୁ ବେଟି ବଚାଓ ବେଟି ପଢ଼ାଓ କର୍ମଶାଳା, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପିଏମ୍ କିଶାନ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ, ସ୍ଥାନ: କୃଷକ ତାଲିମ ଓ ଦକ୍ଷତା ବିକାଶ କେନ୍ଦ୍ର, ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ଜଗତପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ ପିଏମ୍ କିଶାନ ୨୧ତମ କିସ୍ତି ପ୍ରଦାନର ସିଧା ପ୍ରସାରଣ ଓ କୃଷକ ସହ ମତ ବିନିମୟ, ସ୍ଥାନ: ଏମ୍‌କେସିଜି ପ୍ରେକ୍ଷାଳୟ, ଅନୁଷ୍ଠାନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଚୈତନ୍ୟ ସାହୁ ସ୍ନାତକ ବିଜ୍ଞାନ ଓ କଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ନୂଆପାଟଣା, ତିଗିରିଆ, ସମୟ: ଅପରାହ୍ନ ୧ଟା।
- ଛାତ୍ରୀଛାତ୍ରମାନଙ୍କ ପାଇଁ ଜିଲାସ୍ତରୀୟ ଉତ୍ସବ ସର୍ଗିଫୁଲ-୨୦୨୫, ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ, ମାଧପୁର, ଆଠଗଡ଼, ସମୟ: ଅପରାହ୍ନ ୪ଟା।
- ସ୍ୱାଧୀନତା ସଂଗ୍ରାମୀ ତଥା ଆଇନଜ୍ଞ ଅମିତାଭ ମହାପାତ୍ରଙ୍କ ଶତବାର୍ଷିକୀ ଜୟନ୍ତୀ ଅବସରରେ ତୈଳଚିତ୍ର ଉନ୍ମୋଚନ, ସ୍ଥାନ: ହାଇକୋର୍ଟ ବାର୍ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।
- ଶଙ୍କରପୁର ବାଦାମବାଡ଼ି ପାଲା ମଣ୍ଡପର ୮୯ତମ ବାଦୀପାଲାର ଉଦ୍‌ଯାପନୀ ଦିବସ, ସ୍ଥାନ: ପାଲାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ପୁରୀ**
- ସାକ୍ଷୀଗୋପାଳ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: କୃଷିବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ବାଲେଶ୍ୱର**
- ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମରଣ ସଭା, ସ୍ଥାନ: କଂଗ୍ରେସ ଭବନ, ଜଳେଶ୍ୱରପୁର, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଦୀର୍ଘସ୍ଥାୟୀ ଶ୍ୱାସ ଅବରୋଧୀ ଫୁସ୍‌ଫୁସ୍ ରୋଗ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍‌ଲେ ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କିତ ସମନ୍ୱୟ ବୈଠକ, ସ୍ଥାନ: ଜିଲା ବନଖଣ୍ଡ କାର୍ଯ୍ୟାଳୟ, କୁରୁଡ଼ା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପିଏମ୍ କିସାନ ସମାରୋହ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଉତପଡ଼ା ସମବାୟ ସମିତି ବାର୍ଷିକ ସାଧାରଣ ସଭା, ସ୍ଥାନ: ରାଉତପଡ଼ା ସମିତି କାର୍ଯ୍ୟାଳୟ ସମ୍ମୁଖ, ରୁପସା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଲୋକ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଧାମନଗର, ସମୟ: ସକାଳ ୯ଟା।
- ହାଇସ୍କୁଲସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: କୋହ୍ଲ ସରକାରୀ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ପାଲା ପରିବେଷଣ, ସ୍ଥାନ: କଳାପାହାଡ଼ କାର୍ତ୍ତିକେଶ୍ୱର ପୂଜା ମଣ୍ଡପ, ବନ୍ତ, ସମୟ: ରାତି ୮ଟା।

**କେନ୍ଦୁଝର**
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ରୋଟାରୀ କ୍ଲବ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।

**ମୟୂରଭଞ୍ଜ**
- ପ୍ରଥମ ବାର୍ଷିକ ଉତ୍ସବ,ସ୍ଥାନ: ଜଗନ୍ନାଥ ମନ୍ଦିର, ବେତନଟୀ,ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା-୨୦୨୫, ସ୍ଥାନ: ପ୍ରାଣୀ ଚିକିତ୍ସାଳୟ ପରିସର, ପୁରୁଣା ବାରିପଦା, ଗୋପବନ୍ଧୁ ନଗର, ସମୟ: ସକାଳ ୯ଟା।
- ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ,ସ୍ଥାନ: ସର୍କିଟ ହାଉସ୍, ବାରିପଦା,ସମୟ: ମଧ୍ୟାହ୍ନ ୧୨ଟା।

**ବ୍ରହ୍ମପୁର**
- ଇନ୍ଦିରା ଗାନ୍ଧୀ ଜୟନ୍ତୀ ପାଳନ, ସ୍ଥାନ: ବାପୁଜୀ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମା କୁମାରୀ ଶାନ୍ତି କୁଣ୍ଡ ପକ୍ଷରୁ ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

**ଗଞ୍ଜାମ**
- ବ୍ଲକସ୍ତରୀୟ ବିଜ୍ଞାନ ମେଳା,ସ୍ଥାନ: ବୁଗୁଡ଼ା,କରବୁଲି ଶକୁନ୍ତଳା ଉଚ୍ଚ ମାଧ୍ୟମିକ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୦ଟା।

**ଅନୁଗୋଳ**
- ଏକତା ପଦଯାତ୍ରା, ସ୍ଥାନ: ଅନୁଗୋଳ ଷ୍ଟାଡିୟମ୍, ସମୟ: ସକାଳ ୯ଟା।
- ଅଲ୍‌ଇଣ୍ଡିଆ କୋଅପରେଟିଭ୍ ସପ୍ତାହ ପାଳନ, ସ୍ଥାନ: ଅନୁଗୋଳ ପୌରପାଳିକା ଟାଉନହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍ କିଷାନ ଦିବସ ପାଳନ, ସ୍ଥାନ: ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ଅପରାହ୍ନ ୨ଟା।

**ଜଗତ୍‌ସିଂହପୁର**
- ଏକତା ପଦଯାତ୍ରା, ସ୍ଥାନ: ବିବେକାନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ, ଜଗତ୍‌ସିଂହପୁର, ସମୟ: ସକାଳ ୭ଟା ୩୦।
- ଯୁକ୍ତ ୩ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ନେଇ ଶିକ୍ଷାନବିସ ଯୋଜନା ଉପରେ ଆଲୋଚନା, ସ୍ଥାନ: ସମ୍ମିଳନୀ କକ୍ଷ, ପାରାଦୀପ କଲେଜ, ସମୟ: ପୂର୍ବାହ୍ନ ୧୧ଟା।
- କିଶାନ ସମ୍ମାନ ସମାରୋହ, ସ୍ଥାନ: ନିମାଇଁ ଭବନ, ଟାଉନ ହଲ୍, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୧ଟା୩୦।

**କେନ୍ଦ୍ରାପଡ଼ା**
- ରାଜସ୍ୱ ସମ୍ପର୍କିତ ଅଭିଯୋଗ ଶୁଣାଣି ଶିବର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜାସୋବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଆ ବଜାର, ଭାଗବତପୁର, ସମୟ: ସନ୍ଧ୍ୟା ୭ଟା।

**ଯାଜପୁର**
- ସର୍ବଭାରତୀୟ ସମବାୟ ସପ୍ତାହ ପାଳନ, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା୩୦।
- ୭୭ତମ ଏନ୍‌ସିସି ଦିବସ ପରିପ୍ରେକ୍ଷୀରେ ରକ୍ତଦାନ ଶିବିର, ସ୍ଥାନ: ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଜିଲାସ୍ତରୀୟ ପିଏମ-କିଷାନ ଦିବସ, ସ୍ଥାନ : ଯାଜପୁର ଜିଲା ପରିଷଦ କନଫରେନ୍ସ ହଲ, ସମୟ : ଅପରାହ୍ନ ୧ଟା୩୦।
- କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ବ୍ୟାସନଗର ମାଲଗୋଦାମ ବଜାର, ସମୟ : ସନ୍ଧ୍ୟା ୭ଟା।

**ନୟାଗଡ଼**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ:ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା ୩୦।
- ୬୪ତମ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ 'ବି' ଗ୍ରୁପ୍‌ର ୪ର୍ଥ ଦିବସ ମ୍ୟାଚରେ ସ୍ପୋର୍ଟ୍ସ ହଷ୍ଟେଲ ନୟାଗଡ ବନାମ ଏମ୍‌କେଏସ୍‌ସି ବକ୍ସର ବିହାର, ସ୍ଥାନ: ଶରଣକୁଳ ନାରାୟଣ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।
- ଦେବ ଦୀପାବଳି ଆରମ୍ଭ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସଂଧ୍ୟା ୬ଟା।

**ନବରଙ୍ଗପୁର**
- ବ୍ଲକସ୍ତରୀୟ କିଶୋର ଏବଂ କିଶୋରୀଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ପୋଡ଼ାଲଗୁଡା ଗ୍ରାମସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମବାର୍ଷିକୀ ଅବସରରେ ପଦଯାତ୍ରା, ସ୍ଥାନ: ବଡ଼ଭରଣ୍ଡି, ସମୟ: ସନ୍ଧ୍ୟା ୭ଟା।

**କୋରାପୁଟ**
- ମ୍ୟୁନିସିପାଲିଟି ପରବ ଶୁଭାରମ୍ଭ, ସ୍ଥାନ: ମା' ମୁଠ୍ୟାଲୁମା ମନ୍ଦିର, ଟିକିରାସାହି, କୋରାପୁଟ, ସମୟ: ସକାଳ ୮ଟା।
- ପରବ ନେଇ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ, କୋରାପୁଟ, ସମୟ: ସକାଳ ୮ଟା।
- ପରବ ନେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: କୋରାପୁଟ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସର୍ଗିଫୁଲ କାର୍ଯ୍ୟକ୍ରମ, ସ୍ଥାନ: ଏସଏସଡି ବିଦ୍ୟାଳୟ ପରିସର, ସୁନାବେଡା-୧, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପର୍ଯ୍ୟଟନ ବିକାଶ ପରିଷଦର କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ପରବ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ପଞ୍ଚାୟତ ସଭାଗୃହ, କୋଟପାଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଦେବୋତ୍ତର କମିଟି ବୈଠକ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ବୈଠକ ଗୃହ, ନନ୍ଦପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଶହେ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଉଦ୍‌ଘାଟନ, ସ୍ଥାନ: ଲିମା ଆବାସିକ ଉଚ୍ଚ ବିଦ୍ୟାଳୟ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଗୁମୁଡା ପଞ୍ଚାୟତ, କୋଟପାଡ଼ ବ୍ଲକ୍, ସମୟ: ଅପରାହ୍ନ ୨ଟା।
- ପିଏମ୍ କିଷାନ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୨ଟା।

**ମାଲକାନଗିରି**
- ପି.ଏମ୍ କିଶାନ ସମ୍ମାନ ନିଧି କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି, ସମୟ: ମଧ୍ୟାହ୍ନ ୨ଟା।
- ଖଇରପୁଟ ବ୍ଲକର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତାଙ୍କ ଶପଥପାଠ, ସ୍ଥାନ:ସରକାରୀ ପ୍ରାଥମିକ ବିଦ୍ୟାଳୟ, କୁମାରପୁଟ , ସମୟ: ଅପରାହ୍ନ ୪ଟା ୩୦।

**ସମ୍ବଲପୁର**
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆଲୋଚନା ଚକ୍ର, ସ୍ଥାନ : ଅଇଁଠାପାଲି ନିକଟସ୍ଥ ଡଲଫିନ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ରେଳ ବିଭାଗ ପକ୍ଷରୁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ରେଲୱେ ଷ୍ଟେଶନ, ସମୟ : ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର କେନ୍ଦ୍ରିୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ପକ୍ଷରୁ କର୍ମଶାଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ସ୍ଥିତ ପ୍ରେସ ଭବନ, ସମୟ : ଅପରାହ୍ନ ୩ଟା ୩୦।
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ସମ୍ବଲପୁର ମହୋତ୍ସବ-୨୦୨୫ର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ଏବଂ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ସମ୍ପଦ ବିଭାଗ ମନ୍ତ୍ରୀଙ୍କ ଖପ୍ରାଖୋଲ ଗସ୍ତ ଓ ସମୀକ୍ଷା ବୈଠକ, ସ୍ଥାନ: ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଟିମ୍‌ର କ୍ଷେତ୍ର ପରିଦର୍ଶନ, ସ୍ଥାନ: ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୦ଟା, ସ୍ଥାନ: ତୁରେକେଲା, ସମୟ: ପୂର୍ବାହ୍ନ ୨ଟା।
- ଲୋଇସିଂହା ଷ୍ଟେଶନରେ ସମଲେଶରୀ ଏକ୍ସପ୍ରେସ ଟ୍ରେନ ରହଣି ଶୁଭାରମ୍ଭ, ସ୍ଥାନ: ଲୋଇସିଂହା ଷ୍ଟେଶନ, ସମୟ: ଅପରାହ୍ନ ୪ଟା।


**ରାଉରକେଲା**
- ୨୦ତମ ନାଟ୍ୟ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ପରିସର, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ବାଳ ବିଜ୍ଞାନ ପ୍ରଦର୍ଶନୀ ୨୦୨୫-୨୬, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କୁମାରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍ କିଷାନ ଦିବସ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, କିରେଇ, ସମୟ: ଅପରାହ୍ନ ୧ଟା ୪୦।

**ବରଗଡ଼**
- ଶିଶୁ ସାହିତ୍ୟ ସଂସଦର ତର୍କ ପ୍ରତିଯୋଗିତା, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ଅପରାହ୍ନ ୩ଟା।

**କଳାହାଣ୍ଡି**
- ଶାସ୍ତ୍ରିଜୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣାସ୍ଥିତ ଡିଗ୍ରୀ ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।
- ନିଯୁକ୍ତି ମେଳା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବେଦାନ୍ତ ସ୍କିଲ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।

# ରଣବୀରଙ୍କ ନୂଆ ଅବତାର



**ମୁମ୍ବାଇ:** ଅଭିନେତା ରଣବୀର ସିଂହଙ୍କ ବହୁ ପ୍ରତୀକ୍ଷିତ 'ଧୁରନ୍ଧର'ର ଧମାକାଦାର ଟ୍ରେଲର ରିଲିଜ୍ କରିଛି। ୪ ମିନିଟ ୭ ସେକେଣ୍ଡର ଏହି ଟ୍ରେଲର୍‌ରେ ରଣବୀର ସିଂହଙ୍କ କେବେ ଦେଖା ନ ଯାଇଥିବା ଅବତାର ଦର୍ଶକଙ୍କ ମନକୁ ଚକିତ କରିବ। ଫିଲ୍ମରେ ତିନି ଜଣ ଖଳନାୟକ ଅଛନ୍ତି। ପ୍ରଥମେ ଅର୍ଜୁନ ରାମପାଲ, ତା'ପରେ ଅକ୍ଷୟ ଖାନ୍ନା ଏବଂ ଶେଷରେ ସଞ୍ଜୟ ଦତ୍ତଙ୍କୁ ଦେଖିବାକୁ ମିଳିଛି।

ଟ୍ରେଲରଟି ଅର୍ଜୁନ ରାମପାଲଙ୍କ ଏକ ହୃଦୟ ବିଦାରକ ଏକକ ସଂଳାପ ସହିତ ଆରମ୍ଭ ହୁଏ। ପ୍ରତିଶୋଧ, ବିଶ୍ୱାସଘାତକତା ଏବଂ ଦେଶପ୍ରେମରେ ପରିପୂର୍ଣ୍ଣ ଏକ ଭୟଙ୍କର ଗୁପ୍ତଚର ଯୁଦ୍ଧକୁ ନେଇ ଫିଲ୍ମ ପର୍ଯ୍ୟବସିତ।

ଟ୍ରେଲରଟି ବିପଦପୂର୍ଣ୍ଣ ଆକ୍ସନ ସିକ୍ୱେନ୍ସ ଓ ରକ୍ତପାତରେ ପରିପୂର୍ଣ୍ଣ। ଆକ୍ସନ ସିକ୍ୱେନ୍ସଗୁଡ଼ିକ ରକ୍ତାକ୍ତ, ବଡ଼ ଧରଣର ଷ୍ଟଣ୍ଟ ଏବଂ ଶକ୍ତିଶାଳୀ ସଂଳାପ ସହିତ। ଟ୍ରେଲରଟି ଅନ୍‌ଲାଇନରେ ଚର୍ଚ୍ଚା ସୃଷ୍ଟି କରିଛି। ନିର୍ଦ୍ଦେଶକ ଆଦିତ୍ୟ ଧର ଏହି ଫିଲ୍ମଟିକୁ ଦୁଇଟି ଭାଗରେ ନିର୍ମାଣ କରିଛନ୍ତି। ପ୍ରଥମ ଭାଗ ଡିସେମ୍ବର ୫, ୨୦୨୫ରେ ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ବୃହସ୍ପତିଙ୍କ ଦୃଷ୍ଟିରେ ମୀନ ରାଶିସ୍ଥ ଶନି ହେତୁ ସତ୍‌କର୍ମରେ ଅର୍ଥର ବିନିଯୋଗ କରାଇବ। ସ୍ଥଗିତ ରହିଯାଇଥିବା କାମ ହାସଲର ଅନୁକୂଳ ସୂଚନା ପାଇ ମନ ହାଲୁକା ରହିପାରେ। ପାରିବାରିକ ସମସ୍ୟା ସମାଧାନ ଖୁସିକୁ ଦ୍ୱିଗୁଣିତ କରିବ। ଶତ୍ରୁମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବୃଷ** – ଆପଣଙ୍କ ରାଶି ପ୍ରତି ଶନିଙ୍କ ପୂର୍ଣ୍ଣଦୃଷ୍ଟି ସମ୍ପର୍କ ବହୁବିଧ କର୍ମରେ ଅନୁପ୍ରବେଶ କରାଇପାରେ। କିନ୍ତୁ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ବିବାଦ ପ୍ରଭୃତି ପାଇଁ ଅନୁକୂଳ ରହି ନ ପାରେ। ବନ୍ଧୁମାନେ ସୁଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣାରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟି ହେବାର ଆଶଙ୍କା ରହିଛି।

**ମିଥୁନ** – ଧନାଧିପତି ଚତୁର୍ଥ କେନ୍ଦ୍ରରେ ଅବସ୍ଥାନ କରି ପାରିବାରିକ ସମସ୍ୟାକୁ ସୁଧାରି ନେଇପାରନ୍ତି। ରାହୁଙ୍କ ଦୃଷ୍ଟିଜନିତ ପ୍ରତ୍ୟେକ ସ୍ତରରେ ଭାବିଚିନ୍ତି କାମ କରିବା ଭଲ। ପରିବାରରେ ଜିଦ୍‌ରେ ଅଟଳ ରହିବାରୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ଆନୁଷ୍ଠାନିକ କାମରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**କର୍କଟ** – ଚନ୍ଦ୍ରଙ୍କ ଅବସ୍ଥିତି ଆଜିର କର୍ମକ୍ଷେତ୍ରରେ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରକାଶନ, ନିର୍ମାଣ କ୍ଷେତ୍ରରେ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରୁ ଲାଗି ରହିଥିବା ସମସ୍ୟା ଦୂର ହୋଇଯିବ।

**ସିଂହ** – ରାଶ୍ୟାଧିପ ଅନ୍ୟ ତିନୋଟି ଗ୍ରହ ସଙ୍ଗରେ ଚତୁର୍ଥସ୍ଥ ହେତୁ ପରିବାର ଓ କର୍ମସଂସ୍ଥାନ ପାଇଁ ଶୁଭଫଳ ପ୍ରଦାନ କରିବ। ଯେକୌଣସି ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ସବୁ କିଛି ପାଣିଫୋଟକା ପରି ମିଳାଇଯିବ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** – ମୁଖଭାବରେ ଶୁକ୍ର ଓ ଚନ୍ଦ୍ର ସୁସ୍ୱାଦୁ ଭୋଜନ, ବସ୍ତ୍ରଭୂଷଣ, ସୁଖ, ସମ୍ମାନ ସଙ୍ଗକୁ ଅର୍ଥ ଉପଢ଼ୌକନାଦି ପ୍ରଦାନ କରିପାରେ। ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ। ବାଣିଜ୍ୟ, ବ୍ୟବସାୟ, ଆନୁଷ୍ଠାନିକ କାମ ଏବଂ ବନ୍ଧୁସମ୍ପର୍କ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**ତୁଳା** – ଆଜିର ଚନ୍ଦ୍ର ଯାତ୍ରା, କର୍ମାରମ୍ଭ, ଋଣ ପରିଶୋଧ ପାଇଁ ରାସ୍ତା ସୁଗମ କରିପାରେ। ସ୍ୱାସ୍ଥ୍ୟହାନି, ଶତ୍ରୁତା ଓ ଆତ୍ମୀୟଙ୍କ ବିରୋଧସ୍ୱର ମନରେ ଦୁଶ୍ଚିନ୍ତା ଉଦ୍ରେକ କରିବ। ଆଲୋଚନା ପରିସରରେ ସମାଧାନର ସରଳସୂତ୍ର ବାହାର କରିବେ। ଆଜିର ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯିବାର ଆଶଙ୍କା ରହିଛି।

**ବିଛା** – ଆଜିର ଗ୍ରହସ୍ଥିତି ଆପଣଙ୍କ ପାଇଁ ପ୍ରତିକୂଳ ନ ହେଲେ ଶତ୍ରୁକ୍ଷେତ୍ରସ୍ଥ ଚନ୍ଦ୍ର ମାନସିକ ସ୍ତରରେ ଟେନ୍ସନ ସୃଷ୍ଟି କରିବ। ସତର୍କତା ଅଭାବରୁ ଯାହା ଭାବୁଥିବେ କାମ କରିବା ବେଳକୁ ଓଲଟା ହୋଇଯାଇପାରେ। ବ୍ୟବସାୟ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ସଙ୍ଗୀତ, କ୍ରୀଡ଼ା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** – ରାହୁ ଚତୁର୍ଥସ୍ଥ ହେତୁ ପରିବାର,ଲୋକ ସମ୍ପର୍କ ପାଇଁ ସମସ୍ୟାର କ୍ଷେତ୍ର ସୃଷ୍ଟି କରିପାରେ। ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ବୈବାହିକ ସମ୍ବନ୍ଧ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କୀୟ ଆଲୋଚନା କରିବାର ସୁଯୋଗ ପାଇବାର ଆଶା ରହିଛି। ବନ୍ଧୁଙ୍କ ସାହାଯ୍ୟରୁ ଶାରୀରିକ ସୁସ୍ଥତା ଫେରିପାଇବେ।

**ମକର** – ଦେବଗୁରୁଙ୍କ ରାଶିପ୍ରତି ଶୁଭଦୃଷ୍ଟିରୁ ଯାହା ଭାବୁଥିଲେ ତାହା ଆଜି ବାସ୍ତବତାରେ ପରିଣତ ହେବ। ନୂତନ ବନ୍ଧୁଙ୍କ ସଂସ୍ପର୍ଶରେ ଆସି ଲକ୍ଷ୍ୟ ହାସଲ କରିବେ। ପାରିବାରିକ କ୍ଷେତ୍ରରେ ସାମାନ୍ୟ ବିରୋଧ କିମ୍ବା ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ। କୌଣସି ଏକ ସାଧାରଣ କଥାକୁ ନେଇ ସ୍ତ୍ରୀଙ୍କ ସହ ଭୁଲ ବୁଝାମଣା ସୃଷ୍ଟି ହୋଇପାରେ।

**କୁମ୍ଭ** – କର୍ମକ୍ଷେତ୍ରରେ ଏକାଧିକ ଗ୍ରହ ସମ୍ବନ୍ଧରୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସରକାରୀ କ୍ଷେତ୍ରରୁ ଶୁଭ ଖବର ପାଇ ଖୁସି ହେବେ । ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ନିଜ ପରିସରସ୍ଥ ବ୍ୟକ୍ତିବିଶେଷଙ୍କ ଆହ୍ୱାନକ୍ରମେ ସାଂଗଠନିକ ସଭାସମିତିରେ ଯୋଗଦେଇପାରନ୍ତି।

**ମୀନ** – ଚନ୍ଦ୍ରଙ୍କ ଅଷ୍ଟମସ୍ଥାନରେ ଅବସ୍ଥିତି ଆପଣଙ୍କୁ କଳ୍ପନା ମାଧ୍ୟମରେ ଆନନ୍ଦ ପ୍ରଦାନ କରାଇ ଭାବୁକ ବନାଇପାରେ। ବିବ୍ରତ ନ ହୋଇ କାମ ଆରମ୍ଭ କଲେ ଯଥା ସମୟରେ ସବୁ ଠିକ୍ ହୋଇଯିବ। ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଂଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ।

ଆଜି ନଭେମ୍ବର ୧୯ ତାରିଖ। ଜାତୀୟ ସଂହତି ଦିବସ, ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ବୁଧବାର। ଶ୍ରୀମନ୍ଦିରରେ ଦେବ ଦୀପାବଳି ଆରମ୍ଭ, ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଶ୍ରୀଜୀଉଙ୍କ ଶ୍ରାଦ୍ଧ ବେଶ, ଅମାବାସ୍ୟାର ନିଶାପାଳନ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୦୧ମି. ଗତେ ଘ.୦୮.୧୩ମି. ମଧ୍ୟେ, ଘ.୧୦.୨୫ମି. ଗତେ ଘ.୧୧.୩୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୧ମି. ଗତେ ଘ.୧୨.୫୪ମତ. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଦୁର୍ନୀତିର ଛାଇ...

ଭାବେ ରୋକିବା, ଚୋରାମଦ କାରବାର ବିରୋଧରେ ଏନ୍‌ଫୋର୍ସମେଣ୍ଟକୁ ଅଧିକ କଡ଼ାକଡ଼ି କରିବା, ଆଦିବାସୀ ଅଧ୍ୟୁଷିତ ଜିଲାଗୁଡ଼ିକରେ ଜନଜାତି ସମ୍ପ୍ରଦାୟଙ୍କୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ କରିବା, ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲଣ ପ୍ରତି ତୀକ୍ଷ୍ଣ ନଜର ରଖିବା ଇତ୍ୟାଦି ବିଷୟରେ ଜିଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ପାଇଁ କହିଛନ୍ତି। ଜିଲାପାଳମାନେ କ୍ଷମତାର ଉପଯୁକ୍ତ ବ୍ୟବହାର କରି ସବୁସ୍ତରରେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ଆଣିବା ପାଇଁ ପ୍ରୟାସ କରିବା ଦରକାର। ଜିଲା ଓ ବ୍ଲକ୍‌ସ୍ତରରେ ସମସ୍ତ ସରକାରୀ ନଥିପତ୍ର, ନୋଟିସ, ବିବରଣୀ ଓ ବିଜ୍ଞାପନ ଓଡ଼ିଆ ଭାଷାରେ ଲେଖିବାକୁ ସେ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସରକାର ଓ ପ୍ରଶାସନର ଗତି ସମାନ୍ତରାଳ ନ ରହିଲେ ସମାଜର ଶେଷଧାଡ଼ି ପର୍ଯ୍ୟନ୍ତ ଯୋଜନାର ସୁଫଳ ପହଞ୍ଚିବ ନାହିଁ। ତେଣୁ ଲୋକଙ୍କ ସରକାରରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସବୁ ଯୋଜନା ଓ କାର୍ଯ୍ୟକ୍ରମକୁ ଠିକ୍ ସମୟରେ ସାରିବା ଜରୁରୀ ବୋଲି ସେ କହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଆମେ ଜନତାଙ୍କ ସେବକ। ଲୋକଙ୍କୁ ସେବା ଯୋଗାଇବା ଆମ ଦାୟିତ୍ୱ। ଅଫିସ୍ ଆସିବା କ୍ଷଣି ମାଲିକ ଭାବେ ସେମାନଙ୍କୁ ସେବା ଯୋଗାଇବା। ଫିଲ୍ଡ ଭିଜିଟ୍ ନିୟମିତ ହେବା ଆବଶ୍ୟକ। ତାହା ହେବା ଦ୍ୱାରା ଆମେ ଲୋକଙ୍କ ସମସ୍ୟା ଜାଣିପାରିବା। ଖାଲି ଜାଣିବା ନୁହେଁ, ତାକୁ ସମାଧାନ କରିବାର ମନୋଭାବ ନେବା। ସରକାରୀ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ହେବା ଦରକାର। ସେ ପୁଣି କହିଥିଲେ, ଓଡ଼ିଶା ବୋଧେ ଦୁର୍ନୀତିର ଗନ୍ଧାଘର ହୋଇଯାଇଛି। ଜୁଆଡ଼େ ଦେଖିଲେ କ୍ରାଇମବ୍ରାଞ୍ଚ ଚଢ଼ାଉ। ଖାଲି ଅଧିକାରୀ ନୁହନ୍ତି, ଜିଲାପାଳ ମଧ୍ୟ ଦାୟିତ୍ୱ ନିଅନ୍ତୁ। ମୋ ପାଖକୁ ଦୁର୍ନୀତିର ଖବର ଆସୁଛି। ମୋର ଗୋଇନ୍ଦା ରହିଛି। ଭିଜିଲାନ୍ସ ପହଞ୍ଚିବା ପୂର୍ବରୁ ଆମେ କାହିଁକି ନ ଧରିବା। ନାକ ତଳେ ଯିଏ ଦୁର୍ନୀତି କରୁଛି ତାକୁ ଧରନ୍ତୁ। ୱାନ୍ ଗୁଡେଦର ଓ ୱାର୍କ ଗୁଡେଦର ଆମର ମନ୍ତ୍ର ହେବା ଦରକାର ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ସେ ଆହୁରି କହିଛନ୍ତି, ବିଗତ ଦେଢ଼ବର୍ଷ ମଧ୍ୟରେ ରାଜ୍ୟବାସୀଙ୍କ ପାଇଁ ସଫଳତାପୂର୍ବକ ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରାଯାଇଛି। ୨ କୋଟି ୨୦ ଲକ୍ଷ ଲୋକଙ୍କୁ ସାଧାରଣ ସେବା ଯୋଗାଇଦେବାରେ ସଫଳ ହୋଇଛି ଆମ ସରକାର। ୨୪ ହଜାର ଶିକ୍ଷାନୁଷ୍ଠାନକୁ ଜମିପଟ୍ଟା ଦେବାରେ ସଫଳ ହୋଇଛୁ। ୨୫ ହଜାର ଭୂମିହୀନଙ୍କୁ ଜମି ଯୋଗାଇ ଦିଆଯାଇଛି। କିନ୍ତୁ ସେଥିରେ ଆମ ସରକାର ସନ୍ତୁଷ୍ଟ ନୁହେଁ, ଏହାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ପଡ଼ିବ ଏବଂ ପିପୁଲ୍‌ସ ଫ୍ରେଣ୍ଡଲି ଆଡ୍‌ମିନିଷ୍ଟ୍ରେଶନ ଯୋଗାଇବାକୁ ହେବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ତୃଣମୂଳସ୍ତରର ପ୍ରତ୍ୟେକ ସ୍ଥାନରେ ପ୍ରଶାସନ ପହଞ୍ଚିବା ଦରକାର ଏବଂ ପ୍ରତି ନାଗରିକଙ୍କୁ ଉଚିତ ସମ୍ମାନର ସହ ସେବା ଯୋଗାଇଦେବା କ୍ଷେତ୍ରରେ ଯତ୍ନବାନ୍ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଧନ୍ୟବାଦ ଅର୍ପଣ କରିଛନ୍ତି।

## ମାଓବାଦୀ ନେତା...

ସମେତ ୭ ମାଓବାଦୀଙ୍କୁ ଏନ୍‌କାଉଣ୍ଟର କରାଯାଇଛି। ୨୬ରୁ ଊର୍ଦ୍ଧ୍ୱ ବଡ଼ ମାଓବାଦୀ ଆକ୍ରମଣରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ମାଡ଼ଭି ହିଡମା ଦେଶର ସବୁଠୁ ଦୁର୍ଦ୍ଧର୍ଷ ଉଗ୍ରବାଦୀ ନେତା ଥିଲେ। ତାଙ୍କର ନିଧନ ବେଆଇନ ଘୋଷିତ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାଓବାଦୀ)ର ସଞ୍ଚାଳନ ଓ ବିଚାରଧାରା ପ୍ରତି ବଡ଼ ଧକ୍କା ବୋଲି କୁହାଯାଉଛି। ତାଙ୍କ ସମେତ ଚଳିତ ବର୍ଷ ବହୁ ମାଓବାଦୀ ନିହତ ହୋଇଥିବାବେଳେ ଅନେକ ଆତ୍ମସମର୍ପଣ କରିଥିବାରୁ ମାଓବାଦୀ ନେତୃତ୍ୱ ଦୁର୍ବଳ ହୋଇପଡ଼ିଛି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ ମାଓବାଦୀ ମୁକ୍ତ କରିବା ପାଇଁ ଶାହା ପୂର୍ବରୁ ସମୟସୀମା ଧାର୍ଯ୍ୟ କରିଥିଲେ। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ଏବଂ ଆନ୍ଧ୍ରପ୍ରଦେଶ ଆଲୁରି ସୀତାରାମରାଜୁ ଜିଲାରେ ମଙ୍ଗଳବାର ୨ ଏନ୍‌କାଉଣ୍ଟରରେ ମୋଟ ୭ ମାଓବାଦୀ ନିହତ ହୋଇଛନ୍ତି। ଆଲୁରି ସୀତାରାମ ରାଜୁ ଜିଲାର ମେରେଡମାଲ୍ଲି ଜଙ୍ଗଲରେ ସୁରକ୍ଷା କର୍ମୀଙ୍କ ଗୁଳିରେ କୁଖ୍ୟାତ ମାଓବାଦୀ ନେତା ମାଡଭି ହିଡମା (୪୩) ଓ ତାଙ୍କ ସ୍ତ୍ରୀ ରାଜେ ଓରଫ୍ ରାଜାକ୍କା ସମେତ ୬ ମାଓବାଦୀ ନିହତ ହୋଇଥିବାବେଳେ ଛତିଶଗଡ଼ ସୁକ୍‌ମା ଜିଲା ଏରାବୋର ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ବେଳେ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ବନ୍ଧୁକ ସହ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି।

ହିଡମା ଓ ତାଙ୍କ ସ୍ତ୍ରୀ ରାଜେ ମାଓବାଦୀ ସଂଗଠନ କେନ୍ଦ୍ରୀୟ କମିଟି ସଦସ୍ୟ ଥିଲେ। ହିଡ଼ିମାଙ୍କ ଉପରେ ଛତିଶଗଡ଼ ସରକାର ୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ । ଏହି ଏନ୍‌କାଉଣ୍ଟରରେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ଆଉ ୨ଜଣ ଟପ୍ ମାଓବାଦୀ ଚେଲୁରି ନାରାୟଣ ଓରଫ ସୁରେଶ ଓ ଶଙ୍କର ଆନ୍ନା ମଧ୍ୟ ପ୍ରାଣ ହରାଇଥିବା ଜଣାପଡ଼ିଛି। ଉଭୟ ଛତିଶଗଡ ଓ ଆନ୍ଧ୍ରପ୍ରଦେଶ ପୋଲିସ ଘଟଣା ସମ୍ପର୍କରେ ଜୋର୍‌ଦାର ଛାନ୍‌ଭିନ୍ କରୁଛି । ଗୁଳି ବିନିମୟ ବନ୍ଦହେବା ପରେ ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପରେଶନ କରି ଫେରିବା ପରେ କେତେ ମାଓବାଦୀ ମୃତାହତ ହୋଇଛନ୍ତି ଜଣାପଡ଼ିବ ବୋଲି ଆନ୍ଧ୍ର ଓ ଛତିଶଗଡ଼ ପୋଲିସ କହିଛି। ସୂଚନାଯୋଗ୍ୟ, ୨୦୧୩ ଦରଭା ଉପତ୍ୟକା ହତ୍ୟାକାଣ୍ଡ ଏବଂ ୨୦୧୭ ସୁକ୍‌ମା ଆକ୍ରମଣ ସମେତ ୨୬ଟି ଘାତକ ଆକ୍ରମଣ ପାଇଁ ଦାୟୀ ହିଡ଼ମା ଦୀର୍ଘଦିନ ଧରି ସୁରକ୍ଷା ବାହିନୀର ନଜରରେ ଥିଲେ।

## ରାଜନୈତିକ ଯୁଦ୍ଧ...

ଦେଇଥିବାବେଳେ ନଭେମ୍ବର ୧୪ରେ ସୁପ୍ରିମକୋର୍ଟ ଏହା ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ମଙ୍ଗଳବାର ସିଜେଆଇ ଗବଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ୍ ସାମିଲ ଥିବା ଖଣ୍ଡପୀଠ ସିବିଆଇ ପକ୍ଷରୁ ଦାଖଲ ପିଟିଶନର ଶୁଣାଣି କରି କହିଛନ୍ତି, ରାଜନୈତିକ ଯୁଦ୍ଧ ପାଇଁ କଳକୁ କାହିଁକି ବ୍ୟବହାର କରୁଛ ? ଆମେ ତୁମକୁ ଏହା ଉପରେ ପୂର୍ବରୁ ମଧ୍ୟ ତାଗିଦ କରିସାରିଛୁ ବୋଲି ସିଜେଆଇ କହିବା ସହ ଉକ୍ତ ପିଟିଶନକୁ ଖାରଜ କରିଦେଇଛନ୍ତି।

## ବର୍ଷର ଶ୍ରେଷ୍ଠ ଶବ୍ଦ...

ହୋଇଥାଏ, ଯେଉଁଠି ଦର୍ଶକ ବା ସମ୍ପୃକ୍ତ ୟୁଜର ସହି ପରିଚିତ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ଜାଣିଥିବା ମନେକରନ୍ତି। ଏହା ତାଙ୍କର ଏକ ମିଥ୍ୟା ଧାରଣା। ଆମେରିକୀୟ ଫୁଟ୍‌ବଲର୍ ଟ୍ରାଭିସ୍ କେଲ୍‌ସେ ଏବଂ କଣ୍ଠଶିଳ୍ପୀ ଟେଲର ସ୍ୱିଫ୍ଟ ସେମାନଙ୍କ ନିର୍ବନ୍ଧ ଘୋଷଣା କରିବା ସମୟରେ ପ୍ରଶଂସକମାନେ ଦେଖାଇଥିବା ରୁଚି ଏହାର ଏକ ଉତ୍କୃଷ୍ଟ ଉଦାହରଣ। ୧୯୫୬ରେ ଆମେରିକୀୟ ସମାଜବିଜ୍ଞାନୀମାନେ ଟିଭି ଦର୍ଶକମାନେ ପରଦାରେ ଆସୁଥିବା ବ୍ୟକ୍ତିତ୍ୱଙ୍କ ସହ ପାରାସୋସିଆଲ ରିଲେଶନ୍‌ରେ ରହୁଥିବା ନେଇ ପ୍ରଥମ ଥର ଦେଖାଯାଇଥିଲା। ଶିକାଗୋ ୟୁନିଭର୍ସିଟିର ସୋସିଓଲୋଜିଷ୍ଟ ଡୋନାଲ୍ଡ ହୋର୍ଟନ୍ ଏବଂ ରିଚାର୍ଡ ୱୋହଲ୍ ପ୍ରଥମେ ଏହି ଶବ୍ଦକୁ ବ୍ୟବହାର କରିଥିଲେ। ପରବର୍ତ୍ତୀ ସମୟରେ ଏହାର ବହୁଳ ବ୍ୟବହାର ହେବାରେ ଲାଗିଲା। ୨୦୨୫ରେ କ୍ୟାମ୍ବ୍ରିଜ ଡିକ୍ସନାରିରେ ଡେଲୁଲୁ, ସ୍ଲୋପ୍, ସ୍କିବିଡି ଓ ଟ୍ରାଡ୍‌ୱାଇଫ୍ ସମେତ ୬,୦୦୦ ନୂଆ ଶବ୍ଦକୁ ଯୋଡ଼ାଯାଇଛି। ତନ୍ମଧ୍ୟରୁ ପାରାସୋସିଆଲକୁ ଶ୍ରେଷ୍ଠ ବିବେଚନା କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଳୁ ପତର କି ସାରୁ ପତର**
**ସେ କି ହୋଇବ ପାନ**
**ପଛରେ ଯାହାକୁ ଭାରିଯା କରିବ**
**ସେ କି ଜାଣିବ ମନ ।**

ପ୍ରେମ ଆସକ୍ତିରେ ପଡ଼ି ପୁନଶ୍ଚ ବିବାହ କରୁଥିବା ବ୍ୟକ୍ତି ଦ୍ୱିତୀୟ ସ୍ତ୍ରୀର ଆନ୍ତରିକତା ପ୍ରତି ଅଧିକ ସଚେତନ ହେବା ଉଚିତ। ପଛ ସ୍ତ୍ରୀର ଆଭିମୁଖ୍ୟ ସେତେଟା ଗ୍ରହଣୀୟ ହେଉ ନ ଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଖି ବୁଜିଲେ କୁଆଁଙ୍କ ରାଇଜ।**

ପରିବର୍ତ୍ତନ ପାଇଁ ମୁହୂର୍ତ୍ତଟିଏ ଯଥେଷ୍ଟ। ଉପଯୁକ୍ତ ଉତ୍ତରାଧିକାରୀ ଅଭାବରେ ସମ୍ପତ୍ତି ନଷ୍ଟ ହୋଇଯାଏ। ନିଜ ସମ୍ପତ୍ତି ପ୍ରତି ସତର୍କ ଦୃଷ୍ଟି ନ ଦେଲେ ପରଲୋକେ ଖାଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ବିଧାନସଭା ପରିଦର୍ଶନ କଲେ ୧୨ ଦେଶର ୪୦ ପ୍ରତିନିଧି

**ଭୁବନେଶ୍ୱର,୧୮।୧୧ (ରବିନାରାୟଣ ଜେନା)**

ରାଜ୍ୟବାସୀଙ୍କୁ କିଭଳି ସୁଶାସନ ମିଳିବ, ସେଥିପାଇଁ ସ୍ୱତନ୍ତ୍ର ବିଧିବ୍ୟବସ୍ଥା ହେବାର ଆବଶ୍ୟକ ରହିଛି। ଏହି ବିଧିକୁ ପ୍ରସ୍ତୁତ କରିବା ଏବଂ ଏହାର ସଂଶୋଧନ କରିବାରେ ବିଧାନସଭାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବାଚସ୍ପତି ସୁରମା ପାଢ଼ୀ ମଙ୍ଗଳବାର କହିଛନ୍ତି। ନୂଆଦିଲ୍ଲୀସ୍ଥିତ ଲୋକ ସଭା ସଚିବାଳୟର ପାର୍ଲାମେଣ୍ଟାରୀ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସି ପକ୍ଷରୁ ୧୨ଟି ଦେଶର ୪୦ ବିଦେଶୀ ପ୍ରତିନିଧିଙ୍କ ବିଧାନସଭା ପରିଦର୍ଶନ ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଚସ୍ପତି କହିଥିଲେ, ବିଧାନସଭାର ସଂସଦୀୟ କାର୍ଯ୍ୟପ୍ରଣାଳୀ ଭାରତର ସର୍ବଶ୍ରେଷ୍ଠ। ଚଳିତ ୧୭ତମ ବିଧାନସଭାର ପ୍ରଥମ ବର୍ଷରେ ମୋଟ ୬୨ ଦିନ ଅଧିବେଶନ କାର୍ଯ୍ୟଦିବସ ସମ୍ପାଦନ କରିବା ପାଇଁ ସକ୍ଷମ ହୋଇପାରିଛି। ଏତଦ୍‌ବ୍ୟତୀତ ଓଡ଼ିଶା ବିଧାନସଭାର ସମସ୍ତ କାର୍ଯ୍ୟ ଡିଜିଟାଇଜେଶନ ଏବଂ କମ୍ପ୍ୟୁଟରୀକରଣ ହେବା ସହ ନେଭା(ଏନ୍‌ଇଭିଏ) ପ୍ରୋଜେକ୍ଟ ଦ୍ୱାରା ସମସ୍ତ କାର୍ଯ୍ୟକୁ କାଗଜଶୂନ୍ୟ କରିବା ପାଇଁ ପ୍ରୟାସ ଜାରି ରହିଛି। କାର୍ଯ୍ୟକ୍ରମରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଓଡ଼ିଶା ବିଧାନସଭାର ବିଧିବ୍ୟବସ୍ଥା ଓ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ।

# ପାଣିକୋଇଲିରେ ବାଂଲାଦେଶୀ ଚିହ୍ନଟ

**ପାଣିକୋଇଲି,୧୮।୧୧ (ବିକାଶ ମଲ୍ଲିକ)**

ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧିପାଇଛି। ଉକ୍ତ ଅନୁପ୍ରବେଶକାରୀ ରାଜ୍ୟର ବିଭିନ୍ନ ସ୍ଥାନରେ ରହି ଚୋରି, ଡକାୟତି, ହତ୍ୟା ଓ ବଳାତ୍କାର ଆଦି ଘଟଣା ଘଟାଇ ନିଜ ଦେଶକୁ ଫେରାର ହୋଇଯାଉଛନ୍ତି। ଫଳରେ ସେମାନଙ୍କୁ କାବୁ କରିବା ପୋଲିସ ପାଇଁ କଷ୍ଟକର ହୋଇପଡୁଛି। କେନ୍ଦୁଝର ଜିଲାରେ ଜଣେ ଦିବ୍ୟାଙ୍ଗ ଆଦିବାସୀ ନାବାଳିକାଙ୍କୁ ଜଣେ ବାଂଲାଦେଶୀ ଅନୁପ୍ରବେଶକାରୀ ବଳାତ୍କାର କରିବା ପରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ କେନ୍ଦୁଝର ଜିଲା ବନ୍ଦ କରାଯାଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିର୍ଦ୍ଦେଶକ୍ରମେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ମଙ୍ଗଳବାର ବାଂଲାଦେଶୀ ଚିହ୍ନଟ କରାଯାଇଛି। ଏସ୍‌ଆଇ ପ୍ରଶାନ୍ତ କୁମାର ଦାଶ, ଏଏସ୍‌ଆଇ ସୋମନାଥ ରାଉତ, ହାବିଲଦାର ସୁଲୋଚନ ବେହେରା ପ୍ରମୁଖ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ୧୦ ଜଣଙ୍କୁ ଚିହ୍ନଟ ଥାନାରେ ଅଟକ ରଖାଇଛନ୍ତି। ସେମାନଙ୍କ ଆଧାର କାର୍ଡ ଓ ଅନ୍ୟ କାଗଜପତ୍ର ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଥାନା ଅଞ୍ଚଳରେ ଯଦି କୌଣସି ବ୍ୟକ୍ତିଙ୍କୁ ସ୍ଥାନୀୟ ବ୍ୟକ୍ତି ସନ୍ଦେହ କରନ୍ତି ତେବେ ପୋଲିସକୁ ଜଣାଇବାକୁ ଥାନାଧିକାରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ୪୪ ମୃତ ବିଦେଶୀ ପକ୍ଷୀ ଜବତ, ଶିକାରୀ ଗିରଫ

**ଟାଙ୍ଗୀ,୧୮।୧୧ (ରଘୁନାଥ ସାହୁ)**



ଶୀତର ପ୍ରକୋପ ବଢ଼ିବା ସହିତ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ପକ୍ଷୀଙ୍କ କଳରବରେ ଚିଲିକା ମୁଖରିତ ହୋଇଉଠିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ପକ୍ଷୀଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ଦୋଛିଆ ନିକଟରେ ରେଞ୍ଜର ଚିତ୍ରସେନ ଜେନାଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଚଢ଼ାଉ କରାଯାଇ ଜଣେ ଶିକାରୀଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୪୪ଟି ମୃତ ବିଦେଶୀ ପକ୍ଷୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଭୁଷଣ୍ଡପୁର ବଡ଼ସାହିର ପ୍ରଦୀପ ମଲ୍ଲିକ। ମୃତ ପକ୍ଷୀଙ୍କ ମଧ୍ୟରେ ୨୩ଟି ନର୍ଦ୍ଦନ ପିଣ୍ଟେଲ, ୩ଟି ନର୍ଦ୍ଦନ ଶୋଭେଲର, ୯ଟି ଗାର୍ଗନି, ୮ଟି ଫିଜାଣ୍ଟ ଟେଲ୍ଡ ଜାକାନା ଏବଂ ଗୋଟିଏ ବ୍ରୋଞ୍ଜ ୱିଙ୍ଗଡ୍ ଜାକାନା ରହିଛି। ମୃତ୍ୟୁର କାରଣ ଜାଣିବା ପାଇଁ ପକ୍ଷୀଙ୍କ ବ୍ୟବଚ୍ଛେଦ କରାଯିବ। ଏଥିସହ ମୃତ ପକ୍ଷୀଙ୍କ ନମୁନା ପରୀକ୍ଷା ପାଇଁ ଫୋରେନସିକ ଲାବୋରେଟୋରୀକୁ ପଠାଯିବ। ଦୁର୍ବୃତ୍ତମାନେ ବିଷଦେଇ ପକ୍ଷୀ ଶିକାର କରିଥିବା ସନ୍ଦେହ କରାଯାଉଛି। ଏନେଇ ଏକ ମାମଲା (ନଂ.୩/୨୫)ରୁଜୁ ପରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ଏହି ଚଢ଼ାଉରେ ଭୁଷଣ୍ଡପୁର ଫରେଷ୍ଟର ସବିତା ପ୍ରଧାନ, ଫରେଷ୍ଟଗାର୍ଡ ଅନୀଲ ପିଙ୍ଗୁଆ, ସୁରକ୍ଷା ବାହିନୀ ରାକେଶ ଖଣ୍ଡୁୟତରାୟ, ପ୍ରଦୀପ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

# ଭାଷଣବାଜିରେ ସରକାର: ବିଜେଡି

**ଭୁବନେଶ୍ୱର, ୧୮।୧୧(ସୁନିତ୍ ମିଶ୍ର)**

ଜିଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭାଷଣ ଉପରେ ପ୍ରତିକ୍ରିୟା ଦେଇ ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ ବୋଲି ବିଜେଡି ଅଭିଯୋଗ କରିଛି। ଲୋକଙ୍କ ପାଖରେ ସରକାର ପହଞ୍ଚିବାରେ ସକ୍ଷମ ହୋଇପାରି ନାହାନ୍ତି ବୋଲି ବିରୋଧୀ ଦଳ ପକ୍ଷରୁ କୁହାଯାଇଛି। ବିଜେଡି ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବାର ୧୬ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ ରହିଛି। ପୂର୍ବ ବିଜେଡି ସରକାରଙ୍କ ଯୋଜନା ଗୁଡିକର କେବଳ ନାମ ଓ ରଙ୍ଗ ପରିବର୍ତ୍ତନ କରୁଥିବା ବେଳେ, ଏହାର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ।










“ଆଗ ତୁମେ ନିଜକୁ ପରିବର୍ତ୍ତନ କର। ତା’ପରେ ଦେଖିବ ଯେ, ପରିସ୍ଥିତି ମଧ୍ୟ ବଦଳି ଯାଇଛି। ... ଯେଉଁ ଚେତନା ତୁମ ଭିତରେ ଓ ତୁମ ଉପରେ କାର୍ଯ୍ୟ କରୁଛି- ତାହା ଆଡକୁ ନିଜକୁ ଖୋଲି ଧର। ପାରୁପର୍ଯ୍ୟନ୍ତ ସର୍ବଦା ସ୍ଥିର ଓ ପ୍ରଶାନ୍ତ ରୁହ। -ଶ୍ରୀମା

-ଶ୍ରୀମନ୍ଦିରରେ ଦେବଦୀପାବଳି ଆରମ୍ଭ ଓ ଚନ୍ଦ୍ରକ୍ଷୟ



# ହାଜାରେ ନୁହେଁ, ନିର୍ଭୟା

ମେକ୍ସିକୋର ମିଚୋଆକାନ ରାଜ୍ୟର ଉରୁଆପାନ୍ ମେୟର କାର୍ଲୋସ ଅଲବେର୍ତୋ ମାଞ୍ଜୋ ରୋଡ୍ରିଗେଜ୍‌ଙ୍କୁ ୧୫ ନଭେମ୍ବରରେ ହତ୍ୟା କରାଯିବା ପରେ ସେହି ଦେଶରେ ‘ଜେନ୍ ଜି’ ଆନ୍ଦୋଳନ ବିରାଟ ରୂପ ଧାରଣ କରିଛି। ଦେଶବ୍ୟାପୀ ବିକ୍ଷୋଭକାରୀ ହିଂସା, ଅପରାଧ, ଦୁର୍ନୀତି ବିରୋଧରେ ପ୍ରତିବାଦ କରୁଛନ୍ତି। ଏଠାରେ ମନେପକାଇ ଦିଆଯାଇପାରେ ଯେ, ନିକଟ ଅତୀତରେ ନେପାଳ ଓ ମାଡଗାସ୍କରରେ ‘ଜେନ୍ ଜି’ଙ୍କ ବିକ୍ଷୋଭ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ୧୯୯୭ରୁ ୨୦୧୨ ଯାଏ ଜନ୍ମିତ ଯୁବଗୋଷ୍ଠୀ ‘ଜେନ୍ ଜି’ ଭାବେ ପରିଚିତ। ସେମାନେ ଅସମାନତା, ଗଣତାନ୍ତ୍ରିକ ପତନ ଓ ଦୁର୍ନୀତି ବିରୋଧରେ ଆନ୍ଦୋଳନ କରି ନେପାଳରେ ପ୍ରଧାନମନ୍ତ୍ରୀଙ୍କୁ ହଟାଇ ଦେବା ସହ ମାଡ୍‌ଗାସକରରେ ରାଷ୍ଟ୍ରପତିଙ୍କୁ ବିଦା କରିବାରେ ସକ୍ଷମ ହେଲେ। ‘ଜେନ୍ ଜି’ ଭଳି କୌଣସି ସ୍ୱତନ୍ତ୍ର ଆଖ୍ୟା ପାଇ ନ ଥିଲେ ମଧ୍ୟ ୨୦୨୩ରେ ଶ୍ରୀଲଙ୍କା ଓ ୨୦୨୪ରେ ବାଂଲାଦେଶରେ ଯୁବଗୋଷ୍ଠୀ ଅନ୍ୟାୟ ବିରୋଧରେ ରାସ୍ତାକୁ ଆସି ପ୍ରତିବାଦ କରିବାରୁ ସେଠାକାର ସରକାର ଗଡ଼ିଗଲେ। ବିଶ୍ୱର ଯେଉଁ ଗଣତାନ୍ତ୍ରିକ ରାଷ୍ଟ୍ରର ନେତାମାନେ ଭାବୁଛନ୍ତି ଯେ, ସେମାନଙ୍କ ଦେଶରେ ‘ଜେନ୍ ଜି’ ବିପ୍ଳବ କିଛି ପ୍ରଭାବ ପକାଇବନାହିଁ, ବୈଶ୍ୱିକ ସ୍ଥିତିକୁ ଦେଖିଲେ ସମ୍ଭବତଃ ସେହି ଚିନ୍ତାଧାରା ଭୁଲ୍ ପ୍ରମାଣିତ ହୋଇପାରେ। କାରଣ ଏହି ବର୍ଗ ଏକ ସ୍ୱଚ୍ଛ ବ୍ୟବସ୍ଥା, ଔଦ୍ୟୋଗିକ ପରିବେଶ ସୃଷ୍ଟି ସହ କର୍ମସଂସ୍ଥାନର ପରିସର ବ୍ୟାପକ ହେବା ସହିତ ଜନମଙ୍ଗଳ ଦିଗରେ ଅଭିପ୍ରେତ ଏକ ସରକାର ଦେଖିବାକୁ ଚାହାନ୍ତି। ନାଗରିକଙ୍କ ଅଧିକାର ଛଡ଼ାଇ ନେଇ ନିଜେ ପୁଷ୍ଟ ହେବାକୁ ଚାହୁଁଥିବା ରାଜନେତା ଓ ଅମଲାତନ୍ତ୍ରୀଙ୍କୁ ଏହି ବର୍ଗ ସହ୍ୟ କରିବେ ନାହିଁ ବୋଲି ନେପାଳ ବିକ୍ଷୋଭରୁ ଜଣାପଡ଼ିଥିଲା।

> **ଆଜିର ସ୍ଥିତିରେ କୌଣସି କ୍ଷମତାସୀନ ବ୍ୟକ୍ତି, ସଙ୍ଗଠନ କିମ୍ବା ସରକାର ନିଜକୁ ସୁରକ୍ଷିତ ମନେକରିବା ଉଚିତ ନୁହେଁ। ଜନସାଧାରଣଙ୍କ ସମସ୍ୟା ସହିତ ଜଡ଼ିତ ନ ଥିଲେ ବିସ୍ଫୋରଣ କେଉଁ ମୁହୂର୍ତ୍ତରେ ହେବ କହିବା କଷ୍ଟକର। ଦେଖିବାକୁ ଗଲେ ବିସ୍ଫୋରଣ ହେବାର ସମ୍ଭାବନା ସବୁବେଳେ ବୃଦ୍ଧି ପାଉଛି। ପୂର୍ବରୁ ଆମେ ଶୁଣି ଆସିଛେ ‘ପ୍ରଜା ମେଳିକୁ ରାଜା ପାରି ନ ଥାନ୍ତି’। ସେହି ଦୃଷ୍ଟିରୁ ଦେଖିଲେ ଯୁବବର୍ଗଙ୍କ ଅସନ୍ତୋଷର ଆଭାସ କେତେକ ଦେଶରୁ ମିଳୁଥିବାରୁ ଅବଶିଷ୍ଟ ବିଶ୍ୱ ସତର୍କ ହୋଇଯିବା ଦରକାର।**

‘ଜେନ୍ ଜି’ ବିଷୟରେ ଏଇ କିଛି ମାସ ହେବ ଯେଉଁଭଳି ଆଲୋଚନା ହେଉଛି ଦେଖିବାକୁ ଗଲେ ସେଭଳି ବିପ୍ଳବ ପୂର୍ବରୁ ଭାରତରେ ଅନୁଷ୍ଠିତ ହୋଇଯାଇଛି। ତାହାକୁ କେହି ଗୋଟିଏ ଯୁବ ବର୍ଗ ମଧ୍ୟରେ ସୀମିତ ରଖି ନ ଥିବାରୁ ତାହାର ନାମକରଣ ହୁଏତ କରାଯାଇପାରିଲା ନାହିଁ। ୨୦୧୨ରେ ନିର୍ଭୟା ଘଟଣା ଯୋଗୁ ତାତି ଯାଇଥିବା ଯୁବପିଢ଼ି ହିଁ ‘ଜେନ୍ ଜି’ର ମୂଳଦୁଆ ପକାଇଥିଲେ ବୋଲି କୁହାଯାଇପାରେ। ସମସ୍ତେ ଭାବିଲେ ଯେ, ଦେଶବ୍ୟାପୀ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ବିରୋଧରେ ଜନମତ ସୃଷ୍ଟି କରିବା ପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ସମର୍ଥନରେ ୨୦୧୧ରେ ଆନ୍ନା ହାଜାରେଙ୍କ ନେତୃତ୍ୱାଧୀନ ‘ଲୋକପାଳ’ ଆନ୍ଦୋଳନ ନିର୍ଭିକୁ ଏକପାଖିଆ କରିଦେଇଥିଲା। କିନ୍ତୁ ଯେଉଁମାନେ ସେହି ସମୟକୁ ମନେ ପକାଇପାରିବେ ସେମାନଙ୍କ ପାଇଁ ନିର୍ଭୟା ବଳାତ୍କାର ଓ ହତ୍ୟା ପରେ ଦିଲ୍ଲୀରେ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ତାହା ସ୍ପଷ୍ଟ ଜଣାପଡ଼େ। ୨୦୧୨ ଡିସେମ୍ବର ୧୬ରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର କରାଯିବା ସହ ତାଙ୍କ ପ୍ରତି ହୋଇଥିବା ପାଶବିକ ଅତ୍ୟାଚାର ଓ ଶେଷରେ ତାଙ୍କ ଜୀବନ ଚାଲିଯିବା ଘଟଣା ଭାରତୀୟଙ୍କ ବିବେକକୁ ଦୋହଲାଇ ଦେଇଥିଲା। ପ୍ରତିବାଦ କରିବା ଲାଗି ଦେଶର ପ୍ରତି କୋଣଅନୁକୋଣରେ ଯୁବବର୍ଗ ମାତି ଉଠିଥିଲେ। ନିଜ ଦେଶ ଭିତରେ ଅସୁରକ୍ଷିତ ଅନୁଭବ କରୁଥିବା ଯୁବ ନାଗରିକଙ୍କୁ କୌଣସି ରାଜନୈତିକ ନେତା କିମ୍ବା ସଙ୍ଗଠନର ସହଯୋଗ ବା ସମ୍ପୃକ୍ତି ସେହି ବିକ୍ଷୋଭରେ ନ ଥିଲା। ଯୁବବର୍ଗ ସ୍ୱତଃପ୍ରବୃତ୍ତ ଭାବେ ରାସ୍ତାକୁ ଆସି ସୁରକ୍ଷା ଦାବି କରିଥିଲେ। ରାଜନୀତି, ପୋଲିସ ଓ ନ୍ୟାୟ ବ୍ୟବସ୍ଥା ସହ ଜଡ଼ିତ ବ୍ୟକ୍ତିଙ୍କୁ ସେମାନେ ବିଭିନ୍ନ ମଞ୍ଚରେ ପ୍ରଶ୍ନ ପଚାରିଥିଲେ। ସେତେବେଳେ ଲକ୍ଷ୍ୟ କରାଯାଇଥିଲା କେନ୍ଦ୍ରରେ କ୍ଷମତାସୀନ କଂଗ୍ରେସ ସରକାରର ମନ୍ତ୍ରୀମାନେ ଦିଲ୍ଲୀରେ ନିର୍ଭୟା ପ୍ରତିବାଦକାରୀଙ୍କ ବିଶାଳତାକୁ ଦେଖି ଡରି ଯାଇଥିଲେ। ଏପରିକି କୌଣସି ବିରୋଧୀ ଦଳର ନେତା ବିକ୍ଷୋଭକାରୀଙ୍କ ସହିତ ଭେଟିବାର ସତ୍‌ସାହସ କରି ନ ଥିଲେ। ଅର୍ଥାତ୍ ସେହି ବିକ୍ଷୋଭ ରାଜନେତା ଓ ରାଜନୀତିଠାରୁ ବହୁ ଉର୍ଦ୍ଧ୍ୱକୁ ଚାଲିଯାଇଥିଲା। ପୂର୍ବାପେକ୍ଷା ଇଣ୍ଟରନେଟ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଢେର ବଢ଼ିଯାଇଛି। ଏଭଳି ପ୍ରଚ୍ଛଦପଟରେ କୌଣସି କ୍ଷମତାସୀନ ବ୍ୟକ୍ତି, ସଙ୍ଗଠନ କିମ୍ବା ସରକାର ନିଜକୁ ସୁରକ୍ଷିତ ମନେକରିବା ଉଚିତ ନୁହେଁ। ଜନସାଧାରଣଙ୍କ ସମସ୍ୟା ସହିତ ଜଡ଼ିତ ନ ଥିଲେ ବିସ୍ଫୋରଣ କେଉଁ ମୁହୂର୍ତ୍ତରେ ହେବ କହିବା କଷ୍ଟକର। ଦେଖିବାକୁ ଗଲେ ବିସ୍ଫୋରଣ ହେବାର ସମ୍ଭାବନା ସବୁବେଳେ ବୃଦ୍ଧି ପାଉଛି। ପୂର୍ବରୁ ଆମେ ଶୁଣି ଆସିଛେ ‘ପ୍ରଜା ମେଳିକୁ ରାଜା ପାରି ନ ଥାନ୍ତି’। ସେହି ଦୃଷ୍ଟିରୁ ଦେଖିଲେ ଯୁବବର୍ଗଙ୍କ ଅସନ୍ତୋଷର ଆଭାସ କେତେକ ଦେଶରୁ ମିଳୁଥିବାରୁ ଅବଶିଷ୍ଟ ବିଶ୍ୱ ସତର୍କ ହୋଇଯିବା ଦରକାର।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | 4 | | | | | 6 |
| | | | | | 2 | 7 | | |
| | | 6 | | | | | | 8 |
| | 8 | | | | | | | 4 |
| | 1 | | 6 | | | | | |
| | | | 7 | 5 | | | 3 | |
| 5 | | | 2 | | | | 1 | |
| | | 1 | | | | 6 | 8 | 2 |
| 6 | | 4 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 7 | 4 | 5 | 3 | 1 | 9 | 6 |
| 3 | 5 | 4 | 6 | 9 | 1 | 8 | 7 | 2 |
| 9 | 6 | 1 | 2 | 7 | 8 | 4 | 5 | 3 |
| 4 | 1 | 9 | 7 | 2 | 6 | 3 | 8 | 5 |
| 5 | 3 | 2 | 9 | 8 | 4 | 7 | 6 | 1 |
| 6 | 7 | 8 | 3 | 1 | 5 | 9 | 2 | 4 |
| 7 | 8 | 6 | 1 | 4 | 2 | 5 | 3 | 9 |
| 1 | 9 | 3 | 5 | 6 | 7 | 2 | 4 | 8 |
| 2 | 4 | 5 | 8 | 3 | 9 | 6 | 1 | 7 |

ଗତକାଲିର ଉତ୍ତର

# ପୁରବନ୍ଦୀ ଘର- ପ୍ରାଥମିକ ଶିକ୍ଷା



ଡ.ଚନ୍ଦନ କୁମାର ସିଂହ

ପୁରବନ୍ଦୀ ଘର ବିଶେଷଭାବେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯାଉଥିଲା। ଏବେ ଆଉ ଏହି ପ୍ରକାର ଘର କେଉଁଠି ନା କେଉଁଠି ଥିବ! ଏହି ଘରର ଗଢ଼ଣ ଶୈଳୀ ହେଉଛି – ଗୋଟେ ଦାଣ୍ଡ ଦୁଆର, ଆଉ ଗୋଟେ ବାଡ଼ି ଦୁଆର। ମଝିରେ ଅଗଣା। ଦାଣ୍ଡ ଦୁଆର, ବାଡ଼ି ଦୁଆର ଆଉ ଘର ଭିତରେ ଯେତକ ଦୁଆର ଥାଏ ସବୁଥିରେ ଯାଉଁଳି କବାଟ। ଇଶାଣ ଶାଳ, ଠାକୁର ଘର, ଧାନ ଚାଉଳ ଘର ଆଦି ସବୁକିଛି ଏହି ପୁରବନ୍ଦୀ ଘର ଭିତରେ। ଗାଁର ଥିଲାବାଲା ଲୋକ ପୁରବନ୍ଦୀ ଘର ତିଆରୁଥିଲେ। ପୁରବନ୍ଦୀ ଘରର ଆଉ ଏକ ନାଁ ମଧ୍ୟ ଅଛି-ଖଞ୍ଜାଘର। ଖଞ୍ଜାଘର ବା ପୁରବନ୍ଦୀ ଘର ହେଉଛି ଆୟତାକାର କ୍ଷେତ୍ରଭଳି। ପ୍ରତି କୋଠରିର କାନ୍ଥ ଅନ୍ୟ କାନ୍ଥ ସହ ସଂଶ୍ଳିଷ୍ଟ ଥାଏ। କେହି କାହାଠାରୁ ଅଲଗା ନୁହନ୍ତି। ପ୍ରାଥମିକ ଶିକ୍ଷାକୁ ପୁରବନ୍ଦୀ ଘର ବା ଖଞ୍ଜାଘର ସହ ସମବାଚୀ କରି ଆଣିବା ଆଉ ଏକ ଅବସର। ପ୍ରାଥମିକ ଶିକ୍ଷା କେନ୍ଦ୍ରର ନାନାବିଧ ଚିତ୍ର ଆମ ଅନେକଙ୍କର ମଗଜରେ ଅଛି। କେତେ ପରିମାଣରେ ଅଛି ତାହା ଭିନ୍ନ କଥା । ମାତ୍ର ମଗଜରେ ରହିଛି। କହିବାର କାରଣ ହେଲା ଯେତେଯାହା ହେଲେ ମଧ୍ୟ ପ୍ରାଥମିକ ଶିକ୍ଷା ହେଉଛି ଏକ ପୁରବନ୍ଦୀ ଘର। ପ୍ରାଥମିକ ଶିକ୍ଷା କହିଲେ ଆମ ମକଦମ୍‌ମାନଙ୍କରେ ଥିବା ପ୍ରାଥମିକ ଶିକ୍ଷାକେନ୍ଦ୍ର ବା ସ୍କୁଲକୁ ହିଁ ବୁଝାଇଥାଏ। ଶିକ୍ଷକ ଅଭିଭାବକ ଗୋଷ୍ଠୀ, ଛାତ୍ରୀଛାତ୍ର ଓ କାର୍ଯ୍ୟପାଳିକା ବ୍ୟବସ୍ଥାକୁ ପୁରବନ୍ଦୀ ଘରର ଚାରିପ୍ରସ୍ଥ ଘର ଭାବେ ବିଚାର କରାଯାଇପାରେ। ଏହି ଚାରିପ୍ରସ୍ଥ କେହି କାହାଠାରୁ ଅଲଗା ହେଲେ କାନ୍ଥ ପଡ଼ିଯାଏ। ଖଞ୍ଜାଘର ଭାଙ୍ଗିଯାଏ । ପ୍ରାଥମିକ ସ୍କୁଲ ବା ଶିକ୍ଷାକେନ୍ଦ୍ର ଆଣନ୍ତି ତାହାର ପ୍ରଭାବ ସେହି ଅଞ୍ଚଳରେ ପଡ଼େ। ଚାରିପ୍ରସ୍ଥର ସମ୍ପୃକ୍ତ ଯେତେଟୋଣ ଏ ଅଞ୍ଚଳରେ ପ୍ରାଥମିକ ଶିକ୍ଷାର ଭାବଟି ସେତେ ଅଧିକ। ସ୍କୁଲକୁ କେନ୍ଦ୍ରକରି ଥିବା ଜନସମୁଦ୍ରର ଭିତରେ ଏହାର ସ୍ୱଭାବ ସେତେ ପରିମାଣରେ ସୁଲଭ। ମାତ୍ର ଏହି ଚାରିପ୍ରସ୍ଥ ଭିତରୁ ଅଭିଭାବକ ପ୍ରସ୍ଥର ସମ୍ପୃକ୍ତି ପ୍ରାଥମିକ ଶିକ୍ଷାକେନ୍ଦ୍ରରେ ବହୁଦୃଷ୍ଟିରୁ ଦୁର୍ବଳ । ଓଡ଼ିଶାର ମାଳ ଅଞ୍ଚଳ ହେଉ କିମ୍ବା ସମତଳ ଅଞ୍ଚଳ ପ୍ରାଥମିକ ଶିକ୍ଷାକେନ୍ଦ୍ରରେ ଅଭିଭାବକ ଗୋଷ୍ଠୀର ସମ୍ପୃକ୍ତି ଏବେ ମଧ୍ୟ ଆଉଟୁ ପାଉଟୁ ଦୃଷ୍ଟି ଆଢୁଆଳରେ। ସମତଳ ଅବା ଅସମତଳ ଭୌଗୋଳିକ ବାତାୟନରେ ତିଷ୍ଠି ରହିଥିବା ପ୍ରାଥମିକ ଶିକ୍ଷାକେନ୍ଦ୍ର ଏକଲା। କେଉଁ ଶିକ୍ଷାକେନ୍ଦ୍ରରେ ଗଛବୃକ୍ଷ ଭର୍ତ୍ତି ତ ଆଉ କେଉଁ ଶିକ୍ଷାକେନ୍ଦ୍ରର ହତାକୁ ଠଉରାଇ ପାରିବା ଅନେକ କଷ୍ଟକର। ଖାତା ଖତିୟାନ୍‌ରେ ପ୍ରାଥମିକ ଶିକ୍ଷା କେନ୍ଦ୍ରର ନିରୂପଣ ଅନେକ ସ୍ଥାନରେ ବିବଦମାନ। ଏହାକୁ ପାରିହେବା ଦାରୁଣ ବ୍ୟାପାର। ମାତ୍ର ଅଭିଭାବକ ଗୋଷ୍ଠୀର ପରିଚୟ ନିରୂପଣ ଦାରୁଣ ତ ନୁହେଁ, କଷ୍ଟକର ନୁହେଁ। ତେବେ ଖଞ୍ଜାନଗା ଘରର ଏହି ପାଖ କାନ୍ଥ ପଡିଯାଉଛି କାହିଁକି ଭଲା।



ଆଇନ ଅନୁସାରେ ପ୍ରତି ପ୍ରାଥମିକ ସ୍କୁଲର ଗୋଟିଏ ଲେଖାଏ ପରିଚାଳନା ସମିତି ଅଛି, ଯାହାର ବୈଠକ ପାଇଁ ପ୍ରଧାନ ଶିକ୍ଷକ ଭାରି ହନ୍ତସନ୍ତ ହୁଅନ୍ତି। ଆଇନ୍‌ର ତାଗିଦା ମାନିବାକୁ ହେବ। ଶୀର୍ଷା ମକଦମ୍‌ରୁ ଜିଲା ମକଦମ୍, ଜିଲା ମକଦମ୍‌ର ଜିଲା ଶିକ୍ଷାଧିକାରୀ, ତାଙ୍କ ତଳକୁ ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧସ୍ତନ ସିଆର୍‌ସିସି ମହୋଦୟା/ମହୋଦୟ। ସିଆର୍‌ସିସିଙ୍କ ଅଧସ୍ତନ ଯେତକ ପ୍ରାଥମିକ ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକବୃନ୍ଦ। ଆଇନ ଅନୁସାରେ ଅଭିଭାବକ ବୈଠକ ନିର୍ଦ୍ଦିଷ୍ଟ ତାରିଖରେ ହେବ ହିଁ ହେବ। ଏହାର ଫଟୋ ଅପଲୋଡ୍ ହୋଇ ବିଭାଗୀୟ ଅଧିକାରୀଙ୍କ ନଜରକୁ ଅଣାଯିବ। ଏଥିପାଇଁ ପ୍ରଧାନ ଶିକ୍ଷକ ବହୁପୂର୍ବରୁ ପିଲାଙ୍କ ହାତରେ କେତେବେଳେ ତ ଖବର ଦିଅନ୍ତି ଆଉ କେତେବେଳେ ନିଜେ ନିଜେ ଅଭିଭାବକଙ୍କ ଦ୍ୱାରସ୍ଥ ହୁଅନ୍ତି ମିଟିଂରେ ଯୋଗଦେବା ଲାଗି। ବିଶେଷଭାବେ ସ୍କୁଲ ସଭାପତିଙ୍କ ଉପସ୍ଥିତି ଏହି ମିଟିଂରେ ଖୁବ୍ ଲୋଡ଼ା। ମାତ୍ର ଅନେକ ସମୟରେ ଦେଖାଯାଏ ଯେ ସ୍କୁଲ ସଭାପତି ଖୋଦ୍ ଜାଣି ନ ଥାନ୍ତି ସେ ସମ୍ପୃକ୍ତ ସ୍କୁଲର ସଭାପତି ଅଛନ୍ତି! ସତରେ ଏହା ଏକ ସମ୍ବେଦନଶୀଳ ସମୀକ୍ଷାର ବିଷୟ। ଅଭିଭାବକ ଗୋଷ୍ଠୀ ଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରକ୍ରିୟାରେ ନିଜ ନିଜ ପିଲାଙ୍କ ପାଠପଢ଼ାର ଅଗ୍ରଗତିଜନିତ ସୂଚନା, ବିଦ୍ୟାଳୟରେ ଦର୍ଜ ହୋଇଥିବା ନିଜ ପିଲାଙ୍କର ଜନ୍ମତାରିଖ, ବାପା ମା’ଙ୍କ ନାମ, ଆଧାର ନଂ. (ପିଲା,ମା’ବାପା) ପ୍ରଭୃତିକୁ ତନଖି କରିବାରେ ଯଥେଷ୍ଟ ଉଦାସୀନ ରୁହନ୍ତି। ଏହି ଉଦାସୀନ ରହିବା ସ୍ୱେଚ୍ଛାକୃତ ନା ପ୍ରାୟୋଜିତ? ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନାମ, ବାପା ମା’ଙ୍କ ନାମ, ଆଧାର କାର୍ଡରେ ଗୋଟାଏ ତ, ସ୍କୁଲରେ ଆଉ ଗୋଟିଏ ଏବଂ ଜନ୍ମ ସାର୍ଟିଫିକେଟ୍‌ରେ ଆଉ ଗୋଟିଏ, ଏହାର ସୁବିଦିତ କାରଣ ହେଲା, ତିନି ଅଧିକାରୀ ଭିନ୍ନଭିନ୍ନ। ଜନ୍ମବେଳେ (ଯଦି ଡାକ୍ତରଖାନା ହୋଇଥାଏ) ଅଧିକାରୀ ଜଣକ ଯେଉଁ ସମ୍ପ୍ରଦାୟଭୁକ୍ତ ସେ ନିଜର ଉଚ୍ଚାରଣ ଶୈଳୀ ମୁତାବକ ନାଁ ଦର୍ଜ କରାନ୍ତି। ଯଦି ପିଲା ଘରେ ଜନ୍ମ ହେଲା, ତେବେ ଆଶାକର୍ମୀ / ଅଙ୍ଗନୱାଡି କର୍ମୀ ଅଧିକାରୀ ନିଜ ନିଜର ଉଚ୍ଚାରଣ ଶୈଳୀ ମୁତାବକ ଜନ୍ମ ଶିଶୁର ନାମ ଲେଖାନ୍ତି। ଏସବୁ ଗଲାପରେ ଆଧାରକାର୍ଡ ପ୍ରସଙ୍ଗ। ଆଧାରକାର୍ଡ ଅଧିକାରୀ ଜନ୍ମ ତାରିଖକୁ ନଜରକରି ନିଜ ହସ୍ତ ଓ ମସ୍ତିଷ୍କର ସ୍ୱଭାବ ଅନୁସାରେ ପିଲାର ନାଁ ଦର୍ଜ କରାନ୍ତି। ତେଣୁ ଦେଖିବାକୁ ମିଳେ ପ୍ରାଥମିକ ଶିକ୍ଷାକେନ୍ଦ୍ରର ପଞ୍ଜୀକରଣ ଖାତାରେ ପିଲାର ନାମ ଆଧାର କାର୍ଡରେ ଖାପ୍ ଖାଉ ନାହିଁ। ଏହି ସମସ୍ୟାଟି ଏକାଧାରରେ ବିଷମ ଓ ଭୀଷଣ। ଏହା ଫଳରେ ଅନେକପିଲା ନବୋଦୟ, ଆଦର୍ଶ, କଳିଙ୍ଗ, ଏକଲବ୍ୟ, ସୈନିକ ସ୍କୁଲ ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଦେବାରୁ ବଞ୍ଚିତ ହୁଅନ୍ତି।

କେବଳ ଏତିକି ନୁହେଁ ସ୍କୁଲ ସ୍ତରରେ ଓ ସିଆର୍‌ସିସିଙ୍କ ସ୍ତରରେ କେତୋଟି ଅକ୍ଷର ସଂଶୋଧନ ହେବ ତାହାର ମଧ୍ୟ ନିୟମ ରହିଛି। ଗାର ଡେଇଁଗଲେ କମ୍ପ୍ୟୁଟର ମହାଶୟ ଆପଣଙ୍କ କଥା ଶୁଣିବ ନାହିଁ। ଏସବୁକୁ କିଏ ଆଖିଦେବ ସତରେ! ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ହେଲା, ଗାଁ ପ୍ରାଥମିକ ଶିକ୍ଷାକେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ। ମାତ୍ର ପିଲାଟି କ’ଣ ପଢୁଛି ନ ପଢୁଛି, କିପରି ପଢୁଛି ଏସବୁର ହକ୍ ଅଭିଭାବକଙ୍କ ନିକଟରେ ନିହିତ ଥାଏ। ମାତ୍ର ମା’ବାପା ଏସବୁକଥା ପଚାରିବାକୁ ସ୍କୁଲ ହତା ଭିତରକୁ ଆସନ୍ତି ନାହିଁ। ସବୁତକ ବିଶ୍ୱାସ-ଅବିଶ୍ୱାସ ଶିକ୍ଷକଙ୍କ ମୁଣ୍ଡରେ ଅଜାଡ଼ି ଦେଇ ତୁନି ପଡ଼ନ୍ତି। ତେବେ କାହିଁକି ଏକଥା । ଗାଁର ଯୁବଗୋଷ୍ଠୀ ଓ ସ୍କୁଲର ଅଭିଭାବକ ଗୋଷ୍ଠୀ ପୂଜାପାର୍ବଣର ମାହୋଲରେ ନିଜର ଭୂମିକା ଖୁବ୍ ଭଲଭାବରେ ତୁଲାଉଥିବା ସ୍ଥଳେ, ଗାଁ ପ୍ରାଥମିକ ବିଦ୍ୟାଳୟର ପାଠପଢ଼ାରେ ଏକଛତ୍ରଭାବେ ନିଷ୍କ୍ରିୟ। କଥାଟିଏ ପୂର୍ଣ୍ଣଚ୍ଛେଦ ପକାଇ ସାରିଦେଲେ ହେବ ନାହିଁ। ଏହାର କାରଣ ନିରୂପଣରେ ସମ୍ପୃକ୍ତ ଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଭୂମିକା ସୁଦୂରପ୍ରସାରୀ। ଏପଟରୁ ପାଦେ ଆଗେଇଲେ ସେପଟରୁ ପାଦେ ଆଗେଇବା ଜରୁରୀ। ଏହା ନ ହେଲେ ପୁରବନ୍ଦୀ ପ୍ରାଥମିକ ଶିକ୍ଷାକେନ୍ଦ୍ରର ଗୋଟେ ପାଖ କାନ୍ଥ ନିହାତି ଭୁଶୁଡ଼ି ପଡ଼ିବ। ସଚେତନ ଅଭିଭାବକ ଗୋଷ୍ଠୀର ଚିତ୍ର ପ୍ରଧାନ ଶିକ୍ଷକଙ୍କ ଉପରେ ନିର୍ଭରଶୀଳ। ସଚେତନ ଅଭିଭାବକ ଗୋଷ୍ଠୀ ଛାଆଁକୁ ଛାଆଁ ଗଢ଼ିଉଠିବେ ନାହିଁ କସ୍ମିନ୍‌କାଳେ। ସେଥିପାଇଁ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟରେ ଅଭିଭାବକ ଗୋଷ୍ଠୀଙ୍କର ସମ୍ପୃକ୍ତି କରାଇବାକୁ ନିଜର ସମ୍ମତି ଦେବା ଦରକାର। ସ୍କୁଲ ହେଉଛି ଗାଁର। ସରକାରଙ୍କର ଯେତେ ନୁହଁ ତା’ଠାରୁ ଅନେକ ବେଶି ଆମର। ଏହା ଫଳରେ ଶିକ୍ଷା ଅନୁକୂଳ ତଥା ଛାତ୍ର ଅନୁକୂଳ ବାତାବରଣ ସମ୍ଭବ ହେବା ଅସମ୍ଭବ ନୁହେଁ।

**ବିଷମ କଟକ, ରାୟଗଡ଼**
**ମୋ: ୮୨୪୯୬୫୭୭୭୮**

# ଯୁଦ୍ଧ ଉପାର୍ଜିତ ପୁରସ୍କାର



ସବ୍ୟସାଚୀ ଦତ୍ତ

ନୋବେଲ୍ ପୁରସ୍କାର’ ବିଶ୍ୱର ସର୍ବୋଚ୍ଚ ସମ୍ମାନ ରୂପେ ପରିଗଣିତ। କିଏ ସେ ନୋବେଲ୍? କାହିଁକି ବା ତାଙ୍କ ନାଁରେ ଏପରି ସର୍ବୋଚ୍ଚ ପୁରସ୍କାର ଦେବାର ଘୋଷଣା କରାଗଲା? ଏହାର ଇତିହାସ ଅନେକଟା ଦୁଃଖଦ, ଯାହାକୁ ସୁଖଦ କରିବାକୁ ବିଶ୍ୱଦରବାରରେ ବାରମ୍ବାର ଚେଷ୍ଟା କରାଯାଇଛି। ବିଧିର ବିଧାନ କିନ୍ତୁ ଚାହିଁଛି ପୃଥକ୍ ପରିଣତି। କ୍ରମେ ପୁରସ୍କାରଟି ନାନାଆଡୁ ଦୁଃଖକୁ ହିଁ ସାଉଁଟି ଆଣିଛି।

ସାର୍ ଆଲଫ୍ରେଡ୍ ନୋବେଲ୍। ୧୮୩୩ ମସିହାରେ ଜନ୍ମ ନିଅନ୍ତି ସ୍ୱିଡେନ୍‌ରେ। ରସାୟନ ବିଜ୍ଞାନରେ ବ୍ରତୀ। ୧୮୬୬ରେ ଆବିଷ୍କାର କରନ୍ତି ମାରାତ୍ମକ ବିସ୍ଫୋରକ ‘ଡିନାମାଇଟ୍’। ୧୮୬୭ରେ ସେ ‘ଡିନାମାଇଟ୍’ର ପେଟେଣ୍ଟ କରିନିଅନ୍ତି। ଅର୍ଥାତ୍ ଏହାର ବିକ୍ରି ଲବ୍ଧ ଅର୍ଥ ଉପରେ ତାଙ୍କର ଏକଚାଟିଆ ଅଧିକାର ରହେ। ରୋଜଗାରର ସୁଅ ଛୁଟେ। ତାହା ତାଙ୍କୁ ସୁନାମ ସହିତ ସମପରିମାଣର ଦୁର୍ନାମ ମଧ୍ୟ ଆଣି ଦିଏ। ବିଭିନ୍ନ ଖବରକାଗଜ ଓ ଗଣମାଧ୍ୟମ ସାର୍ ଆଲ୍‌ଫ୍ରେଡ୍‌ଙ୍କୁ ‘ମୃତ୍ୟୁର ସୌଦାଗର’ ବୋଲି ବର୍ଣ୍ଣନା କରନ୍ତି। କାରଣ ‘ଡିନାମାଇଟ୍’ ପ୍ରଭାବରେ ସାରା ବିଶ୍ୱରେ ମୃତ୍ୟୁସଂଖ୍ୟା ଦିନକୁ ଦିନ ମାତ୍ରାଧିକ ଭାବେ ବଢ଼ିଚାଲେ।

ଏ ଅବତାରଣା ଆଲ୍‌ଫ୍ରେଡ୍‌ଙ୍କୁ ବହୁତ ବାଧେ। ସେ ମର୍ମାହତ ହୁଅନ୍ତି। ତାଙ୍କ ଡିନାମାଇଟ ଉପାର୍ଜିତ ଅର୍ଥକୁ କୌଣସି କଲ୍ୟାଣକାରୀ କାମରେ ଉପଯୋଗ କରିବା ପାଇଁ ସିଦ୍ଧାନ୍ତ ନିଅନ୍ତି। ‘ମୃତ୍ୟୁର ବର୍ଷେ ପୂର୍ବରୁ, ୧୮୯୫ରେ ସେ ଗୋଟେ ଉଇଲ୍ କରି ତାଙ୍କର ସମସ୍ତ ଅର୍ଜିତ ଅର୍ଥକୁ ବିଶ୍ୱର କଲ୍ୟାଣ ନିମନ୍ତେ ଏକ ପାଣ୍ଠିକୁ ହସ୍ତାନ୍ତର କରନ୍ତି। ବିଶ୍ୱର ସର୍ବଶ୍ରେଷ୍ଠ ସାହିତ୍ୟ କୃତି, ରସାୟନ ବିଦ୍ୟା, ପଦାର୍ଥ ବିଜ୍ଞାନ ଓ ଭେଷଜ ବିଜ୍ଞାନରେ ଶ୍ରେଷ୍ଠ ଆବିଷ୍କାର/ଉଦ୍ଭାବନ ପାଇଁ ଅଲଗା ଅଲଗା ଚାରୋଟି ପୁରସ୍କାର ଦିଆଯିବ। ସେତେବେଳକୁ ପ୍ରାୟ ପ୍ରଥମ ବିଶ୍ୱଯୁଦ୍ଧ ଆଶଙ୍କାରେ ପ୍ରାକ୍‌ଯୁଦ୍ଧ ଅଶାନ୍ତି ଅଳ୍ପ ବହୁତେ ଅନୁଭୂତ ହୋଇଆସୁଥିଲା। ତେଣୁ ଶେଷକୁ ପଞ୍ଚମ ଶ୍ରେଷ୍ଠ ପୁରସ୍କାର ଭାବେ ନୋବେଲ ଶାନ୍ତି ପୁରସ୍କାରକୁ ମଧ୍ୟ ଯୋଡ଼ାଗଲା ଓ ଆଲ୍‌ଫ୍ରେଡ୍‌ଙ୍କ ମୃତ୍ୟୁର ଚାରିବର୍ଷ ପରଠାରୁ ୧୯୦୧ରୁ ଆରମ୍ଭ ହେଲା ‘ନୋବେଲ୍ ପୁରସ୍କାର’ ପ୍ରଦାନର ପର୍ବ।

୧୯୧୪ରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୁଏ। ନୋବେଲ୍ ପୁରସ୍କାର ପରିଚାଳନା କମିଟି ଯୁଦ୍ଧର ବାସ୍ନା ବାରିପାରି, ଏହାର ୧୩ ବର୍ଷ ପୂର୍ବରୁ ଶାନ୍ତି ପୁରସ୍କାର ପ୍ରଦାନ ଆରମ୍ଭ କରିଥିଲେ। ତଥାପି ଯୁଦ୍ଧକୁ ବନ୍ଦ କରିପାରିଲେ ନାହିଁ। ଠିକ୍ ୨୦ ବର୍ଷ ପରେ, ପୁଣି ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ମଧ୍ୟ ଭୟଙ୍କର ରୂପ ନିଏ। ୮୦ ବର୍ଷ ପରେ ଆଜି ଆମେ ତୃତୀୟ ବିଶ୍ୱଯୁଦ୍ଧର ଦ୍ୱାରଦେଶରେ ଉପନୀତ ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା, ପର୍ଯ୍ୟାଲୋଚନା ଓ ପ୍ରଚେଷ୍ଟା ମଧ୍ୟ କରୁଛୁ।

ଦୁଇଦୁଇଟି ଭୟଙ୍କର ଯୁଦ୍ଧ କିପରି ପୁରସ୍କାର ପ୍ରଦାନ କରିବାରେ; ପ୍ରକାରାନ୍ତେ ଉପାର୍ଜନ କରାଇବାରେ ସମର୍ଥ ହୋଇପାରିଛି ସେ ବିଷୟରେ ଆଲୋକପାତ କରିବା। ଦ୍ୱିତୀୟ ବିଶ୍ୱଯୁଦ୍ଧର ପୃଷ୍ଠଭୂମିରେ ଗୁଣ୍ଟାର୍ ଗ୍ରାସ୍ ରଚନା କରନ୍ତି ଏକ ବହୁଚର୍ଚ୍ଚିତ ଉପନ୍ୟାସ, ‘ଦି ଟିନ୍ ଡ୍ରମ୍’। ୧୯୫୮ରେ ଏହା ପ୍ରକାଶିତ ହୁଏ, ଯାହାର ନାୟକ ଜଣେ ୧୩ ବର୍ଷର ବାଳକ; ନାଁ ଓସ୍କାର ମାଜେରାଥ୍। ବାଳକଟି ଗୋଟିଏ ଡ୍ରମ୍ ବାଢ଼େଇ ଭର୍ତ୍ସନା କରୁଛି ବୟସ୍କମାନଙ୍କୁ। ଅର୍ଥାତ୍ ପ୍ରୌଢ଼ ବର୍ଗଙ୍କୁ ଯିଏ ଯୁଦ୍ଧର ମୁଖ୍ୟ ନେପଥ୍ୟ ନାୟକ ଓ ଯୁବ ବର୍ଗଙ୍କୁ, ଯେଉଁମାନେ ଯୁଦ୍ଧ ଲଢ଼ନ୍ତି। ଅନେକ ବର୍ଷ ପରେ ୧୯୯୯ ମସିହାର ସାହିତ୍ୟ ବିଭାଗରେ ନୋବେଲ୍ ପୁରସ୍କାର ପାଇଁ ଗୁଣ୍ଟାର ଗ୍ରାସ୍‌ଙ୍କର ୨ଟି ଉପନ୍ୟାସ ‘ଦି ର୍‍ୟାଟ’ ଓ ‘ଦି ଟିନ୍ ଡ୍ରମ୍’ ନୋବେଲ୍ କମିଟିରେ ବିଚାର ପରିସରଭୁକ୍ତ ହୋଇଥିଲା।



ଦ୍ୱିତୀୟ ବିଶ୍ୱଯୁଦ୍ଧ ସରିବା ପରଠୁ ଆମେ ୮ଦଶନ୍ଧି ସମୟ ବିତେଇ ସାରିଲେଣି। ଏହା ମଧ୍ୟରେ ସାହିତ୍ୟ ଓ ଶାନ୍ତି ପାଇଁ ୮୦ଥର ନୋବେଲ୍ ପୁରସ୍କାର ଦିଆଯାଇଥିବ। ୧୯୬୯ରୁ ଆରମ୍ଭ ହୋଇଥିବା, ଅର୍ଥନୀତି ନୋବେଲ୍ ପୁରସ୍କାର ମଧ୍ୟ ପ୍ରାୟ ୫୫ ଥର ଦିଆସରିବଣି। ଏ ତିନି ଜାତିର ପୁରସ୍କାର ପ୍ରତ୍ୟେକ ବର୍ଷ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ବିଚାର କରି ଦିଆଯାଇଥିବ। ହୁଏତ କେଉଁଠି ଛୋଟମୋଟ ଯୁଦ୍ଧ ଏ ପୁରସ୍କାର ପାଇଁ ଆଧାର ବି ସାଜିଥାଇ ପାରନ୍ତି। କିନ୍ତୁ କ୍ରମ ହେଲା, ପ୍ରଥମେ ଯୁଦ୍ଧ ପରବର୍ତ୍ତୀ ସମୟରେ ଶାନ୍ତି ପ୍ରତିଷ୍ଠା ପାଇଁ; କିଛି ବର୍ଷ ମଧ୍ୟରେ ସେ ଘନଘଟାର ବର୍ଣ୍ଣନାତ୍ମକ ସାହିତ୍ୟ ସୃଷ୍ଟି ପାଇଁ ଓ ପରେ ପରେ ଯୁଦ୍ଧୋତ୍ତର ଅର୍ଥନୀତିରେ ସୁଧାର ଆଣିବାର ପ୍ରଚେଷ୍ଟା ପାଇଁ। ଯୁଦ୍ଧ ଉପାର୍ଜିତ ସାହିତ୍ୟ ନୋବେଲ୍ ପୁରସ୍କାରର ଆଖ୍ୟାୟିକା ତ ଶୁଣିଲେ। ଶାନ୍ତି ପୁରସ୍କାର କଥା ସମସ୍ତେ ଜାଣିଛନ୍ତି। ଜାତିସଂଘ ମଧ୍ୟ ପ୍ରତିଷ୍ଠା ହୋଇଛି ଶାନ୍ତି ପ୍ରତିଷ୍ଠା ପାଇଁ, ଯଦିଓ ଏହା ଆଜିଯାଏ ସକ୍ରିୟ ହୋଇପାରି ନାହିଁ। ଯୁଦ୍ଧୋତ୍ତର ପୃଥିବୀରେ ନିଶ୍ଚୟ କେଉଁଠି ନା କେଉଁଠି ଅର୍ଥନୀତିରେ ଭୂସ୍ଖଳନ ହେବାର ଆଶଙ୍କା ଥାଏ। ତାକୁ ସୁଧାରିବା ପାଇଁ ଯାଇ କେହି ମନୀଷୀ ଆସି ଅର୍ଥନୀତିରେ ସୁଧାର ଆଣିଲେ, ସେ ପୁଣି ଅର୍ଥନୀତିରେ ନୋବେଲ୍ ପୁରସ୍କାର ପାଇଁ ଦାବିଦାର ହୋଇଯାଆନ୍ତି। ବାଂଲାଦେଶର ମହମ୍ମଦ ୟୁନୁସ୍ ମଧ୍ୟ ଯୁଦ୍ଧୋତ୍ତର ଅର୍ଥନୀତିରେ ଏଭଳି ନୋବେଲ୍ ପୁରସ୍କାର ପାଇବାରେ ଦୃଷ୍ଟାନ୍ତ ସାଜିଛନ୍ତି। କିନ୍ତୁ ଅର୍ଥନୀତିରେ ନୋବେଲ ପୁରସ୍କାର ବିଚାର ଯେଉଁ କ୍ଷେତ୍ର ପାଇଁ ଦିଆଯାଏ, ତାହା ଲାଗି ପ୍ରଥମେ ଦେଶଟି ଦରିଦ୍ର ପଦବାଚ୍ୟ ହେବା ଉଚିତ।

ବର୍ତ୍ତମାନ ପୃଥିବୀରେ ରୁଷିଆ-ୟୁକ୍ରେନ୍, ଗାଜା-ଇସ୍ରାଏଲ କିମ୍ବା ଭାରତ-ପାକିସ୍ତାନ ଯୁଦ୍ଧର ନିଆଁ ପୂରାପୂରି ଲିଭିନାହିଁ। ସବୁଠାରେ କୁହୁଳୁଛି। ପୁଣି ଦକ୍ଷିଣ-ଉତ୍ତର କୋରିଆ ଓ ଚାଇନା-ତାଇୱାନରେ ଆଉ ଦୁଇଟି ଆସନ୍ନ ଯୁଦ୍ଧ କଳାହାଣ୍ଡିଆ ମେଘ ଭଳି ଘୋଟି ରହିଛି। କେତେବେଳେ ବର୍ଷିଯିବ କେହି ଜାଣିନାହାନ୍ତି। ସେପଟେ ପୁଣି ସାହିତ୍ୟିକ ଗୋଷ୍ଠୀ ଚାହିଁ ବସିଥିବେ ଏହି ଯୁଦ୍ଧ ପୃଷ୍ଠଭୂମିକୁ ନେଇ ଦରଦୀ ସାହିତ୍ୟ ରଚନା ପାଇଁ, ଯାହା ପୁଣି କିଛି ବର୍ଷ ପରେ ସାହିତ୍ୟରେ ନୋବେଲ୍ ପୁରସ୍କାର ପାଇଁ ମନୋନୀତ ହେବ। ପୁଣି ୟୁକ୍ରେନ୍, ଗାଜା ବା ପାକିସ୍ତାନ ଭଳି ଯୁଦ୍ଧ ବିଧ୍ୱସ୍ତ ରାଷ୍ଟ୍ରର ଅର୍ଥନୀତିରେ ସୁଧାର ଆଣିବା ପାଇଁ ବିଶ୍ୱସ୍ତରରେ ନାନା ଚେଷ୍ଟା କରାଯିବ। ତାହା ହୁଏତ କୌଣସି ବ୍ୟକ୍ତିବିଶେଷ ବା ସଂସ୍ଥାକୁ ନୋବେଲ୍ ଅର୍ଥନୀତି ପୁରସ୍କାର ପାଇବାରେ ସହାୟକ ହେବ।

ପୃଷ୍ଠଭୂମିରେ ଯୁଦ୍ଧରୁ ପରୋକ୍ଷରେ ଉପାର୍ଜିତ ହୋଇଥିବା, ଶାନ୍ତି, ସାହିତ୍ୟ ଓ ଅର୍ଥନୀତିର ତିନୋଟି ଯାକ ନୋବେଲ୍ ପୁରସ୍କାର ଗୋଟିଏ ଦେଶକୁ ଚାଲିଯିବାର ଆଶଙ୍କା ମଧ୍ୟ ରହିଛି। ମୃତ୍ୟୁର ଘନଘଟାରୁ ଦୁଃଖ ଉପାର୍ଜିତ ଅର୍ଥରେ ପ୍ରଦତ୍ତ ନୋବେଲ୍ ପୁରସ୍କାର ପୁଣି ଘୂରିବୁଲେ ସେହି ଦୁଃଖର ଭଉଁରି ଭିତରେ। ସୁଖ ସାଉଁଟିବାର ଆଶା ପରାହତ ହୁଏ। ଆମର ସହଜାତ ଯୁଦ୍ଧଖୋର ମନୋବୃତ୍ତି ଯୋଗୁ କୌଣସି ପ୍ରକାରେ ପ୍ରାୟୋଜିତ ଦୁଃଖ ଲଦି ଦିଆଯାଏ ପୃଥିବୀବାସୀଙ୍କ ଉପରେ।

**ମୋ: ୯୪୩୭୦୪୫୫୪୭**

## ଏଇ ଭାରତରେ

ପେସାରେ ସେ ଜଣେ ଡାକ୍ତର, ହେଲେ ବନୀକରଣ ପାଇଁ ସମୟ ଦେଇ ତାହାର ସଫଳ ରୂପାୟନ କରିପାରିଛନ୍ତି ରାଜସ୍ଥାନର ଡ. ଯୋଗେଶ ଚୌଧୁରୀ। ସେ ରାଜସ୍ଥାନର ଶୁଷ୍କ ଜଳବାୟୁରେ ଚନ୍ଦନ ଜଙ୍ଗଲ ସୃଷ୍ଟିକରିବାକୁ ସକ୍ଷମ ହୋଇଛନ୍ତି। ୨୦୧୭ରେ ସେ କର୍ଣ୍ଣାଟକର ବେଲାରି ଯାଇଥିବା ସମୟରେ ବିସ୍ତୀର୍ଣ୍ଣ ଚନ୍ଦନ ଜଙ୍ଗଲରେ ବୁଲିବାର ସୁଯୋଗ ପାଇଥିଲେ। ସେଠାକାର ଅନୁଭବ ତାଙ୍କୁ ଏଭଳି ଜଙ୍ଗଲ କରିବା ଲାଗି ପ୍ରେରଣା ଦେଇଥିଲା। ପରେ ତାଙ୍କ ଗାଁ ବାରମରରେ ଚାଷ ହେଉ ନ ଥିବା ଜମିରେ ଚନ୍ଦନ ଗଛ ଲଗାଇବା ଆରମ୍ଭ କରିଥିଲେ। ମୋଟରେ ସେ ୯୦୦ ଚନ୍ଦନ ଚାରାଗଛ ଲଗାଇଥିଲେ, କିନ୍ତୁ ସେସବୁ ମରିଯାଇଥିଲା। ଫଳରେ ସେ ୧.୫ ଲକ୍ଷ ଟଙ୍କା କ୍ଷତି ସହିଥିଲେ। ବାସ୍ତବରେ ରାଜସ୍ଥାନରେ ଚନ୍ଦନ ଜଙ୍ଗଲ କରିବା ତାଙ୍କ ପାଇଁ ଏକ ଆହ୍ୱାନ ଥିଲା। ଏଥିପାଇଁ ଶୁଷ୍କ ଜଳବାୟୁରେ ଚନ୍ଦନ ଗଛ କିପରି ବଢ଼ିପାରିବ, ସେ ସମ୍ପର୍କରେ ଗବେଷକଙ୍କ ସହଯୋଗ ନେଇ ଚନ୍ଦନ ଗଛ ଲଗାଇ ବଢ଼ାଇପାରିଛନ୍ତି। ଏବେ ତାଙ୍କ ଫାର୍ମରେ ୯୦୦ ଚନ୍ଦନଗଛ ଅଛି। ଏହାସହ ଡ. ଯୋଗେଶ ମଧ୍ୟ ୬,୦୦୦ ଫଳ ଓ କାଠଗଛ ମଧ୍ୟ ଲଗାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୯ ନଭେମ୍ବର ୧୯୭୬

- ରାଜ୍ୟ ମନ୍ତ୍ରିମଣ୍ଡଳରୁ କୃଷି, ସମବାୟ ଓ ପୂର୍ତ୍ତମନ୍ତ୍ରୀ ଲକ୍ଷ୍ମଣ ମଲ୍ଲିକଙ୍କ ଇସ୍ତଫା ପ୍ରଦାନ।
- ଆନ୍ତର୍ଜାତିକ ଆଇନ କମିଶନର ସଭ୍ୟ ରୂପେ ଭାରତର ପ୍ରାର୍ଥୀ ଡକ୍ଟର ଏସ୍.ପି. ବାଗୋତା ନିର୍ବାଚିତ।
- ବାଂଲାଦେଶରେ ବୟୋବୃଦ୍ଧ ବିଶିଷ୍ଟ ରାଜନୈତିକ ନେତା ମୌଲାନା ଅବଦୁର ହମିଦ ଖାଁ ଭାସାନୀଙ୍କ ୯୬ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସନ୍ଧ୍ୟା ଆସେ ସବୁଜ ଘାସେ
ପକାଇ ଚାରୁ ଛାୟା
ଆଷାଢ଼ ମେଘ ଆକାଶେ ରଚେ ମାୟା ।
ଆମ୍ରବନେ ପରଶେ ବାଆ ଉଦାସ ତାର ଗତି
ଏ ଘରେ ଆଜି ଜଳିଲା ନାହିଁ ବତୀ !

-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ସମ୍ପ୍ରସାରଣ ହେଉ

ମହାଶୟ,

ଢେଙ୍କାନାଳ ଜିଲା, ଦକ୍ଷିଣକାଳୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ୨୦୧୮ ମସିହାରୁ ପ୍ରତିଷ୍ଠା ହୋଇଛି । ମହାବୀର ବଜାରର ଟ୍ରାଫିକ ଛକଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ସଂକୀର୍ଣ୍ଣ ହୋଇଥିବାରୁ ବହୁଦିନରୁ ଢେଙ୍କାନାଳବାସୀଙ୍କ ପାଇଁ ନିରନ୍ତର ବାଧା ସୃଷ୍ଟି କରୁଛି । ପ୍ରତ୍ୟେକ ଦିନ ଏହି ଛକରେ ଟ୍ରାଫିକ ସମସ୍ୟା ଦେଖାଯାଉଛି । ଏପରି କି ଅନେକ ସମୟରେ ଆମ୍ବୁଲାନ୍ସ ଭଳି ଜରୁରିକାଳୀନ ସେବାରେ ବିଳମ୍ବ ଘଟୁଛି ; ଯାହାକୁ ସ୍ଥାନୀୟ ଲୋକମାନେ ପ୍ରଶାସନିକ ଅବହେଳା ଏବଂ ରାସ୍ତା ସମ୍ପ୍ରସାରଣ ପ୍ରକଳ୍ପରେ ଅଚଳାବସ୍ଥା ବୋଲି ଦାୟୀ କରୁଛନ୍ତି । ତେଣୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାପାଇଁ ଏକ ଚଉଡ଼ା ରାସ୍ତାର ଆବଶ୍ୟକତା ରହିଛି । ଜିଲା ପ୍ରଶାସନ ଏହି ଦିଗରେ ଉଚିତ ପଦକ୍ଷେପ ନିଅନ୍ତୁ ।

**-ସୁଜିତ କୁମାର ଦେବତା, ଆଇଆଇଏମ୍‌ସି, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଆଇଆଇଏମ୍‌ସି ଢେଙ୍କାନାଳର ଇଂଲିଶ ଓ ଓଡ଼ିଆ ସାମ୍ବାଦିକତାର ଛାତ୍ରୀଛାତ୍ରମାନେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିବାବେଳେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଆଇଆଇଏମ୍‌ସିର ଅଧ୍ୟାପିକାଅଧ୍ୟାପକ।

# ଟିଟିଲାଗଡ଼ ସିଏନ୍‌ଆଇ ଚର୍ଚ୍ଚରେ ହ୍ୟୁମାନଙ୍କୁ ଦିଆଗଲା କବର

## ଭିଜା ଆଖିରେ ସମର୍ଥକ ଓ ସଙ୍ଗୀତପ୍ରେମୀ ଦେଲେ ଭାବପୂର୍ଣ୍ଣ ବିଦାୟ

ଟିଟିଲାଗଡ,୧୮।୧୧(ଶରତ ମିଶ୍ର)

ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ପାର୍ଥିବ ଶରୀର ତାଙ୍କ ଜନ୍ମମାଟି ବଲାଙ୍ଗୀର ଜିଲାର ଟିଟିଲାଗଡ଼ରେ ପହଞ୍ଚିବା ପରେ ସହସ୍ରାଧିକ ସମର୍ଥକ ଓ ସଙ୍ଗୀତପ୍ରେମୀ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇ ଅଶ୍ରୁଳ ବିଦାୟ ଦେଇଛନ୍ତି। ବଲାଙ୍ଗୀର ଦେଇ ସଇଁତଲା ନିକଟ ତାଙ୍କ ପୈତୃକ ଗ୍ରାମ ଡେଙ୍ଗାଙ୍କୁ ମରଶରୀର ନିଆଯାଇ ପରେ ଟିଟିଲାଗଡ଼ ଅଭିମୁଖେ ନିଆଯାଇଥିଲା। ହ୍ୟୁମାନଙ୍କ ମରଶରୀର ଥିବା ଆମ୍ବୁଲାନ୍ସ ଟିଟିଲାଗଡ଼ ସହର ପରିକ୍ରମା କରିଥିଲା। ଶେଷ ଦର୍ଶନ ପାଇଁ ପ୍ରବଳ ଭିଡ଼ ଜମିଥିଲା। ପରିବାର ଲୋକ ଓ ସମ୍ପର୍କୀୟଙ୍କ କାନ୍ଦ ବୋବାଳିରେ ସମଗ୍ର ପରିବେଶ ଶୋକାକୁଳ ହୋଇ ପଡ଼ିଥିଲା। ହ୍ୟୁମାନ ସାଗର ଅମର ରହେ ନାରା ଦେଇ ବହୁ ସଙ୍ଗୀତପ୍ରେମୀ ତାଙ୍କର ପ୍ରିୟ କଣ୍ଠଶିଳ୍ପୀଙ୍କୁ ଶେଷ ବିଦାୟ ଦେଇଥିଲେ। ପରେ ଟିଟିଲାଗଡ଼ ସିଏନ୍‌ଆଇ ଚର୍ଚ୍ଚ ପରିସରରେ ପାରମ୍ପରିକ ରୀତିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଖ୍ରୀଷ୍ଟଧର୍ମର ରୀତିନୀତି ଅନୁଯାୟୀ ପାଷ୍ଟର ଜ୍ୟୋତିରଞ୍ଜନ ପାଇକ ଶେଷକୃତ୍ୟ ପାଇଁ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରିଥିଲେ। ସେଠାରେ ତାଙ୍କୁ କବର ଦିଆଯାଇଥିଲା। ୨୦୨୨ ମସିହା କୋଭିଡ୍ ସମୟରେ ହ୍ୟୁମାନଙ୍କ ବାପା ରବିନ୍ଦ୍ର ସାଗରଙ୍କ ଦେହାନ୍ତ ହୋଇଥିଲା। ୨୦୧୫ ମସିହାରେ ତାଙ୍କ ସାନଭାଇ ମଧ୍ୟ ଆରପାରିକୁ ଚାଲିଯାଇଥିଲେ। ବାପା ଓ ଭାଇଙ୍କ କବର ପାଖରେ ଚିରନିଦ୍ରାରେ ଶୋଇଯାଇଛନ୍ତି ଓଡ଼ିଶାର ସ୍ୱର ଜଗତର ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିଭା ହ୍ୟୁମାନ। ତାଙ୍କୁ ଝୁରୁଛି ଟିଟିଲାଗଡ଼, ବଲାଙ୍ଗୀର ଏବଂ ଓଡ଼ିଶା। ସଙ୍ଗୀତପ୍ରେମୀଙ୍କ ହୃଦୟରେ ଅଳ୍ପ ବୟସରୁ ଲୋକପ୍ରିୟତାର ଶୀର୍ଷକୁ ଛୁଇଁଥିବା ହ୍ୟୁମାନ ଯେ ଏତେ କମ୍ ବୟସରେ ସମସ୍ତଙ୍କୁ ଛାଡି ଚାଲିଯିବେ ଏହା କେହି ବିଶ୍ୱାସ କରିପାରୁନାହାନ୍ତି।

ହ୍ୟୁମାନଙ୍କ ଶେଷକୃତ୍ୟ ସମ୍ପନ୍ନହେବା ସମୟରେ ତାଙ୍କ କାକା ଖୁଡ଼ୀ,ମା' ଶେଫାଳି ସୁନା, ପରିବାର ସଦସ୍ୟ, ସମ୍ପର୍କୀୟ, ବନ୍ଧୁବର୍ଗ ଓ ଜନସାଧାରଣ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ନବୀନ ଜୈନ, ପୂର୍ବତନ ବିଧାୟକ ସରୋଜ ମେହେର, ଗୁଣସାଗର ମାଝି, ଭାଜପା ନେତା ପ୍ରଶାନ୍ତ ଷଡ଼ଙ୍ଗୀ, ବୁଦ୍ଧିଆ ଆଚାର୍ଯ୍ୟ, ନାୟକବାବୁ, ସିମରନ ସିଂଭୋଇ, ପୂର୍ବତନ ଅଧକ୍ଷ ଶିବପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।




ହ୍ୟୁମାନ ସାଗରଙ୍କ ମରଶରୀରକୁ ଟିଟିଲାଗଡ଼ ସହର ପରିକ୍ରମା କରାଯାଉଛି।

# ମସଲା ଚିପସ୍ ଭିତରେ ଥିବା ପ୍ଲାଷ୍ଟିକ୍ ଖେଳନା ଗିଳି ଶିଶୁ ମୃତ

## ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢ଼ି ବାପାଙ୍କ ସହ ଯାଇଥିଲେ ମକାବାଡ଼

ଦାରିଙ୍ଗବାଡି, ୧୮।୧୧ (ଅରୁଣ ସାହୁ)

ଏକ ମସଲାଯୁକ୍ତ ଚିପସ୍ ପ୍ୟାକେଟ ଭିତରେ ଥିବା ପ୍ଲାଷ୍ଟିକ ଖେଳନା ଗିଳି ଜଣେ ୪ ବର୍ଷର ଶିଶୁଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ଏପରି ଅଭାବନୀୟ ଘଟଣା ବ୍ରାହ୍ମଣୀଗାଁ ଥାନା ତାଲୁଙ୍ଗିଆ ପଞ୍ଚାୟତ ଶିକରମାହା ଗ୍ରାମ ନିକଟସ୍ଥ ମୁସୁମାହାପଡାରେ ଦେଖିବାକୁ ମିଳିଛି। ମୃତ ଶିଶୁ ଜଣକ ହେଲେ ଏହି ପଡାର ରଞ୍ଜିତ ପ୍ରଧାନଙ୍କ ପୁଅ ବିଗିଲ ପ୍ରଧାନ।


ଖବରରୁ ଜଣାପଡିଛି, ସବୁଦିନ ଭଳି ମଙ୍ଗଳବାର ମଧ୍ୟ ବିଗିଲ ଅଙ୍ଗନାୱାଡି କେନ୍ଦ୍ରକୁ ପାଠ ପଢିବାକୁ ଯାଇଥିଲେ। ପାଠ ପଢି ସେଠାରେ ମଧ୍ୟାହ୍ନଭୋଜନ ଖାଇ ତାଙ୍କୁ ଆଣିବାକୁ ଯାଇଥିବା ବାପାଙ୍କ ସହ ଆସି ମକାବାଡ଼କୁ ଯାଇଥିଲେ। ସେଠାରେ ମା'ବାପା ମାଙ୍କ ସହ କିଛି ସମୟ ବିତାଇ ବିଗିଲ ଖେଳୁଥିଲେ। ପୂର୍ବରୁ ପୁଅ ପାଇଁ ରଞ୍ଜିତ ଏକ ମସଲାଯୁକ୍ତ ଚିପସ୍ ପ୍ୟାକେଟ ଆଣି ରଖିଥିଲେ। ସେହି ପ୍ୟାକେଟଟି ପୁଅକୁ ଦେଇଥିଲେ। ବିଗିଲ ଚିପସ୍ ଖାଇବା ସହ ପ୍ୟାକେଟରୁ ବାହାରିଥିବା ଏକ ପ୍ଲାଷ୍ଟିକ ବନ୍ଧୁକ ଖେଳନାକୁ ଧରି ଖେଳୁଥିଲେ। ଅସାବଧାନତା ଯୋଗୁ ସେ ଏହି ଖେଳନା ବନ୍ଧୁକଟିକୁ ପାଟିରେ ପୂରାଇ ଦେଇଥିଲେ। ଗିଳି ଦେବାରୁ ତାହା ପେଟକୁ ନ ଯାଇ ବିଗିଲଙ୍କ ତଣ୍ଟିରେ ଅଟକିଯାଇଥିଲା। ସେ ନିଃଶ୍ୱାସ ପ୍ରଶ୍ୱାସ ନେବା କଷ୍ଟକର ହୋଇପଡିଥିଲା। ଏହା ଦେଖି ପାଖରେ କାମ କରୁଥିବା ମା'ବାପା ଦୌଡି ଆସି ବିଗିଲଙ୍କ ତଣ୍ଟିରେ ଅଟକି ଥିବା ଖେଳନାକୁ କାଢିବା ପାଇଁ ବହୁ ଉଦ୍ୟମ କରିଥିଲେ ମଧ୍ୟ ପାରି ନ ଥିଲେ। ଶେଷରେ ଗୁରୁତର ଅବସ୍ଥାରେ ପୁଅକୁ ଧରି ଉଭୟେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ବିଗିଲଙ୍କୁ ପରୀକ୍ଷା କରି ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି, ଶିଶୁଙ୍କ ବାପାଙ୍କ କହିବା ଅନୁସାରେ ସେ ମସଲାଯୁକ୍ତ ଚିପସ୍‌ରେ ପ୍ୟାକେଟରେ ଥିବା ଖେଳନାଟିକୁ ଗିଳି ଦେଇଥିଲେ। ଯାହାକି ତାଙ୍କ ଶ୍ୱାସନଳୀରେ ରହିଯାଇ ବିପଦ ସୃଷ୍ଟି କରିଥିଲା। ଯଦି ଏହା ଖାଦ୍ୟନାଳୀକୁ ଯାଇଥାନ୍ତା ତେବେ ପେଟ ଭିତରକୁ ଯାଇ ବିପଦ ସୃଷ୍ଟି କରିଥାନ୍ତା ବୋଲି ଡାକ୍ତର ସାମନ୍ତରାୟ କହିଛନ୍ତି। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀ ପ୍ରମିତି ପ୍ରଧାନ କହିଛନ୍ତି, ବିଗିଲ ଜଣେ ଭଲ ଛାତ୍ର। ନିୟମିତ କେନ୍ଦ୍ରକୁ ଆସନ୍ତି, ଭଲ ପଢ଼ନ୍ତି। ମଙ୍ଗଳବାର ମଧ୍ୟ ସେ ପାଠ ପଢିବାକୁ ଅଙ୍ଗନୱାଡିକୁ ଆସିଥିଲେ। ଏଠାରୁ ଫେରିବା ପରେ ଏପରି ଘଟଣା ଘଟିବା ଦୁଃଖଦାୟକ ବୋଲି ସେ କହିଛନ୍ତି। ଏପରି ଘଟଣା ମୁସୁମାହାପଡାରେ ଶୋକର ଛାୟା ଖେଳାଇ ଦେଇଛି।



ବିଗିଲ ପ୍ରଧାନ

# ଅବଦାନ, ଆହ୍ୱାନକୁ ଗୁରୁତ୍ୱ

## ଅନ୍ତର୍ଜାତୀୟ ପୁରୁଷ ଦିବସ




ସମାଜରେ ପୁରୁଷଙ୍କ ସଫଳତା ଓ ଅବଦାନକୁ ସମ୍ମାନିତ କରିବା, ସେମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ବିଷୟରେ ସଚେତନତା ବୃଦ୍ଧି ତଥା ଲିଙ୍ଗଗତ ସମାନତା ଉପରେ ଧ୍ୟାନ ଦେବା ପାଇଁ ନଭେମ୍ବର ୧୯ରେ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ପୁରୁଷ ଦିବସ। ଏହି ଦିବସ ମାନସିକ ସ୍ୱାସ୍ଥ୍ୟ, ପୁରୁଷ ଆତ୍ମହତ୍ୟା ଏବଂ ପୁରୁଷ ତଥା ପୁଅମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ସାମ୍ନାକୁ ଆଣିଥାଏ। ଏଥିସହିତ ସକାରାତ୍ମକ ପୁରୁଷ ଆଦର୍ଶକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ।

୧୯୯୯ ନଭେମ୍ବର ୧୯କୁ ଆନୁଷ୍ଠାନିକ ରୂପେ 'ପୁରୁଷ ଦିବସ' ଭାବେ ତ୍ରିନିଦାଦ ଏବଂ ଟୋବାଗୋରେ ଡକ୍ଟର ଜେରୋମ ଟିଲକସିଂ ପାଳନ କରିଥିଲେ। ସେ ତାଙ୍କ ପିତାଙ୍କ ଜନ୍ମଦିନକୁ ସମ୍ମାନ ଜଣାଇବା ତଥା ଦେଶକୁ ଏକତା ସୂତ୍ରରେ ବାନ୍ଧିବାରେ ତ୍ରିନିଦାଦ ଏବଂ ଟୋବାଗୋ ଫୁଟବଲ ଦଳର ଭୂମିକାକୁ ସ୍ୱୀକୃତି ଦେବା ପାଇଁ ସେ ଏହି ଦିବସକୁ ବାଛିଥିଲେ। ଅବଶ୍ୟ ଏହି ଦିବସର ଧାରଣା ୧୯୯୦ ଦଶକର ପ୍ରାରମ୍ଭରେ ଥମାସ ଓଷ୍ଟରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା, ଯିଏ ୧୯୯୨ ମସିହାରେ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। କିନ୍ତୁ ଏହି ଦିବସକୁ ପୁନଃ ସଂସ୍ଥାପିତ ତଥା ବିଶ୍ୱବ୍ୟାପୀ ଲୋକପ୍ରିୟ କରିବାର ଶ୍ରେୟ ଟିଲକସିଂଙ୍କୁ ଦିଆଯାଏ। ଏହି ଦିବସଟି ଏବେ ୮୦ରୁ ଅଧିକ ଦେଶରେ ପାଳିତ ହେଉଛି।

# ୧୨ ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ

କେନ୍ଦୁଝର ସହର ଗାନ୍ଧୀ ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ ଛକ ସମେତ ବିଭିନ୍ନ ସ୍ଥାନରେ ହିନ୍ଦୁପ୍ରେମୀମାନେ ପତାକା ଧରି ହିନ୍ଦୁ ହିନ୍ଦୁ ଭାଇ ଭାଇ, ଭାରତମାତା କି ଜୟ ଆଦି ସ୍ଲୋଗାନ ଦେଇ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ କରିଥିଲେ। ସକାଳୁ ଜିଲାରେ ଅତ୍ୟାବଶ୍ୟକ ସେବା ବ୍ୟତୀତ ଦୋକାନ, ବଜାର, ଶିକ୍ଷାନୁଷ୍ଠାନ, ଅଫିସ, ବ୍ୟାଙ୍କ ଏବଂ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ବିଶେଷକରି ଜାତୀୟ ରାଜପଥ ନଂ.୨୦, ୪୯, ୫୨୦ ଆଦିରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା।

## ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଘଟଣା

କେନ୍ଦୁଝର,୧୮।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ସଦର ଥାନା ଅଞ୍ଚଳରେ ଗତ ୧୫ ତାରିଖରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଏହି ଘଟଣା ପ୍ରତିବାଦରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ମଙ୍ଗଳବାର ୧୨ ଘଣ୍ଟିଆ କେନ୍ଦୁଝର ବନ୍ଦ ଡାକରା ଦିଆଯାଇଥିଲା। ଜିଲାରେ ଅନୁପ୍ରବେଶକାରୀ, ଉପଦ୍ରବକାରୀ ତଥା ଅସାମାଜିକ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କୁ ଚିହ୍ନଟକରି ଜିଲାରୁ ବାହାର କରିବା ଦାବିରେ ଏହି ବନ୍ଦ ଡାକରା ଦିଆଯାଇଥିବା ବେଳେ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ସ୍ୱତଃ ପ୍ରବୃତ୍ତ ଭାବେ ଦୋକାନ, ବଜାର ବନ୍ଦକରି ବହୁ ଲୋକ ଏହି ବନ୍ଦକୁ ସମର୍ଥନ କରିଥିଲେ।

# ବିଶ୍ୱର ସର୍ବବୃହତ୍ ଶୌଚାଳୟ



ପରିମଳ ଓ ସାର୍ବଜନୀନ ଶୌଚାଳୟ କେବଳ ଦୈନନ୍ଦିନ ଆବଶ୍ୟକତା ନୁହେଁ, ବରଂ ସ୍ୱାସ୍ଥ୍ୟ ଏବଂ ସମାଜ ପାଇଁ ମୌଳିକ ଆବଶ୍ୟକତା। ତେବେ ଏଭଳି ଏକ ସ୍ଥାନ ଅଛି, ଯେଉଁଠାରେ ଏକ ସମୟରେ ୧,୦୦୦ ଲୋକ ଶୌଚାଳୟ ବ୍ୟବହାର କରିପାରିବେ। ଏହା କୌଣସି ମଜାଳିଆ କଥା ନୁହେଁ, ଚାଇନାର ଚୋଙ୍ଗକିଙ୍ଗରେ ଥିବା ପୋର୍ସେଲେନ ପ୍ୟାଲେସକୁ ବିଶ୍ୱର ସର୍ବବୃହତ ସାର୍ବଜନୀନ ଶୌଚାଳୟ କୁହାଯାଏ। ଏହା କେବଳ ସଂଖ୍ୟାରେ ବଡ଼ ନୁହେଁ ବରଂ ଡିଜାଇନ ଏବଂ ସାଜସଜ୍ଜାରେ ମଧ୍ୟ ଆକର୍ଷଣୀୟ। ଏହାର ପ୍ରାସାଦ ପରି ସାଜସଜ୍ଜା ଏବଂ ଅତ୍ୟାଧୁନିକ ବ୍ୟବସ୍ଥା, ଇଜିପ୍ଟ ଶୈଳୀର ସ୍ଥାପତ୍ୟ ଦ୍ୱାରା ଅନୁପ୍ରାଣିତ। ଏହାକୁ ପର୍ଯ୍ୟଟକଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଭାବେ ନିରୂପିତ କରିଥାଏ। ପୋର୍ସେଲେନ ପ୍ୟାଲେସ ପ୍ରାୟ ୩୨,୨୯୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ଏବଂ ଏଥିରେ ୧,୦୦୦ରୁ ଅଧିକ ଶୌଚାଳୟ ରହିଛି। ଏହାର ସମଗ୍ର ପରିସରରେ ଇଜିପ୍ଟ ଶୈଳୀର ସାଜସଜ୍ଜା ଦେଖିବାକୁ ମିଳେ, ଯାହା ଏହାକୁ ଏକ ସାଧାରଣ ଶୌଚାଳୟ ଅପେକ୍ଷା ଅଧିକ ଆକର୍ଷଣୀୟ କରିଥାଏ। ଏହାକୁ କେବଳ ବ୍ୟବହାରର ସ୍ଥାନ ନୁହେଁ ବରଂ ଏକ ପର୍ଯ୍ୟଟନ ଆକର୍ଷଣ ମଧ୍ୟ କରିଛି।

ଏହା ସହରବାସୀ ଏବଂ ପର୍ଯ୍ୟଟକ ଉଭୟଙ୍କ ପାଇଁ ଅତ୍ୟନ୍ତ ସୁବିଧାଜନକ। ଏତେ ବଡ଼ ସାର୍ବଜନୀନ ଶୌଚାଳୟ ସହିତ, ଏହାକୁ ବଡ଼ଭିଡ଼ ଏବଂ କାର୍ଯ୍ୟକ୍ରମ ସମୟରେ ମଧ୍ୟ ସହଜରେ ବ୍ୟବହାର କରାଯାଇପାରିବ। ଏହା ବ୍ୟତୀତ, ଏହାର ପରିଚ୍ଛନ୍ନତା ଏବଂ ଆଧୁନିକ ଉପକରଣ ଏହାକୁ ସୁରକ୍ଷିତ କରିଥାଏ। ତେବେ ପୋର୍ସେଲେନ ପ୍ୟାଲେସ ପ୍ରମାଣିତ କରିଛି ଯେ, ଶୌଚାଳୟ କେବଳ ଏକ ଆବଶ୍ୟକୀୟ ସୁବିଧା ନୁହେଁ ବରଂ ଏକ ସାଂସ୍କୃତିକ ଏବଂ ପର୍ଯ୍ୟଟନସ୍ଥଳ ମଧ୍ୟ ହୋଇପାରେ।

## ଆଜି ବିଶ୍ୱ ଶୌଚାଳୟ ଦିବସ

ବିଶ୍ୱ ପରିମଳ ସଙ୍କଟର ମୁକାବିଲା, ସମସ୍ତଙ୍କ ପାଇଁ ସୁରକ୍ଷିତ ଶୌଚାଳୟ ଏବଂ ପରିମଳ ସୁନିଶ୍ଚିତ କରିବା ଲାଗି ସଚେତନତା ବୃଦ୍ଧି ସକାଶେ ୨୦୦୧ରୁ ନଭେମ୍ବର ୧୯ ରେ ପାଳିତ ହୋଇଆସୁଛି ବିଶ୍ୱ ଶୌଚାଳୟ ଦିବସ।

A Fast Growing Pharma Company
SHATAYUSHI HEALTHCARE PVT LTD
of Maharashtra having 1200+ Allopathy product basket. REQUIRES
BUSINESS DEVELOPMENT EXECUTIVE
(For BHUBANESWAR/ CUTTACK)
send resume on whatsapp only
Neeraj Pathak 7385495717 | Subhash Kelkar 992300031

NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha
QUOTATION CALL NOTICE
Sealed quotations in prescribed format are invited from eligible bidders for various types of repair & maintenance works at NLUO Cuttack. Last date & time of receipt is 01.12.2025 at 11.00 A.M. For details please visit website: https://nluo.ac.in/tenders/
Sd/- Registrar

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R&B) DIVISION, BARIPADA
No. B-709 e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No. S.E. - 54/2025-26
1. Number of Works : 2 (Two) Number of Road works
2. Approximate estimated cost : 8.43 lakh to 12.68 lakh
3. Period of Completion : 01 (One) Calendar Month
4. Date & time of availability of bid document in the portal : Dt.20.11.2025 to 04.12.2025
5. Last date/time of receipt of bid in the portal : Dt.04.12.2025 upto 5.00 P.M.
6. Date of Opening of bid : Dt.05.12.2025 at 11.00 A.M.
7. Name & address of the Officer Inviting Bid : Superintending Engineer, Mayurbhanj (R&B) Division, Baripada
Further details can be seen from the e-procurement portal http://www.tendersodisha.gov.in.
OIPR-
Sd./- R.G. Ray
Superintending Engineer
Mayurbhanj (R&B) Division

ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆର୍‌ଏମ୍/ଇଏନ୍‌ଜିଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ୍-୨୫-୨୬-୪୨, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: (୧) ଚକ୍ରଧରପୁର ମଣ୍ଡଳ – ବରିଷ୍ଠ ଡିଇଏନ୍ (ପୂର୍ବ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର–ଅଁଲାଯୋଡ଼ି ଏବଂ ଅଁଲାଯୋଡ଼ି–ବାଦାମପାହାଡ଼ ମଧ୍ୟରେ ୩୫୧୯୭ ମିଟର ସେସ୍ ମରାମତି କାର୍ଯ୍ୟ । (୨) ଏଡିଇଏନ୍/I/ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର–ଅସନବଣି ସେକ୍ସନ ମଧ୍ୟରେ ସେସ୍‌ର କଟିଂ, ସେସ୍‌ର ମରାମତି ଏବଂ ସାଇଡ୍ ଡ୍ରେନ୍‌ର ନିର୍ମାଣ । (୩) ଏଡିଇଏନ୍–II–ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ସେସ୍‌ର କଟିଂ, ସେସ୍‌ର ମରାମତି ଏବଂ ସାଇଡ୍ ଡ୍ରେନ୍‌ର ନିର୍ମାଣ । ଟେଣ୍ଡର ମୂଲ୍ୟ: ₹୭,୦୪,୪୨,୪୭୪.୮୯ । ଇଏମ୍‌ଡି: ₹୫,୦୨,୨୦୦ । ଟେଣ୍ଡର ଫର୍ମ ମୂଲ୍ୟ: ₹୦ । ଖୋଲାଯିବା ତାରିଖ: ତା୧୦।୧୨।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ–ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ । (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ–I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-849)

NATIONAL COMPETITIVE BIDDING THROUGH e-Procurement
Tel. No. 06752222092, e-mail id: eerwpuri@gmail.com
TCN No. TENDER ONLINE - 11 of 2025-26
No. 8794 Dt.29.10.2025
No. O-1417: The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 5 Nos. of work for the year 2025-26 in the District of Puri.
1. Total No. of Works : 5 Nos.
2. Tender cost of packages : Amount varies from Rs.21.01 lakh to Rs.42.02 lakh
3. Class of Contractor : As per DTCN
4. Period of Completion : 2 (Two) Calendar Months
5. Period of availability of tenders online/date & time of bidding online/last date of seeking clarification/date of opening of tender papers.

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Puri | Online - 11 | 20.11.2025 at 11.00 A.M. | 02.12.2025 upto 5.00 P.M. | 01.12.2025 upto 1.30 P.M. | 03.12.2025 at 11.30 A.M. Office of the S.E., R.W. Division, Puri |

6. Other details can be seen in the bidding documents, which is available in website "https://tendersodisha.gov.in".
OIPR- Sd./- Superintending Engineer, R.W. Division, Puri

TENDER CALL NOTICE No. MM-279
OFFICE OF THE DIVISIONAL FOREST OFFICER, KEONJHAR WILDLIFE DIVISION, ANANDAPUR
At/P.O.: Salapada, Dist.: Keonjhar, PIN - 758020, Telephone: 06731-220322, e-mail id: dfo.keonjharwl@odisha.gov.in
e-Procurement Notice for SMC Works Identification No., Bid Identification No. DFO-KJR WL-03 of 2025-26
E-mail address: dfo.keonjharwl@odisha.gov.in
No. 5277 Dt.13.11.2025
1. Name of the Work : Construction of Waterbody and Water Harvesting Structure
2. Total No. of works : 3 (Three) Nos. (Percentage rate tender)
3. Estimated Cost : Approx. estimate cost Rs.635631.00 to Rs.1050532.00
4. Class of Contractor : 'C' Class
5. Other details :

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender, Divisional Forest Officer, Keonjhar Wildlife Division, Anandapur | Amount of Bid Security |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Divisional Forest Officer, Keonjhar Wildlife Division, Anandapur | Online DFO-KJR WL-02 of 2025-26 | 20.11.2025 at 10.00 A.M. | 28.11.2025 upto 5.30 P.M. | 29.11.2025 11.30 A.M. | 1% of Estimated Cost |

Further details can be seen from the website www.tendersorissa.gov.in & www.tenders.ori.nic.in.
OIPR- Sd./- Divisional Forest Officer, Keonjhar Wildlife Division, Anandapur

GOVERNMENT OF ODISHA
DEPARTMENT OF WATER RESOURCES, OFFICE OF THE CHIEF ENGINEER & BASIN MANAGER
Tel Basin, Bhawanipatna, Dist.: Kalahandi, E-mail ID: cetelbasinbhp@gmail.com/, Phone No.: 06670-230209
NOTICE INVITING TENDER
E-Procurement Notice No. CE&BM, TEL - P1-05/2025-26, Bid Identification No. CETEL-BID-02/2025-26
No. A-905: The Chief Engineer & Basin Manager, Tel Basin, Bhawanipatna on behalf of Governor of Odisha invites Online percentage rate tender through e-procurement in double cover system.
Table-1: Details of Critical Dates, details of work, Bid Security

| Pkg. No. | Bid ID No. | Name of Work | Approx. Tender Cost in lakh | Class of Contractor | Bid Security/ EMD-(Online)-(in INR) | Cost of tender document (Online) - (in INR) | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | CETEL-BOUDH - 02 /2025-26 | "Flood Protection Work at the right bank of river Salki near village Balasinga GP of Boudh block. (Working RD 18400m to 19100m)" | Rs.3,69,96,484.50/- (Excluding GST) | 'A' Class only | Rs.3,69,965/- | Rs.10,000/- | 12 (Twelve) Calendar Months |

Table-2: e-Procurement Details

| Procurement Officer | Bid Identification No. | Availability of Tender Online for Bidding | | Date of Seeking tender clarification | Date & Time of opening of Tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Chief Engineer & Bais Manager, Tel Basin, Bhawanipatna | CETEL - BOUDH - 02/2025-26 | Dt.20.11.2025 at 10.00 hours | Dt.05.12.2025 Upto 17.00 hours | Dt.20.11.2025 to 01.12.2025 at Office during office hours | Dt.06.12.2025 at 11.00 hours | To be intimated after evaluation of Technical Bid | Office of Chief Engineer & Basin Manager, Tel Basin, Bhawanipatna |

Further details can be seen from the Govt. Website www.tendersodisha.gov.in.
* Other terms & conditions can be seen from the Government website www.tendersodisha.gov.in.
* The Corrigendum/Cancellation of tender, if any, will be uploaded and can be seen from the above website only.
OIPR- Sd./- Chief Engineer & Basin Manager, Tel Basin, Bhawanipatna

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore
No. O-1486
"e" Procurement Notice for Road Work
Identification No. Online Tender - Road N.C.B. No. 47 for 2025-26
Letter No. 4154 Date: 14.11.25
1. Name of the Work : (Road works under MMSY CMRL)
2. Total No. of Work : 02 Nos. of Work.
3. Estimated Cost : As per annexure
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. 47 of 2025-26 | 21.11.2025 at 11.00 A.M. | 03.12.2025 upto 5.00 P.M. | 02.12.2025 upto 5.00 P.M. | 04.12.2025 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in.
OIPR- Sd./- Chief Construction Engineer, R.W. Circle, Balasore

भा.क.नि. CCI
ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ମୋବାଇଲ ଆପ୍ कपास किसान
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୮.୧୧.୨୦୨୫
କପା ଚାଷୀଙ୍କୁ ଆହ୍ୱାନ
ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।
ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।
ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।
ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।
ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।
ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।
ସ୍ୱା/-ଶାଖା ପ୍ରମୁଖ

# ଜାତୀୟ ଜଳ ସଞ୍ଚୟ ଜନଭାଗୀଦାରି ପାଇଁ ରାୟଗଡ଼ା ଜିଲା ପୁରସ୍କୃତ

ରାୟଗଡା,୧୮।୧୧(ଆଶିଷ ରଞ୍ଜନ ପଣ୍ଡା)

ଜଳ ସଞ୍ଚୟ ଜନଭାଗୀଦାରି ୧.୦ ପାଇଁ ଜାତୀୟସ୍ତରରେ ରାୟଗଡ଼ା ଜିଲା ପୁରସ୍କୃତ ହୋଇଛି । ୨୦୨୪ରେ ଜାତୀୟସ୍ତରରେ ସଫଳତା ପାଇଁ ଭାରତବର୍ଷରେ ପୂର୍ବାଞ୍ଚଳର କ୍ୟାଟେଗୋରି-୩ରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନକାରୀ ପାଇଁ ଶ୍ରେଷ୍ଠ ଜିଲା ଭାବେ ଜାତୀୟସ୍ତରରେ ଗୌରବ ଅର୍ଜନ କରିଛି। ଜିଲା ତରଫରୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି. ଆର୍.ପାଟିଲଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଜିଲା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉପସ୍ଥିତ ଥିଲେ।



କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କଠାରୁ ସିଡିଓ ଅକ୍ଷୟ କୁମାର ଖେମୁଣ୍ଡୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଏହି ସଫଳତା ରାୟଗଡ଼ା ଜିଲାର ସମଗ୍ର ଟିମ୍ ସମନ୍ୱିତ ପ୍ରୟାସର ଫଳ ବୋଲି ସିଡିଓ ଖେମୁଣ୍ଡୁ ପ୍ରକାଶ କରିଛନ୍ତି । ମିଶନ ଜଳ ସଞ୍ଚୟ ଜନଭାଗୀଦାରି ୧.୦ ର ମୁଖ୍ୟ ଲକ୍ଷ୍ୟ ହେଉଛି ବିଭିନ୍ନ ପଦ୍ଧତିରେ ଜଳ ସଞ୍ଚୟ ଏବଂ ଏହାର ସଂରକ୍ଷଣ, ଯାହା ପାଇଁ ଜଳଶକ୍ତି ମନ୍ତ୍ରଣାଳୟ ବିଭିନ୍ନ ନୂତନ ପ୍ରୟାସ ଓ ସୃଜନଶୀଳ ଉପାୟ ଅବଲମ୍ବନ କରୁଛି। ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଏହି ସଫଳତା ପାଇଁ ସମଗ୍ର ଟିମ୍‌କୁ ଅଭିନନ୍ଦନ ଜଣାଇବା ସହ ଜଳ ସଞ୍ଚୟ ଜନ ଭାଗୀଦାରି ୨.୦ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ମଧ ଏହି ଗତିକୁ ବଜାୟ ରଖି ଆଗାମୀ ଦିନରେ ଅଧିକ ସଫଳତା ଓ ସମ୍ମାନ ଆଣିବାକୁ କାର୍ଯ୍ୟ ଜାରି ରଖିବାକୁ ଜିଲାପାଳ କୁଲକର୍ଣ୍ଣି କହିଛନ୍ତି।

## ଆନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତା

ରାୟଗଡ଼ା,୧୮।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା କ୍ରିକେଟ ଆସୋସିଏଶନ ଆନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାରଠାରୁ ୟୁନିଟ କ୍ରିକେଟ କ୍ଲବ ପଡିଆରେ ଆରମ୍ଭ ହୋଇଛି। ଉଦ୍‌ଘାଟନି ମ୍ୟାଚ ଗୁଣପୁରର ଗାନ୍ଧୀ ପବ୍ଲିକ ସ୍କୁଲ ଓ ଜେକେପୁରର ଲକ୍ଷ୍ମୀପତି ସିଙ୍ଗାନିଆ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜେକେପୁରର ଲକ୍ଷ୍ମୀପତି ସିଙ୍ଗାନିଆ ସ୍କୁଲ ଗୋଟିଏ ଉଇକେଟରେ ବିଜୟୀ ହୋଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଆସୋସିଏଶନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବୁଧବାର ପ୍ରସାଦ ଟେକ୍ନୋ ସ୍କୁଲ ଓ ବିଷମକଟକ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହେବ। ଏଥିରେ ଜିଲାର ୯୦ ଜଣ ଖେଳାଳୀ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରୁ ୧୫ ଜଣ ଶ୍ରେଷ୍ଠ ଖେଳାଳି ଓଡ଼ିଶା କ୍ରିକେଟ ଆନୁକୂଲ୍ୟରେ ହେବାକୁ ଥିବା ଆନ୍ତଃ ଜିଲା ସ୍କୁଲ କ୍ରିକେଟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି।

## ୨୫୦୦ ଅସୁସ୍ଥଙ୍କୁ ଜୀବନ ପ୍ରମାଣପତ୍ର ପ୍ରଦାନ



ବ୍ୟାଙ୍କ ଅଧିକାରୀ ଘରକୁ ଯାଇ ଜୀବନ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

ଗୁଣପୁର,୧୮।୧୧( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଷ୍ଟେଟ ବ୍ୟାଙ୍କ ତରଫରୁ ଅସହାୟ ତଥା ଚାଲିପାରୁ ନ ଥିବା ଏବଂ ଅସୁସ୍ଥ ଓ ଅବସରପ୍ରାପ୍ତ ଚାକିରିଆ ଏବଂ ପେନ୍‌ସନ ପାଉଥିବା ବ୍ୟକ୍ତିଙ୍କୁ ଜୀବନ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ ସୁରେନ୍ଦ୍ର ବେହେରା, ଏସ୍.ମୋହନ ଏବଂ ଅର୍ଥ ବିଭାଗର ଓଁକାର ଆଶୁତୋଷ ବାରିକ ଏହି ସହାୟତା ପ୍ରଦାନ କରିଛନ୍ତି । ବ୍ୟାଙ୍କର ବରିଷ୍ଠ ନାଗରିକ ଖାତାଧାରୀ ବ୍ୟକ୍ତିଙ୍କ ଘରକୁ ଯାଇ ଜୀବନ ପ୍ରମାଣପତ୍ର ପ୍ରଦାନ କରୁଥିବା ବ୍ୟାଙ୍କ ଅଧିକାରୀ ଜଣାଇଛନ୍ତି । ଏହି ଜୀବନ ପ୍ରମାଣପତ୍ର ପ୍ରତିବର୍ଷ ନଭେମ୍ବର ୧ରୁ ୩୦ ତାରିଖ ମଧ୍ୟରେ ବ୍ୟାଙ୍କ ତରଫରୁ ପ୍ରଦାନ କରାଯାଉଛି। ଘର ଘର ଯାଇ ପ୍ରାୟ ୨୫୦୦ ବ୍ୟକ୍ତିଙ୍କୁ ଜୀବନ ପ୍ରମାଣପତ୍ର ଦିଆଯାଇଛି ।

# ଡିସେମ୍ବର ୨୧ରୁ ଚଇତି ଇଡିତାଲ ଉତ୍ସବ

### ଗୁଣପୁର ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଗୁଣପୁର,୧୮।୧୧( ପ୍ରଦୀପ କୁମାର ପାଢ଼ୀ)





ବୈଠକରେ ଉପଜିଲାପାଳଙ୍କ ସହ ଉପସ୍ଥିତ ଜନପ୍ରତିନିଧି ଏବଂ ଅନ୍ୟମାନେ।

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବ 'ଚଇତି ଇଡିତାଲ-୨୦୨୫' ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅପରାହ୍ନରେ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ଉପ ଜିଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼, ବ୍ଲକ ଅଧ୍ୟକ୍ଷା ଝିଲି ଶବର, ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଚଳିତ ବର୍ଷ ଚଇତି ର ସାଂସ୍କୃତିକ ପର୍ବ ଡିସେମ୍ବର ୨୧ ତାରିଖରୁ ୩ ଦିନ ପାଳନ ହେବ । ମହୋତ୍ସବ କାର୍ଯ୍ୟକ୍ରମ ସେବା ସମାଜ ନିକଟ ହାଇସ୍କୁଲ ପଡିଆରେ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ପ୍ରତି ବର୍ଷ ପରି ବିଭିନ୍ନ ପ୍ରତିଯୋଗିତା କରିବାକୁ ନିଷ୍ପତି ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଓକିଲ ଉମା ଚରଣ ପଟ୍ଟନାୟକ, ରାୟଗଡ଼ା ଜିଲା ଆମ୍ବୁଲମ୍ୟାନ ଅକ୍ଷୟ କୁମାର ଦାସ, କଂଗ୍ରେସ ନେତା ବିଜୟ କୁମାର ଗମାଙ୍ଗ, ଭାଜପା ନେତା ୱାଇ. ଗଣପତି, ତ୍ରିପତି ମହାନ୍ତି ଓ ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ରହିଥିଲେ । ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ମଞ୍ଚ ସଂଯୋଜନା କରିଥିଲେ ।

## 'ବିକଶିତ, ଆତ୍ମନିର୍ଭର ଭାରତ' ଉପରେ ପ୍ରକଳ୍ପ ପ୍ରଦର୍ଶିତ



ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପକୁ ଅତିଥିମାନେ ବୁଲି ଦେଖୁଛନ୍ତି।

### ଗୁଣପୁର ହାଇସ୍କୁଲରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଗୁଣପୁର,୧୮।୧୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ପିଏମ୍‌ଶ୍ରୀ ଶତାୟୁ ବାଳକ ଉଚ୍ଚ ବିଦ୍ୟାଳୟଠାରେ ୭ ଟି ବିଷୟକୁ ନେଇ ଗୋଷ୍ଠୀସ୍ତରୀୟ ବିକଶିତ ଏବଂ ଆତ୍ମନିର୍ଭର ଭାରତ ଉପରେ ପର୍ଯ୍ୟବେକ୍ଷିତ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ଅବସରପ୍ରାପ୍ତ ପ୍ରାଧାପକ ଡ. ସୂର୍ଯ୍ୟ ନାରାୟଣ ପଣ୍ଡା, ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମାନନ୍ଦ ବରିହା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧକାରୀ ସବିତା ଶବର , ଦମୟନ୍ତୀ ଦେବୀ, ଲକ୍ଷ୍ମୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗୁଣପୁର ବ୍ଲକ ଅନ୍ତର୍ଗତ ପ୍ରାୟ ୭୦ରୁ ଅଧିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହ ନିଜ ନିଜ ବୈଜ୍ଞାନିକ ମନୋବୃତ୍ତି ବିଚାରକୁ ଅତିଥିଙ୍କ ସମ୍ମୁଖରେ ପ୍ରଦର୍ଶିତ କରିଥିଲେ। ଏଥିରେ ବିଚାରକ ଭାବେ ପଦ୍ମପୁର କଲେଜର ଅଧାପକ ରମେଶ ଚନ୍ଦ୍ର ପଣ୍ଡା, ଗୁଣପୁର କଲେଜ ଅଧାପିକା ଜ୍ୟୋସ୍ନା ରାଣୀ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୌର ପରିଷଦ ଆଧକ୍ଷା ମମତା ଗୌଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତୀଛାତ୍ର ଓ ସିଆରସିସି ଉପସ୍ଥିତ ଥିଲେ। ଭେଙ୍କଟ ରମଣ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

## ଲେଡିଜ୍ କ୍ଲବ୍ ପକ୍ଷରୁ ଖାଦ୍ୟ ପ୍ରତିଯୋଗିତା

ରାୟଗଡ଼ା,୧୮।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାସ୍ଥିତ ଲେଡିଜ୍ କ୍ଲବ୍ ଆନୁକୂଲ୍ୟରେ ସୋମବାର ଲାଏନ୍ସ କ୍ଲବ୍ ପରିସରରେ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଦସ୍ୟାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଓ ସହଭାଗିତା ସହ ସୁଷମ ଖାଦ୍ୟର ସ୍ୱାସ୍ଥ୍ୟ ପ୍ରତି ଉପଯୋଗିତା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କ୍ଲବ୍ କର୍ମକର୍ତ୍ତା କହିଛନ୍ତି। କାର୍ଯ୍ୟକ୍ରମରେ ରୁବି କୁଣ୍ଡୁ ଓ ସୁଶ୍ରୀତା ଦାସ ନିମନ୍ତ୍ରିତ ଅତିଥି ଓ ଜଜ୍ ଭାବେ ଯୋଗଦେଇଥିଲେ। ଅଳକା ଦାସଙ୍କ ଦିଗ୍‌ଦର୍ଶନ ସହ କ୍ଲବ ସଭାପତି କସ୍ତୁରୀ ସାହୁଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା। ସମ୍ପାଦିକା ଜ୍ୟୋତିପ୍ରଭା ମହାପାତ୍ର, କୋଷାଧ୍ୟକ୍ଷା ବୁରୁଡ଼ି ଲକ୍ଷ୍ମୀ ତଥା ସମସ୍ତ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମୁଦାୟ ୧୦ ଜଣ ସଦସ୍ୟା ଖାଦ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ମିଠାଖାଦ୍ୟରେ କେ.ଶୋଭାରାଣୀ ପ୍ରଥମ, ଅର୍ଚ୍ଚନା ବର୍ମା ଦ୍ୱିତୀୟ ଏବଂ ଖାରା ଖାଦ୍ୟରେ ପୁଷ୍ପଲତା ପ୍ରଥମ ଓ ଖୁସ୍‌ବୁ କୁମାରୀ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିଲେ।





ଖାଦ୍ୟ ପ୍ରତିଯୋଗିତାରେ ଭାଗନେଇଥିବା ସଦସ୍ୟା।

## ୫ ଦିନ ହେଲା ପାଇପ୍‌ରେ ଆସୁନି ପାଣି, ଲୋକେ ହଇରାଣ

ଚନ୍ଦ୍ରପୁର,୧୮।୧୧ (ବିଜୟ ପ୍ରସାଦ ଉଲାକା)

ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପାଇପ୍ ଫାଟି ଯାଇଥିବାରୁ ଗତ ୫ ଦିନ ହେଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ସଦର ମହକୁମାର ବିଭିନ୍ନ ଅଞ୍ଚଳକୁ ପାଣି ଆସୁନି। ଫଳରେ ୧୦୦୦ରୁ ଊର୍ଦ୍ଧ୍ୱ ପରିବାର ପିଇବା ପାଣି ଟୋପେ ପାଇଁ ନାହି ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗ୍ରାମରେ ଥିବା ନଳକୂପରେ ମଧ ପ୍ରର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁ ନ ଥିବାରୁ ଗ୍ରାମବାସୀ ପାଣି ଯୋପାଏ ପାଇଁ ବତକଳ ହେଉଛନ୍ତି ବୋଲି ଗ୍ରାମର ନରେନ୍ଦ୍ର ପାତ୍ର, ବାମଦେବ ସେଠୀ, ନିଗିବାନନ୍ଦ ଦାସ, ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର, ପଙ୍କଜ ଦଣ୍ଡସେନା, ସୁବ୍ରତ ମଣ୍ଡଳ, ସୁନିଲ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଶରତ ଚନ୍ଦ୍ର ଗୁଡୁଙ୍କୁ ଗ୍ରାମବାସୀ କହିବାରୁ ଖୁବଶୀଘ୍ର ମରାମତି କରାଯିବ ବୋଲି କହିଥିଲେ, ହେଲେ ଏ ପର୍ଯ୍ୟନ୍ତ ମରାମତି କରାଯାଇନାହିଁ। ଏଥିପ୍ରତି ରାୟଗଡ଼ା ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ଗ୍ରାମର ମହିଳା ଦାବି କରିଛନ୍ତି। ଆଗାମୀ ଦୁଇଦିନ ମଧ୍ୟରେ ଯଦି ପାଣି ବ୍ୟବସ୍ଥା ନ ହୁଏ ସମସ୍ତ ମହିଳା ଜିଲାପାଳଙ୍କ ନିକଟକୁ ଯାଇ ଅଭିଯୋଗ କରିବୁ ବୋଲି କହିଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଦୃଷ୍ଟି ନ ଦେଲେ ସମସ୍ତ ଏସ୍ଏଚଜି ସଦସ୍ୟା ରାସ୍ତାରୋକୋ କରିବା ନେଇ ଚେତାବନୀ ଦେଇଛନ୍ତି।

# ପାରମ୍ପରିକ ଚାଷ ବଦଳରେ ସମନ୍ୱିତ ଚାଷ କରିବାକୁ ଆହ୍ୱାନ

### ଗୁଡ଼ାରିରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ଗୁଡାରି,୧୮।୧୧ (ପ୍ରମୋଦ କୁମାର ପତି)

ରାୟଗଡା ଜିଲା ଗୁଡାରି ଏନ୍ଏସି କଲ୍ୟାଣ ମଣ୍ଡପ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୁଡାରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବେହେରା ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷା ଲକ୍ଷ୍ମୀ ଶବର, ଜିଲା ପରିଷଦ ସଭ୍ୟ ପତି କ୍ରସ୍କା, ଏମ୍‌ପି ପ୍ରତିନିଧି ଏସ. ମିନକେଶ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାୟଗଡା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ମୃଣ୍ମୟ କୁମାର ପଣ୍ଡା ଯୋଗଦେଇ ମେଳାର ଉଦେଶ୍ୟ ସମ୍ପର୍କରେ କହିଥିଲେ। ପାରମ୍ପରିକ ଗୋଟିଏ ଚାଷ ବଦଳରେ ସମନ୍ୱିତ ଚାଷ ସହ ଉନ୍ନତମାନର ଜ୍ଞାନକୌଶଳ ଉପଯୋଗକରି ଅଧିକ ଶସ୍ୟ ଉତ୍ପାଦନ କରିବା ପାଇଁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ମତ୍ସ୍ୟଚାଷ, ଗୋପାଳନ, ଉଦ୍ୟାନ କୃଷି ଓ ସାଧାରଣ କୃଷିକୁ ଉପଯୋଗ କରିବାକୁ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ। ସଚେତନତା ନିମନ୍ତେ ମତ୍ସ୍ୟ ଓ ପ୍ରଣିସମ୍ପଦ ଏବଂ ଅନ୍ୟାନ୍ୟ ବିଭାଗପକ୍ଷରୁ ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା। ଅତିଥିମାନେ ଏହି ଷ୍ଟକୁ ଉଦ୍‌ଘାଟନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ବିଭାଗିୟ ଅଧିକାରୀମାନେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାଣୀ ପାଳନ ଓ ମତ୍ସ୍ୟଚାଷୀଙ୍କ ଲାଭଦାୟକ ସମ୍ପର୍କରେ ସଫଳ କାହାଣୀ ସହ ବିଶେଷଜ୍ଞମାନେ ଉପଯୋଗୀ ପରାମର୍ଶ ପ୍ରଦାନ କରିଥିଲେ। ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ସନତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

କଲ୍ୟାଣସିଂହପୁର,୧୮।୧୧ (ଦୀପକ କୁମାର ପରିଡ଼ା )

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସଦର ରଥ ପଡ଼ିଆଠାରେ ମଙ୍ଗଳବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଷମ କଟକ ବିଧାୟକ ନିଳମାଧବ ହିକକା ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ମୃର୍ନ୍ମୟ କୁମାର ପଣ୍ଡା, ସମିତି ଅଧ୍ୟକ୍ଷା ଆମ୍ରିତା କାଡ୍ରାକା, ଏମ୍‌ପି ପ୍ରତିନିଧି କୁମାରସ୍ୱାମୀ କୌଶଲ୍ୟା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପଖଣ୍ଡସ୍ତରୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ଅଶୋକ କୁମାର ବେହେରା, ରାୟଗଡା ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ଉପନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମିଶ୍ର, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ପବିତ୍ର କୁମାର ମହାପାତ୍ର, ଆବାହକ ଗୋଷ୍ଠୀ ଅଧିକାରୀ ସୁଶୀଲ କୁମାର ସେଠୀ, ସମ୍ମାନିତ ଅତିଥି ସୁଶ୍ରୀ ଇତିଶନନ୍ଦା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ୮ ଜଣ ସଫଳ ଚାଷୀଙ୍କୁ ୧ହଜାର ଟଙ୍କା ସହ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ଦେବଗିରି କଳା ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଜ୍ଞାନ ମେଳାରେ ୯୮ ପ୍ରକଳ୍ପ ପ୍ରଦର୍ଶିତ

ପଦ୍ମପୁର, ୧୮।୧୧(ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକ୍ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ଏବଂ ବିଜ୍ଞାନ ପ୍ରଦର୍ଶନୀ ମେଳା- ୨୦୨୫ ଅନୁଷ୍ଠିତ ହୋଇଛି। ପଦ୍ମପୁର ଗୋଷ୍ଠୀ ଶିକ୍ଷାଧିକାରୀ ହୃଷିକେଶ ରଥ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ଚନ୍ଦ୍ରସେନ ଲିମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପଦ୍ମପୁର ବ୍ଲକର ସମସ୍ତ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାୟ ୯୮ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା । ମେଳାରେ ବିଚାରକ ରୂପେ ଆରଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରସାୟନ ବିଜ୍ଞାନ ଅଧାପକ ରମେଶ ଚନ୍ଦ୍ର ପଣ୍ଡା ଏବଂ ପ୍ରାଣୀ ବିଜ୍ଞାନ ଅଧାପିକା ରଶ୍ମିତା ସ୍ୱାଇଁ ବିଭିନ୍ନ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷାର୍ଥୀଙ୍କ ମଧ୍ୟରେ ଅନ୍ତର୍ନିହିତ ବୈଜ୍ଞାନିକ ମନୋବୃତ୍ତିର ବିକାଶ ଘଟିବା ସହ ସେମାନଙ୍କ ଚିନ୍ତନ ଶକ୍ତିର ବିକାଶ ହୋଇଥାଏ ବୋଲି ଅତିଥି ମତ ପୋଷଣ କରିଥିଲେ। ଏହି ପ୍ରକଳ୍ପ ମଧ୍ୟରୁ ୭ଟି ବିଭାଗର ଶ୍ରେଷ୍ଠ ୭ଟି ପ୍ରକଳ୍ପକୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରକଳ୍ପଗୁଡିକ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମେଳାରେ ପ୍ରଦର୍ଶିତ ହେବ ବୋଲି ସୂଚନା ଦିଆଯାଇଥିଲା। ମେଳାକୁ ପଦ୍ମପୁର ବ୍ଲକ୍‌ର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ବୁଲି ଦେଖିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ପଦ୍ମପୁର ବ୍ଲକ ଅନ୍ତର୍ଗତ ୮ଟି କ୍ଲଷ୍ଟରର ସି ଆର୍‌ସିସି ପରିଚାଳନା କରିଥିବାବେଳେ ଚିତ୍ତ ରଞ୍ଜନ ସେନାପତି ମଞ୍ଚ ପରିଚାଳନା କରିଥିଲେ ।

## ଖର୍ଚ୍ଚ ନ ହୋଇ ୫ ବର୍ଷ ହେଲା ପଡ଼ି ରହିଛି ଅନୁଦାନ

### ନିର୍ମାଣ ହୋଇପାରୁନି ଆଇସିଡିଏସ୍ ନିଜସ୍ୱ କାର୍ଯ୍ୟାଳୟ

କଲ୍ୟାଣସିଂହପୁର,୧୮।୧୧ (ଦୀପକ କୁମାର ପରିଡ଼ା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍)କାର୍ଯ୍ୟାଳୟର ନିଜସ୍ୱ କୋଠା ନିର୍ମାଣ ପାଇଁ ୨୦୨୦ରୁ ଅନୁଦାନ ଆସିଛି। ହେଲେ ୫ ବର୍ଷ ବିତିଲାଣି ତାହା ଖର୍ଚ୍ଚ ନ ହୋଇ ପଡ଼ିରହିଛି। ଅନ୍ୟପକ୍ଷେ ଆଇସିଡିଏସ୍ କାର୍ଯ୍ୟାଳୟର ନିଜସ୍ୱ କୋଠା ନ ଥିବାରୁ ବ୍ଲକ୍ ପରିସରରେ ଥିବା ଅନ୍ୟ ଏକ କୋଠାରେ ଚାଲିଛି ସମସ୍ତ କାମ। ଉକ୍ତ କାର୍ଯ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଥିବାରୁ କର୍ମଚାରୀଙ୍କଠାରୁ ଆରମ୍ଭକରି ବିଭିନ୍ନ କାମନେଇ ଅଫିସକୁ ଆସୁଥିବା ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଅଫିସରେ ରେକର୍ଡ ସଂରକ୍ଷଣ ପାଇଁ ବ୍ୟବସ୍ଥା ନ ଥିବାବେଳେ ଶିଶୁ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବିଳମ୍ବ ଯୋଗୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନୁଦାନ ଆସିଥିବା ସତ୍ତ୍ୱେ କାହିଁକି ନୂଆ କୋଠା ନିର୍ମାଣ ହେଉନାହିଁ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଶିଶୁ କଲ୍ୟାଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଏମିତି ଅବସ୍ଥାରେ ଚାଲୁଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ପଦକ୍ଷେପ ନେବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମମତାରାଣୀ ଦାସଙ୍କୁ ପଚାରିବାରୁ ୨୦୨୦ରୁ ଫଣ୍ଡ ଆସିଛି, କୌଣସି କାରଣବଶତଃ କାମ ହୋଇପାରୁନହିଁ ବୋଲି କହିଛନ୍ତି। ଏ ନେଇ କଲ୍ୟାଣସିଂହପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୀଷା ଦାସଙ୍କୁ ପଚାରିବାରୁ ଅଫିସ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇନାହିଁ। ଜମି ଚିହ୍ନଟ ହେଲା ପରେ ଟେଣ୍ଡର ହୋଇ କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।



କଲ୍ୟାଣସିଂହପୁର ବ୍ଲକ୍ ପରିସରରେ ଚାଲିଥିବା ଆଇସିଡିଏସ୍ ଅଫିସ ।

# ଝିଆରୀ ଗ୍ରାମକୁ ନୂତନ ଗ୍ରାମପଞ୍ଚାୟତ ଗଠନ ଦାବି

### ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର

ରାୟଗଡା, ୧୮।୧୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ବିଷମକଟକ ବ୍ଲକ୍ ଡୁକୁମ ଗ୍ରାମ ପଞ୍ଚାୟତକୁ ବିଭାଜନ କରି ଝିଆରୀ ଗ୍ରାମଠାରେ ନୂତନ ପଞ୍ଚାୟତ ସ୍ଥାପନା କରିବାକୁ ଦାବି କରିଛନ୍ତି। ଏ ନେଇ ଡୁକୁମ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୬ଟି ୱାର୍ଡର ୧୪ଖଣ୍ଡ ଗ୍ରାମବାସୀ ମଙ୍ଗଳବାର ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ନିକଟରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଓଡିଶାର କିଛି ବ୍ଲକ୍ ଓ ଗ୍ରାମ ପଞ୍ଚାୟତକୁ ଭାଗ କରି ନୂତନ ବ୍ଲକ୍ ଓ ପଞ୍ଚାୟତ ଗଠନ କରିବାକୁ ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ ୨୦୧୧-୨୦୧୨ଜନଗଣନା ଅନୁଯାୟୀ ଡୁକୁମ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପିପିଲି, ବୁକୁରମସ୍କା, ରୂପାପଦର, ହୁତୁଲୁ, କାଚାପାଲୁ, ବଳଦଗୁଡା, ନାନ୍ଦି, ଝିଆରୀ, ମୁଣ୍ଡରୁମାସ୍କା, ଘୋଡାବାଙ୍ଗିରି, ମର୍ଚ୍ଚପାଡି, ଯୁଆପୋଡା, ବାଲାକୁପା, ପିପଳପଙ୍ଗା ଭଳି ୧୪ଖଣ୍ଡ ଗ୍ରାମରେ ୩୮୬୮ଜନସଂଖ୍ୟାର ବସତି ରହିଛି । ଝିଆରୀ ଗ୍ରାମରେ ନୂତନ ଗ୍ରାମ ପଞ୍ଚାୟତ ଗଠନ ପାଇଁ ଯଥେଷ୍ଟ ସରକାରୀ ଜମି ଉପଲବ୍ଧ ରହିଛି । ଉକ୍ତ ସମସ୍ତ ଗ୍ରାମ ମଧ୍ୟରୁ ଝିଆରୀ ଗ୍ରାମ ଭୌଗୋଳିକ ଦୃଷ୍ଟିରୁ ମଝି କେନ୍ଦ୍ରବିନ୍ଦୁରେ ଅବସ୍ଥିତ ରହିଛି । ଏଠାରେ ନୂତନ ଗ୍ରାମ ପଞ୍ଚାୟତ ସ୍ଥାପନା କରାଗଲେ ୧୪ଖଣ୍ଡ ଗ୍ରାମର ବୟସ୍କ ନାଗରିକ, ଦିବ୍ୟାଙ୍ଗ,ବିଧବାମାନେ ପ୍ରତିମାସରେ ଭତ୍ତା ଆଣିବା ପାଇଁ ଡୁକୁମ ପଞ୍ଚାୟତ କାର୍ଯ୍ୟାଳୟ ଯାଏଁ ଆଉ ଯିବାକୁ ପଡିବ ନାହିଁ ଓ କୌଣସି ପ୍ରକାର ଅସୁବିଧା ହେବନାହିଁ । ଏପରିକି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ, ମାଣ୍ଡିଆ ବିଭିନ୍ନ ଜିନିଷ ପାଇଁ ମଧ ଜନସାଧାରଣଙ୍କ ପାଇଁ ସହଜ ଏବଂ ସୁବିଧା ହେବ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ତେଣୁ ଡୁକୁମ ଗ୍ରାମ ପଞ୍ଚାୟତକୁ ବିଭାଜନ କରି ଝିଆରୀ ଗ୍ରାମଠାରେ ନୂତନ ପଞ୍ଚାୟତ ସ୍ଥାପନା କରିବାକୁ ଦାବି କରିବା ସହ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।



ଗ୍ରାମବାସୀ ଏଡିଏମ୍‌ଙ୍କୁ ଦାବିପତ୍ର ଦେଉଛନ୍ତି।

# କ୍ଷତିପୂରଣ ଦାବିରେ ଧାରଣା, ପ୍ରଧାନଶିକ୍ଷୟିତ୍ରୀ ଚାକିରିରୁ ନିଲମ୍ବିତ

## କେଜିବିଭି ହଷ୍ଟେଲ ଛାତ୍ରୀ ମୃତ୍ୟୁ ଘଟଣା

- ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ୩ ଜଣଙ୍କ ବିରୋଧରେ ଏତଲା
- ଉମରକୋଟ ବନ୍ଦ ଡାକରା ଦେଲେ ପ୍ରଦୀପ ମାଝି


ଉମରକୋଟ, ୧୮।୧୧ (ସନ୍ତୋଷ ଶତପଥୀ)


ଆନ୍ଦୋଳନକାରୀମାନେ ଧାରଣାରେ ବସିଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ବୁର୍ଜାସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲରେ ରହି ପଢୁଥିବା ସପ୍ତମ ଶ୍ରେଣୀ ଛାତ୍ରୀ ଭବାନୀ ହରିଜନଙ୍କ ସୋମବାର ମୃତ୍ୟୁ ହୋଇଛି। ଏହି ଘଟଣାରେ ଉମରକୋଟ ବ୍ଲକ ବିଇଓ ଈଶ୍ୱର ମାଝି ପ୍ରଧାନ ଶିକ୍ଷୟିତ୍ରୀ ମମତା ସ୍ୱାଇଁଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ମଙ୍ଗଳବାର ଉମରକୋଟ ଉପଖଣ୍ଡ ହସ୍ପିଟାଲ ସମ୍ମୁଖରେ ଭବାନୀଙ୍କ ପରିବାର ଓ ଗାଁ ଲୋକେ, ସ୍କୁଲ କମିଟି ସଦସ୍ୟ, ବିଜେଡି ଓ କଂଗ୍ରେସ ନେତା ଓ କର୍ମୀମାନେ ମୃତକଙ୍କ ପରିବାରକୁ ୧୦ଲକ୍ଷର କ୍ଷତିପୂରଣ ଦାବି କରିଥିଲେ। ହସ୍ପିଟାଲ ପରିସରରେ ହିଁ ଭବାନୀଙ୍କ ବାପା କାର୍ତ୍ତିକ ହରିଜନ ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏଙ୍କୁ ଏତଲା ପ୍ରଦାନ କରିଥିଲେ। ୩ ଦିନ ହେଲା ଝିଅର ସ୍ୱାସ୍ଥ୍ୟାବସ୍ଥା ଖରାପ ଥିଲେ ସୁଦ୍ଧା ସ୍କୁଲ କର୍ତ୍ତୃପକ୍ଷ ଜଣାଇ ନ ଥିଲେ। ଖବର ଦେଇଥିଲେ ଝିଅ ବଞ୍ଚି ଯାଇଥାନ୍ତା ବୋଲି ଏତଲାରେ ଉଲ୍ଲେଖ ରହିଛି। ଝିଅର ହଷ୍ଟେଲରେ ମୃତ୍ୟୁ ହୋଇଯିବା ପରେ ଅଟୋ ଯୋଗେ ଉମରକୋଟ ଡାକ୍ତରଖାନାକୁ ଅଣାଯାଇଥିବା ଏତଲାରେ ଉଲ୍ଲେଖ ରହିଛି। ପ୍ରଧାନ ଶିକ୍ଷୟିତ୍ରୀ ମମତା ସ୍ୱାଇଁ, ହଷ୍ଟେଲ ପିଅନ ଅମିତା ଭତ୍ରା, ସ୍କୁଲ ଷ୍ଟାଫ୍ ତୁଳା ମାଝିଙ୍କ ଅବହେଳା ଯୋଗୁ ଭବାନୀଙ୍କ ମୃତ୍ୟୁ ହୋଇଛି। ତେଣୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୃତକଙ୍କ ବାପା ଦାବି କରିଛନ୍ତି।

ସୂଚନାନୁଯାୟୀ, ମଙ୍ଗଳବାର ସକାଳ ୮ଟାରେ ମୃତଦେହ ଆଣି ଭବାନୀଙ୍କ ପରିବାର, ଗାଁ ଲୋକେ, ସ୍କୁଲ କମିଟି, କେତେଜଣ ଅଭିଭାବକ, ଉମରକୋଟ ପୌରାଧକ୍ଷା ରାଧା ଭତ୍ରା, ବ୍ଲକ ଅଧକ୍ଷା ସୁଶୀଳା ମାଝି, ପୂର୍ବତନ ଅଧକ୍ଷ ଲାଇବନ୍ ଭକ୍ତ, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ରାଇଘର ପୂର୍ବତନ ବ୍ଲକ୍ ଅଧକ୍ଷା ନବୀନା ନାୟକ, ନଗର ବିଜେଡି ସଭାପତି ଚନ୍ଦନ ବେହେରା, କାଉନସିଲର ଭିକି ନାୟକ,ସଲିମ ରାଠୋର, ବୀର ସିଂ ମାଝି, ଶୁକଦେବ ଗଣ୍ଡ ଆମ୍ବେଦକର ମଞ୍ଚର ଜିଲା ସଭାପତି ଶରତ ଚନ୍ଦ୍ର ପାଣିଗ୍ରାହୀ, କଂଗ୍ରେସ ନେତା ସନରାଜ ଗଣ୍ଡ, ହାରାବତି ଗଣ୍ଡଙ୍କ ସମେତ ଶତାଧିକ ଲୋକ ଡାକ୍ତରଖାନା ଆଗରେ ଧାରଣାରେ ବସିଥିଲେ। ପ୍ରଶାସନ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଈଶ୍ୱର ମାଝି,ଉମରକୋଟ ତହସିଲଦାର ମେଗବାନ ବାଗ, ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଉମରକୋଟ ଥାନାଧିକାରୀ ରମାକାନ୍ତ ସାଏ, ରାଇଘର, ଝରିଗାଁ, ଡାବୁଗାଁ ଥାନା ଆଇଆଇସି ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅପରାହ୍ଣ ୩ଟା ସୁଦ୍ଧା ପ୍ରଶାସନ ଘଟଣାର ସମାଧାନ କରିବାରେ ବିଫଳ ହୋଇଥିଲା। ପରେ ସବୁ ଆନ୍ଦୋଳନକାରୀ ଉମରକୋଟ-ନବରଙ୍ଗପୁର ମୁଖ୍ୟ ରାସ୍ତା ମେଡିକାଲ ଛକ ରାସ୍ତା ଅବରୋଧ କରିଥିଲେ। ସନ୍ଧ୍ୟାରେ ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ସେଠାରେ ପହଞ୍ଚି ମୃତ ଛାତ୍ରୀଙ୍କ ପରିବାର ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଆନ୍ଦୋଳନକାରୀ ମାନେ ରାସ୍ତା ଅବରୋଧରୁ ହଟିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ରାଜି ହୋଇଥିଲେ। ତେବେ ପ୍ରଶାସନ ପକ୍ଷରୁ କ୍ଷତି ପୂରଣ ବାବଦକୁ ଆର୍ଥିକ ସହାୟତା ସକାଳ ସୁଦ୍ଧା ଦିଆ ନ ଗଲେ ବୁଧବାର ଉମରକୋଟ ବନ୍ଦ କରାଯିବ ବୋଲି ପ୍ରଦୀପ ମାଝୀ କହିଛନ୍ତି।

# ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ, ରୋଗ ବ୍ୟାପିବା ଆଶଙ୍କା


ଓଏଚ୍‌ପିସି କ୍ୱାର୍ଟର୍ସ ପରିସରରେ ପଡ଼ିଥିବା ଆବର୍ଜନା।

କୋରୁକୋଣ୍ଡା, ୧୮।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହର ଓଏଚ୍‌ପିସି ସରକାରୀ କ୍ୱାର୍ଟର୍ସ ପରିସରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା ରହିଛି। ଜଳବିଦ୍ୟୁତ୍ କେନ୍ଦ୍ରରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଏହି କ୍ୱାର୍ଟର୍ସ ଯୋଗାଇ ଦିଆଯାଇଛି। କଲୋନିର କିଛି ଡ୍ରେନ୍‌ରେ ଅଳିଆ ଆବର୍ଜନା ଭର୍ତ୍ତିହୋଇ ରହିଛି। ନର୍ଦ୍ଦମାଜଳ ନିଷ୍କାସନ ହୋଇ ନ ପାରି ଏଣେ ତେଣେ ବୋହିଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। କ୍ୱାର୍ଟର୍ସଗୁଡ଼ିକର ପଛପଟେ ବହୁ ପରିମାଣର ଅଳିଆ ଅବର୍ଜନା ଭର୍ତ୍ତିହୋଇ ରହିବା ସହ ଅନାବନା ଘାସ ଓ ଗଛ ବଢ଼ି କୃତ୍ରିମ ଜଙ୍ଗଲ ଭ୍ରମ ସୃଷ୍ଟି କରୁଛି। କଲୋନିଗୁଡ଼ିକର ପରିମଳ ବ୍ୟବସ୍ଥା ପାଇଁ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଠିକା ସଂସ୍ଥା ନିୟମିତ ସଫା କରୁ ନ ଥିବାରୁ ଆବର୍ଜନା ଭରି ରହିବା ସହ ଦୁର୍ଗନ୍ଧ ହେଉଛି। ଠିକାଦାର ଶ୍ରମିକଙ୍କୁ ଆଣି ଉକ୍ତ ଡ୍ରେନ୍‌ରୁ ମାଟି ଓ ଆବର୍ଜନା ବାହାର କରି ସେଠାରେ ହିଁ ଗଦା କରି ଛାଡ଼ି ଚାଲିଯାଉଛନ୍ତି। ଏହା ପରଠାରୁ କିଛି ମାସ ଯାଏ ଆଦୌ ଅଳିଆ ବାହାର କରାଯାଉ ନ ଥିବା ଅଭିଯୋଗ ହୋଇଛି। ଯାହା ଫଳରେ ମଶା ବଢ଼ୁଛି। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତାକୁ ଅଞ୍ଚଳବାସୀ ଦାୟୀ କରିଛନ୍ତି। କିଛି କଲୋନି ମୁଖ୍ୟ ରାସ୍ତା ପାର୍ଶ୍ୱରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଜମାହୋଇ ରହିଥିବା ଦେଖିବାକୁ ମିଳିଛି। ଅନ୍ୟ କେତେକ ସ୍ଥାନରେ କ୍ୱାର୍ଟର୍ସକୁ ସଂଯୋଗ ହୋଇଥିବା ପାଇଖାନା ଟାଙ୍କି ଫାଟିଯାଇଛି। ଏଥିଯୋଗୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଥବବା କହିଛନ୍ତି। ଏ ନେଇ କଲୋନି ଦାୟିତ୍ୱରେ ଥିବା ଏସ୍‌ଡିଓ ରଞ୍ଜିତ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି,କଲୋନିର ପରିମଳ ସଫେଇ କରୁଥିବା ଠିକାଦାରଙ୍କ କାର୍ଯ୍ୟ ଅବଧି ଶେଷ ହୋଇଯାଇଛି। ବର୍ତ୍ତମାନ ବିଭାଗ ପକ୍ଷରୁ ଯାଞ୍ଚ କରି ପୁନର୍ବାର ଉକ୍ତ ଠିକାଦାରଙ୍କୁ ସଫେଇ ଦାୟିତ୍ୱ ଦିଆଯାଇଛି। କିଛିଦିନ ପୂର୍ବେ କଲୋନିର ପଛପଟ ଅଞ୍ଚଳରେ ଥିବା ଆବର୍ଜନା ଓ ଡ୍ରେନ୍ ସଫା କରାଯାଇଥିଲା। କଲୋନି ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ସ୍ଥିତି ଦେଖିବା ପାଇଁ ପଠାଯିବ। ଯଦି ଆବର୍ଜନା ପଡ଼ିଥିବା ତେବେ ତାହାକୁ ଶୀଘ୍ର ହଟାଯିବ ବୋଲି କହିଛନ୍ତି।

# ରାସ୍ତା ପାଇଁ କଟାଗଲା ୯୧୦ ଗଛ

ନବରଙ୍ଗପୁର, ୧୮।୧୧ (ସଦାଶିବ ପ୍ରହରାଜ)

- ପରିବେଶ, ଉନ୍ନୟନର ଦ୍ୱିମୁଖୀ ପ୍ରସଙ୍ଗ
- ପରିବେଶ ସନ୍ତୁଳନ ନେଇ ଗୋଟିଏ କଟା ଗଛ ବଦଳରେ ୨ଟି ଲଗାଇବାକୁ ଦାବି


ରାସ୍ତାକଡ଼ରୁ କଟାଯାଇଥିବା ଗଛ।

ରାସ୍ତା ଯେମିତି ଆର୍ଥିକ ଓ ସାମାଜିକ କ୍ଷେତ୍ରକୁ ସୁଦୃଢ଼ କରିବ, ଗଛ ସେମିତି ପରିବେଶ ରକ୍ଷା କରିବ। ଗଛ କାଟିବା ଦ୍ୱାରା ପରିବେଶ ନଷ୍ଟ ହେଉଛି। ଅମ୍ଳଜାନ କମିବା ସହ ମୃତ୍ତିକା ସଂରକ୍ଷଣ ଓ ପକ୍ଷୀଙ୍କ ଆଶ୍ରୟ ତଥା ବସା କମିଯାଏ। ପ୍ରକୃତିକୁ ଆଘାତ ଦେଲେ ମଣିଷ ଜୀବନରେ କେତେଯେ ବିପଦ ଆସିଛି ତାହା କାହାକୁ ଅଛପା ନାହିଁ। ତେବେ ନବରଙ୍ଗପୁରରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ଗଛ କଟାଯାଉଛି ; ଯାହାକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିଠାରୁ ୧୨ କି.ମି. ଛାଡ଼ି ୪୭ କି.ମି. ପର୍ଯ୍ୟନ୍ତ ରାଜ୍ୟ ରାଜପଥ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଦୁଇଟି ଟେଣ୍ଡର ମାଧ୍ୟମରେ ଚଉଡା ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ଏନେଇ ୫୭ କୋଟି ୪ ଲକ୍ଷ ଟଙ୍କା ବ୍ୟୟ ବରାଦ ରହିଛି। ଏହି ରାସ୍ତାକଡ଼ରେ ୯୩୩ ଗଛ କଟାଯିବା ପାଇଁ ଅନୁମୋଦନ ପରେ ୯୧୦ ଗଛ କରାଯାଇଛି। ଅନ୍ୟତ୍ର ଅନାବଶ୍ୟକ ଭାବେ ଅତିରିକ୍ତ ଗଛ କଟାଯାଇନାହିଁ।

ରାସ୍ତା ହେଉଛି ପ୍ରଗତି ଓ ଉନ୍ନତିର ମୂଳ ଭିତ୍ତିଭୂମି। କାମରେ ତ୍ୱରାନ୍ୱିତ, ବ୍ୟବସାୟର ବିସ୍ତାର, ଚିକିତ୍ସା, ଶିକ୍ଷାର ସୁବିଧା, ଗାଁରୁ ସହର ସଂଯୋଗ ସବୁ କିଛିର ମୁଖ୍ୟ ହେଉଛି ରାସ୍ତା। ତେବେ ନୂତନ ରାସ୍ତା ନିର୍ମାଣ କିମ୍ବା ବିସ୍ତାର ପାଇଁ ରାସ୍ତାକଡ଼ରୁ ଗଛ କାଟିବା ପ୍ରସଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ରାସ୍ତା, ଗାଁ ଓ ସହରକୁ ଯୋଡ଼ି ଛାତ୍ରୀଛାତ୍ର, କୃଷକ, ରୋଗୀ, ବ୍ୟବସାୟୀ ସମସ୍ତଙ୍କ ପାଇଁ ସୁଲଭ ଯାତାୟାତ ସୁବିଧା ଯୋଗାଇଥାଏ। ସେହିଭଳି ଗଛ ଅମ୍ଳଜାନ ହେଉଥିବାରୁ ଅଧିକ ପରିମାଣରେ ଗଛ କଟିଲେ ପରିବେଶ ଉପରେ ତାହାର ପ୍ରଭାବ ପଡ଼ିବ। ଗଛ ନ ଥିଲେ ବର୍ଷା ହେବାରେ ଅସୁବିଧା ହୁଏ। ସିଧା ଶବ୍ଦରେ କହିବାକୁ ଗଲେ ଗଛ କଟାହେଲେ ପରିବେଶ ସନ୍ତୁଳନ ବିଗିଡ଼ିଯାଏ। ଉନ୍ନୟନ ଜରୁରୀ, କିନ୍ତୁ ପରିବେଶ ସୁରକ୍ଷା ମଧ୍ୟ ଅତ୍ୟାବଶ୍ୟକ। ତେଣୁ ଗୋଟିଏ ଗଛ କାଟିଲେ ଅନ୍ୟୁନ ୫ରୁ ୧୦ଟି ଗଛ ଲଗାଇବା ନିୟମ ରହିଛି। ଯାହାକୁ କଡ଼ାକଡ଼ି ପାଳନ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏନେଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରଧର ଖଣ୍ଡପାଣଙ୍କୁ ପଚାରିବାରୁ ଗଛ କଟାଯିବା ଓ ଚାରା ରୋପଣ ପାଇଁ ଓଡ଼ିଶା ବନ ଉନ୍ନୟନ ନିଗମକୁ ଅନୁଦାନ ପ୍ରଦାନ କରାଯାଇଛି ବୋଲି କହିଛନ୍ତି। ନିଗମର ଡିଭିଜନାଲ ମ୍ୟାନେଜର ମହମ୍ମଦ ଜମିଲଙ୍କୁ ପଚାରିବାରୁ ୯୩୩ ଗଛ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେଥିରୁ କେତୋଟି ଗଛ କଟାଗଲା ନାହିଁ। ଏବେ ପ୍ରାୟ ୯୧୦ ଗଛ କଟାଯାଇଛି। ଆସନ୍ତା ବର୍ଷ ଗୋଟିଏ ଗଛ ଅନୁପାତରେ ୨ଟି ଚାରା ରୋପଣ ହେବ। ଆବଶ୍ୟକ ଅନୁଦାନ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦେଇଛନ୍ତି। କଟା ଗଛଗୁଡିକ ନିଗମକୁ ଅଣାଯାଇଛି। ଜାଳେଣି ଉପଯୋଗୀ ଓ କାଠ ଉପଯୋଗୀ ଅନୁଯାୟୀ ଭାଗ ଭାଗ ଭାବେ ଅଣାଯାଇଛି। ବର ଓ ଓସ୍ତ ଭଳି ଗଛ ଜାଳେଣି ଉପଯୋଗୀ ନ ଥିବା ଯୋଗୁ ଅଣା ଯାଇନାହିଁ ବୋଲି ସେ କହିଛନ୍ତି।

# ଲୁଟ୍, ହତ୍ୟା ମାମଲାର ୨ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ନବରଙ୍ଗପୁର, ୧୮।୧୧ (ସଦାଶିବ ପ୍ରହରାଜ)

**ଉଭୟଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ, ୧୦ ହଜାର ଜରିମାନା**

ନବରଙ୍ଗପୁର ଉସିଗାଁ ପାଇକ କତ୍ରା ନର୍ସରି ପାଖରେ ନଭେମ୍ବର ୨୦୨୪ରେ ହୋଇଥିବା ଲୁଟ ଏବଂ ହତ୍ୟା ମାମଲାର ବିଚାରକରି ନବରଙ୍ଗପୁର ଜିଲା ଓ ଦୌରା ଜଜ୍ ସୁବ୍ରତ ମହାନ୍ତି ଡାବୁଗାଁ ଥାନା ଅନ୍ତର୍ଗତ ଖଇରା ତେନ୍ତୁଳିଗୁଡା ଗ୍ରାମର ଅଭିଯୁକ୍ତ ରମେଶ ହରିଜନ ଓ ସୁଶାନ୍ତ ହରିଜନଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଆଦେଶ କରିଛନ୍ତି। ଜରିମାନା ଅନାଦାୟେ ଆହୁରି ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ମାମଲା ପରିଚାଳନା କରୁଥିବା ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ଏକ୍କାଙ୍କ ସୂଚନାନୁଯାୟୀ ୨୦୨୪ ନଭେମ୍ବର ୨୮ ସନ୍ଧ୍ୟା ୭ ଟାରେ ମୃତକ ଘାସିରାମ ମାଝୀ ଏବଂ ତାଙ୍କ ଗାଁର ଜଗଦୀଶ ମାଝୀ ବାଇକ୍‌ରେ ମୈଦଲପୁରରୁ ଘରକୁ ଫେରୁଥିଲେ। ଏହି ସମୟରେ କତ୍ରା ନର୍ସରିଠାରେ ଅଭିଯୁକ୍ତ ରମେଶ, ସୁଶାନ୍ତ ଓ ଅନ୍ୟ ୨ ଜଣ ସେମାନଙ୍କୁ ଅଟକାଇଥିଲେ। ଜଗଦୀଶଙ୍କଠାରୁ ଟଙ୍କା ଓ ମୋବାଇଲ ଛଡ଼ାଇଥିଲେ। ଘାସିରାମଙ୍କଠାରୁ ମୋବାଇଲ ଛଡ଼ାଇବାବେଳେ ସେ ବିରୋଧ କରିବାରୁ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ତାଙ୍କୁ ଛୁରିରେ ଭୁସି ଆକ୍ରମଣ କରିଥିଲେ। ଛୁରି ଛାତିରେ ବାଜିବାରୁ ସେ ରକ୍ତାକ୍ତ ହୋଇ ପଡ଼ିଥିଲେ। ଏହା ଦେଖି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜଗଦୀଶ ଗାଁ ଲୋକଙ୍କୁ ଖବର ଦେଇଥିଲେ। ଘାସିରାମଙ୍କ ଘରଲୋକ ଆସି ତାଙ୍କୁ ଉଦ୍ଧାରକରି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଘାସିରାମଙ୍କୁ ମୃତ ଘୋଷଣା କରିଥିଲେଲ। ଘାସିରାମଙ୍କ ଭାଇ କାର୍ତ୍ତିକ ଏ ନେଇ ମୈଦାଲପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତ ଏବେ ପର୍ଯ୍ୟନ୍ତ ଫେରାର ଅଛନ୍ତି। ୨୭ ଜଣଙ୍କ ସାକ୍ଷୀ ଓ ବୟାନକୁ ଭିତ୍ତିକରି ଅଦାଲତ ଏହି ରାୟ ଶୁଣାଇଛନ୍ତି। ଏବଂ ମୃତକ ଘାସିରାମଙ୍କ ପରିବାରକୁ ଅନୁକମ୍ପା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ସୁପାରିସ କରିଛନ୍ତି। ମାମଲାକୁ ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁସନ ଶୈଳଜା ପଟ୍ଟନାୟକ ତଦାରଖ କରୁଥିଲେ।

# ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନବରଙ୍ଗପୁର, ୧୮।୧୧ (ସଦାଶିବ ପ୍ରହରାଜ)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ନବରଙ୍ଗପୁର ଜିଲା ଶାଖା ପକ୍ଷରୁ ଧୋଡ୍ରାସ୍ଥିତ ଅଲେଖ ମହିମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିବେକାନନ୍ଦଙ୍କ ବକ୍ତୃତାମାଳା 'ଉଦ୍‌ବୋଧନୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଜିଲା ସମ୍ପାଦକ ବଂଶୀଧର ଭୂୟାଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ତଥା ମାଧ୍ୟମିକ ବିଦ୍ୟାଳୟ ସମ୍ପାଦକ କେଦାରେଶ୍ୱର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ ତଥା ସାରସ୍ୱତ ସାଧକ ବଲ୍ଲଭ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିବେକାନନ୍ଦଙ୍କ ଜୀବନାଦର୍ଶରେ ଅନୁପ୍ରାଣୀତ ହେବାପାଇଁ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଲୋକ ସଂସଦର ଦକ୍ଷିଣ ସଂଭାଗ ବିଚାରଧାରା ପ୍ରମୁଖ ତଥା ସ୍ଥାନୀୟ ଚଢେଇଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ ସ୍ୱାମୀଜୀଙ୍କର ମାନବ ସେବା ଧର୍ମୀ ଚିକାଗୋ ବକ୍ତବ୍ୟର ପ୍ରଭାବ ଓ ସୁନାଗରିକ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିବେକାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥିତ ଶତାଧିକ ଛାତ୍ରୀଛାତ୍ର ସମବେତ କଣ୍ଠରେ ବେଦମନ୍ତ୍ର ଉଚ୍ଚାରଣକରିଥିଲେ। ଭବିଷ୍ୟତ ଜୀବନରେ ଜଣେ ଜଣେ ସୁନାଗରିକ ହେବାକୁ ସେମାନେ କହିଥିଲେ।

# ନୂଆପୁଟ, ପଲକାପୁଟରେ ଅବକାରୀ ଚଢ଼ାଉ

ଜୟପୁର, ୧୮।୧୧ (ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅଧୀନ ନୂଆପୁଟ ଓ ପଲକାପୁଟ ନୂଆଗୁଡ଼ାରେ ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିଦ୍ୟା ଖରା ଓ ରଘୁ ମନ। ନୂଆପୁଟରେ ଚଢ଼ାଉ କରି ୮ ଲିଟର ଓ ପଲକାପୁଟ ନୁଆଗୁଡାରୁ ୯ ଲିଟର ଦେଶୀ ମଦ ଜବତ କରାଯାଇଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ଓଆଇସି ସୁବ୍ରତ କିଶୋରି ହିରନ ସୂଚନା ଦେଇଛନ୍ତି।

# ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ

କୁନ୍ଦୁରା, ୧୮।୧୧ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅଧୀନ ସଦର ମହକୁମା ଶ୍ରୀଅରବିନ୍ଦ ଶିକ୍ଷା ନିକେତନରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦଯାପିତ ହୋଇଛି। ଉଦଘାଟନୀରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ତରୁଣୀସେନ ବିଷୋୟୀ, ବିଡିଓ ପି.ମନସ୍ୱିତା,ଗୋଷ୍ଠୀ ଶିକ୍ଷାଧିକାରୀ ରଘୁନାଥ ପାଙ୍ଗୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପାପାୟା ବେହେରା, ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ସେଠୀ,ଲାଛନାଗୁଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ପାତ୍ରୀ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରଦର୍ଶନୀରେ ବ୍ଲକର ବିଭିନ୍ନ ସ୍କୁଲର ୭୬ ଶିଶୁ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଉଦଯାପନୀରେ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଓମ୍ ପ୍ରକାଶ ମିଶ୍ର, ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା,ସମ୍ପାଦକ କେ. କ୍ରିଷ୍ଣା ମୋହନ ରାଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମେଳାରେ ପୋଷଣୀୟ କୃଷିରେ ଆଦିତ୍ୟ ରଞ୍ଜନ ଦାଡୀୟା, ବିକଶିତ ପ୍ରଦ୍ୟୋଗରେ ଅଭିଷେକ ଶତପଥୀ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତାରେ ଅର୍ଚ୍ଚିତା ପ୍ରିୟଦର୍ଶିନୀ ସାହୁ, ଜଳ ସଂରକ୍ଷଣ ଓ ପରିଚାଳନାରେ ହୃଷୀକେଶ ସାବତ, ଗାଣିତିକ ପ୍ରକଳ୍ପରେ ପ୍ରୀୟାଂଶି ନାୟକ, ସବୁଜ ଶକ୍ତିରେ ହେମନ୍ତ ବିଶୋଇ ଓ ବର୍ଜ୍ୟବସ୍ତୁ ପରିଚାଳନାରେ ରାଜଶେଖର ରଥଙ୍କ ପ୍ରକଳ୍ପ ବିଚାରକଙ୍କ ଦ୍ୱାରା ଜିଲାସ୍ତରକୁ ମନୋନୀତ ହୋଇଛି। ଗୋରା ଚାନ୍ଦ ତ୍ରିପାଠୀ ଓ ବି.ନଳିନୀ କୁମାର ବିଚାରକ ଥିଲେ। ଶିକ୍ଷକ ଅରବିନ୍ଦ ବାରିକ ମଞ୍ଚ ପରିଚାଳନା କରିଥିଲେ।


ଜଣେ ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଛି।

# ଜାତୀୟ ସଂହତି, ଭାଇଚାରାର ବାର୍ତ୍ତା ନେଇ ଏକତା ପଦଯାତ୍ରା

ନବରଙ୍ଗପୁର/ପାପଡ଼ାହାଣ୍ଡି, ୧୮।୧୧ (ସଦାଶିବ ପ୍ରହରାଜ/ ସ୍ୱପ୍ନଜିତ ପଟ୍ଟନାୟକ)


ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ଗୌରୀଶଙ୍କର ମାଝୀ ଓ ଅନ୍ୟମାନେ ପଦଯାତ୍ରାରେ ଯାଉଛନ୍ତି।

ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ପାପଡ଼ାହାଣ୍ଡି ଶହୀଦ ସ୍ମୃତି ସ୍ତମ୍ଭ ନିକଟରୁ 'ଏକତା ପଦଯାତ୍ରା' ବାହାରିଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଓ ଏମ୍‌ପି ବଳଭଦ୍ର ମାଝି ବିଶିଷ୍ଟ ଅତିଥି, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶହୀଦ ମିନାର ସ୍ମୃତିସ୍ତମ୍ଭଠାରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନକରି ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରାରେ ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ସିଡିଓ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ସାମାଜିକ କର୍ମୀ କୁଞ୍ଜବିହାରୀ ଦାସ, ଆଇଟିଡିଏ ପିଏ ରାଜୀବ ସାହୁ, ଡିଇଓ ଛତ୍ରପତି ସାହୁ, ଡିଡବ୍ଲ୍ୟୁଓ ରବୀନ୍ଦ୍ର ପାଳକା, ଡିଆଇପିଆର୍‌ଓ ମନୋଜ ବେହେରା, ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ, ନବରଙ୍ଗପୁର ବିଡିଓ ସୁନୀଲ ଖୁରା, ଜିଲା ସଂସ୍କୃତି ଅଧିକାରୀ ଘଷିଆ ହରିଜନ, କ୍ରୀଡ଼ାଧିକାରୀ ସୁଶାନ୍ତ ନାୟକ, ଜିଲାପାଳଙ୍କ କାର୍ଯ୍ୟାଳୟ ଅଧିକାରୀ, ଅନ୍ୟ ବିଭାଗୀୟ ଅଧିକାରୀ, ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା, ଯୁବକ, ଏସ୍‌ଏଚ୍‌ଜି ମହିଳା, ଅଙ୍ଗନୱାଡି କର୍ମୀ ଓ ସାଧାରଣ ଲୋକ ସାମିଲ ଥିଲେ। ବନ୍ଦେ ମାତରମ୍,ଭାରତ ମାତା କି ଜୟ, ଜାତୀୟ ଏକତା ଜିନ୍ଦାବାଦ ନାରା ସହ ପ୍ରାୟ ୧୫ କି.ମି. ପଦଯାତ୍ରା ଯାଇଥିଲା। ପଦଯାତ୍ରାରେ ପାଇକ ଆଖଡ଼ା, ବିଭିନ୍ନ ସାଂସ୍କୃତିକ ଦଳ ରଣକୌଶଳ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ। ଆର୍‌ସିଡିପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ସମାବେଶ ହୋଇଥିଲେ।

ଆର୍‌ସିଡି ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଗଣ୍ଡ, ଏମ୍‌ପି ବଳଭଦ୍ର ମାଝି, ବିଧାୟକ ଗୌରୀଶଙ୍କର ମାଝୀ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝୀ, ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ ଓ ବିଶ୍ୱଜିତ ବର୍ମନ୍, ଉପଜିଲାପାଳ ପ୍ରକାଶ ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଯଦୁମଣି ନାଏକ, ସାମାଜିକ କର୍ମୀ କୁଞ୍ଜବିହାରୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଆଜିର ଯୁବପିଢ଼ି ସର୍ଦ୍ଦାର ପଟେଲଙ୍କ ନୀତି ଆଦର୍ଶକୁ ଅନୁସରଣକରି ଦେଶମାତୃକାର ସେବାରେ ନିଜକୁ ନିୟୋଜିତ ଏବଂ ନିଜକୁ ସ୍ୱାବଲମ୍ବୀ ମଣିଷ ରୂପେ ଗଢ଼ି ତୋଳିବା ପାଇଁ ମନ୍ତ୍ରୀ ଗଣ୍ଡ କହିଥିଲେ। 'ଏକ ଭାରତ ଆତ୍ମନିର୍ଭର ଭାରତ' ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର, 'ଶ୍ରେଷ୍ଠ ଓ ସମୃଦ୍ଧ ଭାରତ' ସ୍ୱପ୍ନକୁ ସାକାର କରିବାକୁ ଏମ୍‌ପି ମାଝୀ କହିଥିଲେ। ଦେଶର ଏକତା, ସଦ୍‌ଭାବ, ଜାତୀୟ ସଂହତି ଓ ଭାଇଚାରାର ବାର୍ତ୍ତା ଦେଉଥିବା ଏହି ପଦଯାତ୍ରାରେ ସାମିଲ ହୋଇଥିବାରୁ ବିଧାୟକ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟ ଅତିଥି ସମସ୍ତଙ୍କୁ 'ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଓ ଆତ୍ମନିର୍ଭର ଭାରତ'ର ଶପଥ ପାଠ କରାଇଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଡିଆଇପିଆର୍‌ଓ ପଦଯାତ୍ରା ଓ ସଭା ପରିଚାଳନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିଲେ।


ପଦଯାତ୍ରାରେ ସାମିଲ ହୋଇଥିବା ଛାତ୍ରଛାତ୍ରୀ ଓ ଜନସାଧାରଣ।

# ପିଲାଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣୁଛି ସର୍ଗିଫୁଲ

ମାଲକାନଗିରି,୧୮।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ମାଲ୍ୟବନ୍ତ ଛାତ୍ରାବାସ ଖେଳ ପଡିଆଠାରେ ବୁଧଦିନକା ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ମଙ୍ଗଳବାର ଉଦ୍ଘାଟିତ ହୋଇଛି। ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ମୁଖ୍ୟବକ୍ତା ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ସମାରୀ ଟାଙ୍ଗୁଲ, ବନଖଣ୍ଡ ଅଧିକାରୀ ସାଇକିରଣ ଡି.ଏନ୍., ଅତିରିକ୍ତ ଜିଲାପାଳ ବେଦବରପ୍ରଧାନ, ଉପଜିଲାପାଳ ଆସିନି ଏ.ଏଲ୍., ପ୍ରକଳ୍ପ ପ୍ରଶାସକ ହଳଧର ଶବର, ଜିଲା ଶିକ୍ଷାଧିକାରୀ ଡିଲ ରଞ୍ଜନ ପାଣିଗ୍ରାହି, କୋରାପୁଟ ଜିଲା ମଙ୍ଗଳ ଅଧିକାରୀ ସନିଲ କୁମାର ଡାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ଥିବା ୮୫ଟି ମଙ୍ଗଳ ବିଭାଗ ବିଦ୍ୟାଳୟ ମଧ୍ୟରୁ ୫୯ ବିଦ୍ୟାଳୟରେ ୪୯୯ ଜଣ ଛାତ୍ରୀଛାତ୍ରଙ୍କ ସହ ୧୦୯ଜଣ ଗାଇଡ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୁନ୍ଦର ହସ୍ତାକ୍ଷର, ବିଜ୍ଞାନ ମେଳା, ସାଧାରଣ ଜ୍ଞାନ, ଖୋଲା ମଞ୍ଚରେ ସ୍ଲୋଗାନ, ବକ୍ତୃତା, ଏକକ ନୃତ୍ୟ, ଏକକ ସଙ୍ଗୀତ, ମିଳିତ ନୃତ୍ୟ, ଭଲିବଲ, ଲାଇଫ୍ ସ୍କିଲ ଇତ୍ୟାଦି ପ୍ରତିଯୋଗିତା କରାଯାଉଛି। ଯେଉଁ ପ୍ରତିଯୋଗୀ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିବେ ସେମାନଙ୍କୁ ଅତିଥି ବୁଧବାର ଉଦ୍ଯାପନୀ ଉତ୍ସବରେ ପୁରସ୍କୃତ କରାଯିବ। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ରାଜ୍ୟସ୍ତରରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି। ବିଭିନ୍ନ ବିଦ୍ୟାଳୟରେ ୫୦ଟି ଷ୍ଟଲରେ ଛାତ୍ରୀଛାତ୍ର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଅନ୍ୟପକ୍ଷେ କାର୍ଯ୍ୟକ୍ରମ ପାଇଁ ଆସୁଥିବା ଅନୁଦାନ ବୃଦ୍ଧି ହେଉ ନ ଥିବାରୁ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ସୂଚନାଯୋଗ୍ୟ, ଅନୁସୂଚିତ ଜନଜାତି ଓ ଜାତି ଛାତ୍ରୀଛାତ୍ରଙ୍କ ପ୍ରତିଭା ଲୋକଲୋଚନକୁ ଆଣିବା ପାଇଁ ଶାଳୀନଗଛ ବା ସର୍ଗିଗଛର ଫୁଲକୁ ଅନୁସରଣ କରି ସର୍ଗିଫୁଲ ନାମରେ ଏକ କାର୍ଯ୍ୟକ୍ରମ ୨୦୧୦ରେ ଆରମ୍ଭ କରିଥିଲେ। ଏଥି ନିମନ୍ତେ ରାଜ୍ୟ ସରକାର ପ୍ରତ୍ୟେକ ଜିଲାର ସମସ୍ତ ବ୍ଲକସ୍ତରୀୟ ସର୍ଗିଫୁଲ ଓ ଜିଲାସ୍ତରୀୟ ସର୍ଗିଫୁଲ ନିମନ୍ତେ ୬୦ ହଜାର ଟଙ୍କା ଅନୁଦାନ ଯୋଗାଇ ଦେଉଥିଲେ। ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାର ୧୫ ବର୍ଷ ବିତି ଯାଇଥିଲେ ସୁଦ୍ଧା ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ଅନୁଦାନ ରାଶି ନ ବଢ଼ାଇ ୬୦ ହଜାର ଟଙ୍କା ପ୍ରଦାନ କରୁଛନ୍ତି। ସରକାରୀ ବେସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଦରମା ଚାରିଗୁଣ ବୃଦ୍ଧି ପାଇଥିଲେ ମଧ୍ୟ ସର୍ଗିଫୁଲ ପାଇଁ ଉଦ୍ଦିଷ୍ଟ ଅନୁଦାନକୁ ସରକାର ବୃଦ୍ଧି କରୁନାହାନ୍ତି। ୨୦୧୦ ମସିହାରେ ସର୍ଗିଫୁଲ କାର୍ଯ୍ୟକ୍ରମ ଆରମ୍ଭ ହେବା ସମୟରେ ବହୁ କମ୍ ସଂଖ୍ୟକ ଛାତ୍ରୀଛାତ୍ର ଅଂଶଗ୍ରହଣ କରୁଥିଲେ ଏବଂ ବିଦ୍ୟାଳୟ ସଂଖ୍ୟା ମଧ୍ୟ କମ୍ ଥିଲା। କିନ୍ତୁ ଏବେ ବିଦ୍ୟାଳୟ ସଂଖ୍ୟା ବୃଦ୍ଧି ପାଇବା ସହ ଛାତ୍ରୀଛାତ୍ରଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ସେହିପରି ଜିଲାସ୍ତରରେ କୃତିତ୍ୱ ଅର୍ଜନ କରୁଥିବା ଛାତ୍ରୀଛାତ୍ର ରାଜ୍ୟସ୍ତରରେ ଅଂଶଗ୍ରହଣ କରୁଥିବାରୁ ୬୦ ହଜାର ଟଙ୍କା ମଧ୍ୟରେ ଯାତାୟତ ଖାଦ୍ୟପେୟ, ଗାଇଡ ଶିକ୍ଷକ ଇତ୍ୟାଦି ସମସ୍ତ ଖର୍ଚ୍ଚ କରିବାକୁ ଶିକ୍ଷକମାନେ ବାଧ ହେଉଛନ୍ତି। ତେଣୁ ରାଜ୍ୟ ସରକାର ଅନୁଦାନ ରାଶି ବଢ଼ାଇବାକୁ ଶିକ୍ଷକ ଶିକ୍ଷୟିତ୍ରୀ ଦାବି କରିଛନ୍ତି। ଏ ସମ୍ବନ୍ଧରେ ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀଙ୍କୁ ପଚାରିବାରୁ, ସର୍ଗିଫୁଲ ନିମନ୍ତେ ରାଜ୍ୟ ସରକାର ପ୍ରଦାନ କରୁଥିବା ୬୦ ହଜାର ଟଙ୍କା ଅନୁଦାନ ଦୁଇଦିନିଆ ଜିଲାସ୍ତରୀୟ ସର୍ଗିଫୁଲ ପରିଚାଳନା କରିବାରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଶ୍ଚିତ ଭାବେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟସ୍ତର ସର୍ଗିଫୁଲ ବୈଠକରେ ଯେଉଁ ନିଷ୍ପତ୍ତି ନିଆଯାଉଛି ସେଥିରେ ଜିଲା ମଙ୍ଗଳ ଅଧିକାରୀଙ୍କୁ ସାମିଲ କରାଯାଉନାହିଁ ଫଳରେ ଏହି ଅନୁଦାନ ସମ୍ବନ୍ଧରେ ସାମୁହିକ ଭାବେ କେହି ପ୍ରକାଶ କରିପାରୁନାହାନ୍ତି। ଏ ସମ୍ବନ୍ଧରେ ମୁଁ ରାଜ୍ୟ ସରକାରଙ୍କ ମଙ୍ଗଳ ବିଭାଗ ମୁଖ୍ୟଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ସେ ପ୍ରକାଶ କରିଥିଲେ।


ଜିଲାସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

**କାର୍ଯ୍ୟକ୍ରମ ପାଇଁ ଆସୁଥିବା ଅନୁଦାନ ବୃଦ୍ଧି ହେଉ ନ ଥିବାରୁ ଅସନ୍ତୋଷ**

## ୨ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

କୋରୁକୋଣ୍ଡା,୧୮।୧୧(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରର ପ୍ରବେଶ ପଥ ଗୋପବନ୍ଧୁ ଛକଠାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ୨ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୨ ଚାଳକ ଗୁରୁତର ଆହତ ହୋଇଛନ୍ତି। ରାବାଣା ପାତ୍ର ଓ ତାଙ୍କ ପୁଅ ସୁଧାଂଶୁ ପାତ୍ର ଗୁରୁତର ଥିବାରୁ ତାଙ୍କୁ ବାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ବାଲିମେଳାସ୍ଥିତ ଡ୍ରଗ୍ ଲାଇନ୍ର ରାବାଣା ପାତ୍ର, ତାଙ୍କ ପୁଅ ସୁଧାଂଶୁ ଓ ବିନୋଦ ବାଘ ଏକ ବାଇକ୍ ଯୋଗେ ଚିତ୍ରକୋଣ୍ଡା ଅଭିମୁଖେ ଯାଉଥିଲେ। ଏହି ସମୟରେ ଏନ୍ଏସି କାର୍ଯ୍ୟାଳୟ ପଟୁ ଅନ୍ୟ ଏକ ବାଇକ୍ରେ ଅଜିତ ଠିକାଦାର ଓ ବିଶ୍ୱଜିତ ନିର୍ଦ୍ଧା ଦ୍ରୁତଗତିରେ ଆସୁଥିଲେ। ଗୋପବନ୍ଧୁ ଛକ ନିକଟରେ ଉଭୟ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୫ ଜଣ ଯାକ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ରାବାଣା ଓ ସୁଧାଂଶୁ ଗୁରୁତର ଥିବାରୁ ସେମାନଙ୍କୁମାଲକାନଗିରିମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ନ ମିଳିବାରୁ ପରିବାର ଲୋକେ ବାଧହୋଇ ଏକ ବେସରକାରୀ ଗାଡ଼ି ଭଡ଼ାକରି ନେଇଥିଲେ। ପୋଲିସ ୨ ଦୁର୍ଘଟଣାଗ୍ରସ୍ତ ବାଇକ୍କୁ ଜବତକରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

## ଗୁମାଝରଣ ଜଳପ୍ରପାତରେ ୨ ଯୁବକ ନିଖୋଜ


ଜଳପ୍ରପାତରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ଗୋବିନ୍ଦପାଲି, ୧୮।୧୧(କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଗୋବିନ୍ଦପାଲି ନିକଟ ଗୁମାଝରଣ ଜଳପ୍ରପାତ ବୁଲୁଥିବା ସମୟରେ ୨ ଜଣ ଯୁବକ ନିଖୋଜ ହୋଇଯାଇଛନ୍ତି। ଖବରପାଇ ମାଥିଲିରୁ ଅଗ୍ନିଶମ ବାହିନୀ ଓ ଗୋବିନ୍ଦପାଲି ପୋଲିସ ସେଠାରେ ପହଞ୍ଚି ତଲାସୀ କାର୍ଯ୍ୟ ଚାଲୁ ରଖିଥିଲେ । ଅନ୍ଧାର ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ସ୍ଥଗିତ ରଖାଯିବା ସହ ପୁଣି ସକାଳୁ ଖୋଜିବା ଆରମ୍ଭ ହେବ ବୋଲି ସ୍ଥାନୀୟ ପୋଲିସ ଫାଣ୍ଡି ଅଧିକାରୀ ପଦ୍ମନ ପୂଜାରୀ କହିଛନ୍ତି। ନିଖୋଜ ଦୁଇ ଯୁବକ ହେଲେ କୋରାପୁଟ ଜିଲା ଜୟପୁରର ଅଞ୍ଚଳର ଜେ ଶ୍ରୀକାନ୍ତ ଓ ଲିଙ୍ଗରାଜ ମହାପାତ୍ର।

କୋରାପୁଟ ଜିଲା ଜୟପୁରର ଅଞ୍ଚଳର ୪ ଜଣ ଯୁବକ ଦୁଇଟି ମୋଟର ସାଇକଲରେ ଆସି ଗୁମାଝରଣ ଜଳପ୍ରପାତ ବୁଲି ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଥିଲେ। ସେମାନେ ଜଳପ୍ରପାତ ତଳ ଅଞ୍ଚଳରେ ଥିବା ପାଣି କୁଣ୍ଡ ନିକଟକୁ ଯିବା ସମୟରେ ୪ଜଣ ଭାରସାମ୍ୟ ହରାଇ ପାଣିରେ ପଡ଼ିଯାଇଥିଲେ। ୨ଜଣ ପହଁରି ବାହାରକୁ ଆସିଥବେଳେ ଅନ୍ୟ ୨ ବନ୍ଧୁ ଆଉ ବାହାରି ପାରି ନ ଥିଲେ। ପାଣି ଭିତରେ ନିଖୋଜ ହୋଇଯାଇଥିଲେ।

ପ୍ରକାଶଥାଉ କି, ଗତ ବର୍ଷ ଜୁନ ୧୫ ତାରିଖରେ ଜୟପୁର ବାଇପାସ୍ ରୋଡର ପ୍ରଦୀପ ସାହୁ ଓ ସନ୍ଦୀପ ସାହୁ ଠିକ ଏହି ସ୍ଥାନରେ ପାଣିରେ ବୁଡି ପ୍ରାଣ ହରାଇଥିଲେ।ଏହି ଭଳି ଘଟଣାକୁ ରୋକିବା ପାଇଁ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଚର୍ଚ୍ଚରେ ଭଙ୍ଗାରୁଜା ଅଭିଯୋଗ

**୧୫ଜଣଙ୍କ ନାମରେ ମାମଲା**

କୋରୁକୋଣ୍ଡା, ୧୮।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ଥାନା କୁଡୁମୁଲୁଗୁମ୍ମା ପଞ୍ଚାୟତ ଅଧୀନରେ ଥିବା ନାଳିଗୁଡ଼ା କଲୋନୀରେ ଥିବା ଏକ ସରକାରୀ ଜାଗାରେ ତିଆରି ହୋଇଥିବା ଚର୍ଚ୍ଚକୁ ୧୬ ତାରିଖ ରାତିରେ ଭଙ୍ଗାରୁଜା କରାଯାଇଛି। ଏ ନେଇ ନାଳିଗୁଡ଼ା ଗ୍ରାମର ବିଜୟା ପୁସୁର ସୋମବାର ଓର୍କେଲ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ପକ୍ଷରୁ ଥାନାରେ କେସ୍ ନଂ.୩୧୬/୨୦୨୫ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ପ୍ରାୟ ୧୫ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଥାନାଧିକାରୀ ଏସ୍ଆଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।


ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ଚର୍ଚ୍ଚ।

ସୂଚନାନୁଯାୟୀ, ନାଳିଗୁଡ଼ାର ବିଜୟା ପୁସୁରଙ୍କ ନେତୃତ୍ୱରେ କିଛିଦିନ ତଳେ ଉକ୍ତ ଗାଁରେ ଥିବା ଏକ ସରକାରୀ ଜମିରେ ତାଳପତ୍ର ଛାତ ଥିବା ଏକ ଚର୍ଚ୍ଚ ନିର୍ମାଣ କରାଯାଇଥିଲା। ସରକାରୀ ଜାଗାରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଚର୍ଚ୍ଚକୁ ଗୋଟିଗୁଡ଼ା ଗ୍ରାମବାସୀ ବିରୋଧ କରିଥିଲେ। ଏହାକୁ ନେଇ ଗୋଟିଗୁଡ଼ା ଓ କୁଡୁମୁଲୁଗୁମ୍ମା ଗ୍ରାମବାସୀ ସ୍ଥାନୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଲୋକଙ୍କ ଅଭିଯୋଗକୁ ଭିତ୍ତି କରି କିଛିମାସ ପୂର୍ବେ କୁଡୁମୁଲୁଗୁମ୍ମା ତହସିଲଦାରଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଗାଁରେ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ଏନେଇ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହାର କିଛି ମାସ ପରେ ଉକ୍ତ ଚାଳ ଘରକୁ ଭାଙ୍ଗି ଚର୍ଚ୍ଚର ପକ୍କା କୋଠା ଘର ତିଆରି କରାଯାଇଥିଲା। ତେବେ ୧୬ ତାରିଖ ରାତିରେ ଉକ୍ତ ଭଙ୍ଗା ରୁଜା କରଯାଇଥିବା ନେଇ ବିଜୟ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାରେ ଗୋଟିଗୁଡ଼ା ଓ କୁଡୁମୁଲୁଗୁମ୍ମାର କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ସେ ସେମାନଙ୍କ ନାମରେ ଏକ ଲିଖିତ ଏତଲା ଦେଇଛନ୍ତି। ପୋଲିସ ପକ୍ଷରୁ ଏହି ଘଟଣାର ତଦନ୍ତ ଚାଲିଛି । ଘଟଣାରେ ଯାହାର ସମ୍ପୃକ୍ତି ଥିବ ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଭାରପ୍ରାପ୍ତ ଥାନାଧିକାରୀ ତଥା ଏସ୍ଆଇ ଅଜିତ ସିଂ ବରିହା ସୂଚନା ଦେଇଛନ୍ତି।


GOVERNMENT OF ODISHA No. B-700
OFFICE OF THE SUPERINTENDING ENGINEER
BHANJANAGAR (R&B) DIVISION, BHANJANAGAR
(Phone/Fax: (06821) 241133 / E-mail: eernbbngr@yahoo.in)
Ltr. No. 11123 Dtd.12.11.2025
INVITATIONS FOR BIDS (IFB)
E-Procurement Bid Identification No. S.E. - BNJ-R&B-15/2025-26

| | | |
|---|---|---|
| 1. | Name of Work | : Building Works |
| 2. | No. of Works | : 02 Nos. Building Work |
| 3. | No. of Covers | : Double Cover |
| 4. | Estimated Cost | : Rs.63.38 to 67.81 lakhs |
| 5. | Period of Completion | : Six Calendar Months |
| 6. | Date of time of availability of bid document in the portal | : From 12.00 Noon of dated 19.11.2025 to 5.00 P.M. of dated 03.12.2025 |
| 7. | Last date/time for receipt of bids in the portal | : Upto 5.00 P.M. of dated 03.12.2025 |
| 8. | Date of opening of bid documents | : At 11.00 A.M. of dated 04.12.2025 |
| 9. | Class of Contractor | : "B" Class Contractor |
| 10. | Name and address of Officer Inviting Bid | : Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.
Sd./- Superintending Engineer
Bhanjanagar (R&B) Division
OIPR-



कार्यपालक अभियंता का कार्यालय,
पथ निर्माण विभाग,पथ प्रमंडल, राँची
निविदा रद्द सूचना
टेन्डर रेफरेंन्स नं0:– प0नि0वि0/राँची–39/2025–26
पथ प्रमंडल, राँची अन्तर्गत PRNo. 364965 से विभिन्न समाचार पत्रों में प्रकाशित IRQP Work in Mandar Chowk (on NH-75) to Burmu Road (कुल लम्बाई–14.80 कि0मी0) कार्य वर्ष 2025–26 कार्य के निविदा सूचना को अपरिहार्य कारणवश तत्काल रद्द किया जाता है।
कार्यपालक अभियंता
पथ निर्माण विभाग,पथ प्रमंडल,राँची
PR 366328 Road Construction
Dept Road Division Ranchi(25-26).D



GOVERNMENT OF ODISHA No.C-1462
OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
E-mail : eephchpr@gmail.com
NATIONAL COMPETITIVE BIDDING THROUGH e-Procurement
Invitation For Bids (IFB)

| Sl. No. | Name of work | Bid Identification No. | Estimated cost (Rs. in Lakh) | Period of completion | Availability of Bid Document for online bidding | | Name & adderss of office inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Supply of ISI marked Centrifugally Cast (Spun) Ductile Iron socket & spigot (DI K-7 & K-9) pipes of 100mm to 350mm dia for water supply to Baliguda and Purusottampur NAC under AAP 2025-26 SUJAL | Bid Identification No. 53/03/ SPH(C)/2025-26 dt.12.11.2025 | 187.66 | 60 (Sixty) days | 11.00 Hrs of 18.11.2025 | 17.30 Hrs of 06.12.2025 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on dt.08.12.2025 at 01.00 P.M.
Further details can be seen from the e-procurement portal https://www.tenderorissa.gov.in
Sd./- Additional Chief Engineer (PH)
P.H. Division, Bhanjanagar at Chatrapur
OIPR-



ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ
ୱାର୍ଡ ନଂ. ୧୪, ଅଙ୍କୁରା, ପୋ.ଅ.: କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, ପିନ୍: ୭୫୭୦୩୭
E-mail: rmckja2@gmail.com
ବିଜ୍ଞାପନ ସଂଖ୍ୟା: ୧୦୮୭ ତା: ୧୫।୧୧।୨୦୨୫ରିଖ
No. H-40: ଏତଦ୍ୱାରା ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ ତଥା ପାଞ୍ଚପିଢ଼ ଉପଖଣ୍ଡର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆର ମାର୍କେଟ କମ୍ପ୍ଲେକ୍ସ (Karanjia Market Complex)ଠାରେ ଖାଲିଥିବା ଦୋକାନ ଗୃହ ଭଡ଼ା ସୂତ୍ରରେ ଆବଣ୍ଟନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଣୁ (ସାର, ଲୁଣ, ଶୁଖୁଆ, ମହୁଲ, ସିମେଣ୍ଟ, ଗୋଳାବାରୁଦ, ମାଦକଦ୍ରବ୍ୟ ବ୍ୟତୀତ) ବ୍ୟବସାୟ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, କରଞ୍ଜିଆ ଠିକଣାରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ମୁଦ ଲଫାପାରେ ରେଜଷ୍ଟ୍ରି ଡାକ/କ୍ଷିପ୍ରଡାକ ମାଧ୍ୟମରେ ଆବେଦନ କରିପାରିବେ। ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟଠାରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଦରଖାସ୍ତ ଫର୍ମ ବିକ୍ରି ଆରମ୍ଭ ତା୨୦।୧୧।୨୦୨୫ରିଖଠାରୁ ତା୨୬।୧୧।୨୦୨୫ରିଖ ଅପରାହ୍ନ ୦୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି। ଦରଖାସ୍ତ ଫର୍ମଗୁଡ଼ିକ ତା୨୦।୧୧।୨୦୨୫ରିଖଠାରୁ ୦୨।୧୨।୨୦୨୫ରିଖ ଅପରାହ୍ନ ୦୫.୩୦ ଘଟିକା ପର୍ଯ୍ୟନ୍ତ ଡାକ ଯୋଗେ ଗ୍ରହଣ କରାଯିବ। ଧାର୍ଯ୍ୟ ତାରିଖ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଆବେଦନ ଫର୍ମ ଗ୍ରହଣ କରାଯିବ ନାହିଁ। ଆବେଦନକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି, ବିଜ୍ଞାପନର ବିଷଦ ବିବରଣୀ www.mayurbhanj.nic.inରେ ଉପଲବ୍ଧ। ଏହା ଧାର୍ଯ୍ୟ ତାରିଖ ଏବଂ ସମୟ ସୀମା ମଧ୍ୟରେ ପାଇପାରିବେ।
ସ୍ୱା./– ଉପ–ଜିଲ୍ଲାପାଳ–ତଥା–ଅଧ୍ୟକ୍ଷ
OIPR- ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ



GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH
No. O-1478
E-mail: eerw_ptng@yahoo.in, Phone No. 06658-222121
e-Procurement Notice
IFB IDETNFICATION No. EEPTNG-Online-13/2025-26

| | | |
|---|---|---|
| 1. | Name of Work | : Construction of NEW R.I. Office Building Works |
| 2. | Total No. of Work | : 03 (Three) Nos. Works |
| 3. | Time of Completion | : 06 (Six) Calendar Months |
| 4. | Approximate Estimated Cost | : 75.51 lakh to 77.28 lakh |
| 5. | Mode of Submission of Tender | : Tender should be submitted online in www.tendersorissa.gov.in |
| 6. | Other details are as follow | : |

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W. Divn., Patnagarh | EEPTNG-Online-13/2025-26 | 20.11.2025 at 11.00 A.M. | 02.12.2025 upto 5.00 P.M. | 01.12.2025 upto 5.00 P.M. | 03.12.2025 at 11.00 A.M. | The date will be intimated to the technically qualified bidders later |

- Further details can be seen from the website www.tendersorissa.gov.in.
- Any Corrigendum/Addendum will be displayed in the above e-tender website only.

OIPR- Sd./- Executive Engineer, R.W. Division, Patnagarh



कार्यपालक अभियंता का कार्यालय
राष्ट्रीय ग्रामीण नियोजन कार्यक्रम, पश्चिमी सिंहभूम, चाईबासा
–: अल्पकालीन ई–निविदा आमंत्रण सूचना :–
ई–निविदा सूचना संख्या–EE/NREP/CHAIBASA/10 /2025-26 (DMFT मद)
1. कार्य की विस्तृत विवरणी :–

| क्र० सं० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | आनन्दपुर | आनन्दपुर प्रखण्ड के हरता पंचायत के ग्राम –रोमा आर0ई0ओ0 पथ से महीपल घर तक पी0सी0सी0 पथ निर्माण। | 17641800.00 | 353000.00 | 10,000.00 | 06 माह |
| 2 | आनन्दपुर | आनन्दपुर प्रखण्ड के झारबेड़ा पंचायत के ग्राम –टेंड्राउली तीन सीमान से ऑंगनबाड़ी भवन तक पी0सी0सी0 पथ निर्माण। | 28313400.00 | 566500.00 | 10,000.00 | 06 माह |
| 3 | आनन्दपुर | आनन्दपुर प्रखण्ड के बिन्जु पंचायत के चिरूमाठा स्कूल घर से आदिवासी टोला होते हुए टुंगरीटोली सीमान तक पी0सी0सी0 पथ निर्माण। | 34631800.00 | 693000.00 | 10,000.00 | 06 माह |

1. जिला का वेबसाईट में निविदा प्रकाशन की तिथि– 26.11.2025 से 06.12.2025
2. ई–निविदा प्राप्ति की अंतिम तिथि एवं समय–दिनांक 06.12.2025 तक समय अपराह्न 2:00 बजे तक
3. ई–निविदा खोलने का स्थान–कार्यपालक अभियंता का कार्यालय, राष्ट्रीय ग्रामीण नियोजन कार्यक्रम,पश्चिमी सिंहभूम, चाईबासा।
4. ई–निविदा खोलने की तिथि एवं समय – 07.12.2025 अपराह्न 05 बजे।
5. ई–निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, राष्ट्रीय ग्रामीण नियोजन कार्यक्रम, पश्चिमी सिंहभूम, चाईबासा।
6. ई–निविदा प्रकोष्ठ का दूरभाष सं०– 8210206585 (संबंधित कार्यपालक अभियंता का दूरभाष नम्बर)
7. परिमाण विपत्र की राशि घट–बढ़ सकती है, तद्नुसार अग्रधन की राशि देय होगी।
8. सरकार के संयुक्त सचिव ग्रामीण कार्य विभाग झारखण्ड सरकार राँची के पत्रांक 02(नि०नि०–17)–251/23 ग्रामीण कार्य विभाग 3130(अनु०), राँची, दिनांक 09.10.2023 द्वारा दिये गये निदेश के अनुपालन में **सभी कागजात के साथ, निविदा शुल्क एवं अग्रधन की राशि Online Mode द्वारा स्वीकार्य होगी।**
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।अगर खाता को बंद कर दिया जाता है तो उसकी सारी जवाब देही आपकी होगी।
10. ग्रामीण विकास विभाग (ग्रामीण कार्य मामले) झारखण्ड, पथ निर्माण विभाग एवं भवन निर्माण विभाग झारखण्ड के अन्तर्गत पंजीकृत समुचित श्रेणी के संवेदक भाग ले सकेगें
11. जिला दण्डाधिकारी–सह–उपायुक्त, पि चमी सिंहभूम, चाईबासा के पत्रांक 1679 दिनाँक 23.12.2022 के अलोक निविदा डालने के समय चाईबासा जिला अन्तर्गत किसी भी **प्रमण्डल/विभाग** द्वारा आवंटित कार्य एकरारित अवधि बीत के बाद लंबित नहीं होने संबंधित भापथ पत्र देना होगा। कार्य लंबित पाये जाने पर उनका निविदा स्वतः रद्ध माना जाएगा।
12. निविदा खोलने की तिथि से 05(पाँच) दिनों के अंदर निविदाता द्वारा अपनी आपत्ति/दावा दर्ज करायें अन्यथा अवधि बीतने के पश्चात कोई भी आपत्ति/दावा मान्य नहीं होगा।
13. बिना कारण बताये किसी भी समय निविदा को रद्द करने का अधिकार अद्योहस्ताक्षरी को सुरक्षित रहेगा।
14. जिस संवेदक का कार्य लंबित है, उनका कार्य आवंटन नहीं किया जायेगा।

**विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचनापट्ट पर देखा जा सकता है**

कार्यपालक अभियंता
राष्ट्रीय ग्रामीण नियोजन कार्यक्रम
पश्चिमी सिंहभूम, चाईबासा।
PR.NO.366394 West Singhbhum(25-26):D



JHARKHAND URJA SANCHARAN NIGAM LIMITED
(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002 (E-mail:cetjusnl@gmail.com)
e-TENDER NOTICE NIT No. –508/PR/ JUSNL/ 2025-26
E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works: -

| | |
|---|---|
| Name of work | survey and assessment of feasibility for modification of existing 2 ph. double circuit towers to 3-ph double circuit towers by erecting two extra cross arms as proposed by Railway for construction of 132 kV 3-ph D/C Transmission line from GSS, Kendposi to New TSS at Kendposi |
| Estimated cost (Rs.) | Rs. 7,72,816.00 (including GST) |
| Earnest Money Deposit | Rs. 15,500.00 On line mode |
| Completion Period | 45 Days |
| e-Tender fee | Rs. 5,000.00 + 18% GST On line mode. |
| Start Date & Time of Download the Tender Documents | 19.11.2025 at 11:00 AM |
| Start Date and time of upload of BID | 19.11.2025 at 11:00 AM |
| End date and time of upload of BID | 09.12.2025 upto 04:00 PM |
| BID Opening date for technical part | 10.12.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनीशिकयतों को 18003456570(कॉल सेन्टर) पर दर्ज करायें।
Sd/-
General Manager, C&M (NWBP)
PR 366333 (Jharkhand Urja Sancharan Nigam Ltd)25-26*D



OFFICE OF THE EXECUTIVE ENGINEER.
MINOR IRRIGATION DIVISION, DUMKA
e-Procurement Tender Notice
Two Envelope System
Tender Reference No:- WRD/MID/DUMKA/B.D./S.L.I.-01/2025-26
Letter No:-760/M.I.D.Dumka Date:-17/11/2025/

| | | |
|---|---|---|
| 1 | Name of Work: | Construction of Chief Minister Solar Based Lift Irrigation Scheme at Banskuli under Block - Raneshwar, District- Dumka |
| 2 | Estimated Cost (in Rs.) | Rs. 1,03,82,800.00 |
| 3 | Cost of tender document (in Rs) | Rs. 10,000.00 only (non-refundable). |
| 4 | Earnest Money Deposit (in Rs.) | Rs. 1,04,000.00 |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http://jharkhandtenders.gov.in) | Date: 26.11.2025 Time: 11:00 AM |
| 8 | Last Date/Time for downloading of bidding documents and Submission of Tender on Website | Date: 10.12.2025 Time: 05:00 PM |
| 9 | Submission of Tender Fee and EMD | Start Date:- 26.11.2025 Time: 11:00 AM Last Date:- 10.12.2025 Time: 05:00 PM |
| 10 | Technical Bid Opening Date | Date: 11.12.2025 Time: 05:00 PM |
| 11 | Officer Inviting Bids | Executive Engineer, Minor Irrigation Division, Dumka |
| 12 | Contact No. of Procurement Officer email of Procurement Officer | Mob- 7765955362 Email Id- middumka@gmail.com |
| 13 | Help line No. of Procurement Cell | Mob - 8789032339 |

➢ Note:- Estimated cost may increase or decrease.
➢ Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/A registered manufacturers/Company/Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➢ **Only e-Tender will be accepted.**
➢ Further details can be seen on website http://jharkhandtenders. gov .in

Sd/-
Executive Engineer,
Minor Irrigation Division, Dumka
PR.NO.366293 Minor Irrigation(25-26):D

# ପରବ ବର୍ଜନ ନିଷ୍ପତ୍ତିରୁ ଓହରିଲା ମୂଳ ଅଧିବାସୀ ସଂଘ

## ବ୍ଲକ୍‌ସ୍ତରୀୟ ପରବ ନେଇ ବୈଠକ

କୁନ୍ଦୁରା,୧୮।୧୧(ସନ୍ତୋଷ ପ୍ରହରାଜ)



ବୈଠକରେ ଉପସ୍ଥିତ ବିଧାୟକ ରୁପୁ ଭତ୍ରା ଓ ଲୋକ ପ୍ରତିନିଧିମାନେ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଜିଲାସ୍ତରୀୟ ପରବ ଶୁଭାରମ୍ଭ କରାଯାଇ ନ ଥିବାରୁ ପରବ ବର୍ଜନ କରିବା ନିଷ୍ପତ୍ତିରୁ ମୂଳ ଅଧିବାସୀ ସଂଘ ଓହରିଛି। ବିଭିନ୍ନ ସଂଗଠନ ପରବ ବର୍ଜନ କରିବାକୁ ଅଡ଼ି ବସିଥିଲେ। ବ୍ଲକ୍ ପ୍ରଶାସନ ପକ୍ଷରୁ କାର୍ଯ୍ୟାଳୟରେ ମଙ୍ଗଳବାର କରାଯାଇଥିବା ବୈଠକରେ ସଂଘ ସହମତି ଜଣାଇଛି। କୋଟପାଡ଼ ବିଧାୟକ ରୂପୁ ଭତ୍ରା, କୋରାପୁଟ ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ,ଏମ୍‌ପି ପ୍ରତିନିଧି ଅମ୍ବୁ ପାତ୍ର, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ, କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷ ତରୁଣୀ ସେନ ବିଷୋୟୀ, ବିଡିଓ ପି.ମନସ୍ୱିତା, ତହସିଲଦାର ବିନୋଦ ଚନ୍ଦ୍ର ନାଏକ, ମୂଳ ଅଧିବାସୀ ସଂଘ, ସମସ୍ତ ସମାଜର କର୍ମକର୍ତ୍ତା, ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଓ ଯୁବକ ସଂଘ ଯୋଗଦେଇଥିଲେ। ପୂର୍ବରୁ ଜିଲାସ୍ତରୀୟ ପରବ କୁନ୍ଦୁରା ବ୍ଲକରୁ କରିବା ନେଇ ଲୋକ ପ୍ରତିନିଧି ଓ ପ୍ରଶାସନ ୨୦୨୪ରେ ନିଷ୍ପତି ନେଇଥିଲେ। ଚଳିତବର୍ଷ କାର୍ଯ୍ୟକ୍ରମ ଲକ୍ଷ୍ମୀପୁର ବ୍ଲକ କୁରୁଣୀପଦର ଶୈବପୀଠରୁ କରିବା ନେଇ ଘୋଷଣା ପରେ ବ୍ଲକସ୍ତରରେ ଅସନ୍ତୋଷ ଦେଖାଦେଇଥିଲା। ପରବ ମଶାଲ ଆଣିବା ନେଇ ବିଭିନ୍ନ ସଂଗଠନ ସହଯୋଗ କରିନଥିଲେ। ପ୍ରଶାସନ କେତେଜଣ ବ୍ୟକ୍ତି ବିଶେଷଙ୍କୁ ନେଇ ଜିଲାସ୍ତରୀୟ ପରବ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କୁନ୍ଦୁରାରେ ପରବ ଆରମ୍ଭ କରିବା ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦିଆଯାଇଥିଲା। ବିଡିଓ ଅଭିଯୋଗ ପତ୍ର ଜିଲାପାଳଙ୍କୁ ପ୍ରେରଣ କରିଥିଲେ। ପରବ ମଶାଲ ଆସିବା ପରେ ଏହାକୁ ବିରୋଧ କରି ସମସ୍ତ ସଂଗଠନ ବ୍ଲକ୍‌ରେ ମଶାଲ ରଖିବାକୁ ଦେବୁ ନାହିଁ ବୋଲି କହିଥିଲେ। ମଶାଲକୁ କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ପ୍ରଶାସନ ରଖିବାକୁ ବାଧ ହୋଇଥିଲା। ବ୍ଲକ ପ୍ରଶାସନ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକସ୍ତରୀୟ ପରବ ପ୍ରସ୍ତୁତି ବୈଠକ କରିବାକୁ ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ। ବୈଠକରେ ତର୍କ ବିତର୍କ ପରେ ବ୍ଲକସ୍ତରୀୟ ପରବ କରିବାକୁ ସମ୍ମତି ଜଣାଇଥିଲେ। ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ ଜିଲାସ୍ତରୀୟ ପରବ ପ୍ରସ୍ତୁତ ବୈଠକରେ ବିଧାୟକ ଉପସ୍ଥିତ ରହି ବ୍ଲକକୁ ଅବହେଳା କରିଥିବା କହିବା ପରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଏହାକୁ ଖଣ୍ଡନ କରି ୨୦୨୬ରେ ଜିଲାସ୍ତରୀୟ ପରବ କୁନ୍ଦୁରା ବ୍ଲକ୍‌ରେ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଡିସେମ୍ବର ୨ରେ ବ୍ଲକସ୍ତରୀୟ ପରବ କରିବା ନେଇ ସମସ୍ତଙ୍କ ନିଷ୍ପତ୍ତି ପ୍ରକାରେ ଦିନ ଧାର୍ଯ୍ୟ କରାଯାଇଛି। ଲୋକ ପ୍ରତିନିଧି, ପ୍ରଶାସନ, ଯୁବବର୍ଗଙ୍କୁ ବିଭିନ୍ନ କାର୍ଯ୍ୟକ୍ରମର ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ବ୍ଲକ କଂଗ୍ରେସ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକ,ଶିକ୍ଷାବିତ ପଞ୍ଚାନନ ଗୌଡ଼,ସଂସ୍କୃତି ଗବେଷକ ଡ. ରାଜେନ୍ଦ୍ର ପାଢ଼ୀ, ଚନ୍ଦ୍ର ସଗରିଆ,ତ୍ରିନାଥ ସମରଥ, ଗୁପ୍ତେଶ୍ୱର ପାଣିଗ୍ରାହୀ, ତୁଷାର ଭଞ୍ଜ,ଦୈତାରୀ ମଲ୍ଲିକ, ବୁଲୁ ସାହୁ, ଶିବ ପ୍ରଧାନୀ ଓ ସୁରେନ୍ଦ୍ର ପରଜା ପ୍ରମୁଖ ଉପସ୍ଥିତ ଥିଲେ।

# ୨୫ରେ ପୌରାଞ୍ଚଳସ୍ତରୀୟ ପରବ

## ଜୟପୁର ପୌରପାଳିକାର ବୈଠକ

ଜୟପୁର,୧୮।୧୧(ପବନ ପାଣିଗ୍ରାହୀ)

ଜୟପୁର ପୌରାଞ୍ଚଳସ୍ତରୀୟ ପରବ ନେଇ ପୌର ସଭାଗୃହରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୫ରେ ସ୍ଥାନୀୟ ବଲ୍ଲଭ ନାରାୟଣ ମନ୍ଦିରରୁ ମଶାଲ ଶୋଭାଯାତ୍ରା ଶୁଭରାମ୍ଭ ହେବ ବୋଲି ସୂଚନା ରହିଛି। ବୈଠକରେ ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ, ପୌର ଉପାଧ୍ୟକ୍ଷ ବି.ସୁନିତା, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ, ପୌର ଯନ୍ତ୍ରୀ ଅଜୟ ଜାନୀଙ୍କ ସହ ସାମାଜିକ କର୍ମୀ ସଞ୍ଜୟ ଜୈନ, ଧୀରେନ ମୋହନ ପଟ୍ଟନାୟକ, କ୍ରୀଡ଼ା ସମ୍ପାଦକ ରବି ନାୟକ, ପିଟି ଶିକ୍ଷୟିତ୍ରୀ ଓ କାଉନସିଲରମାନେ ଉପସ୍ଥିତ ଥିଲେ। ୨୬ ଓ ୨୭ ତାରିଖରେ ବିଭିନ୍ନ ପ୍ରତିଯୋଗିତା ହୋଇ ୨୮ରେ ଦଶହରା ପଡ଼ିଆରେ ଉଦ୍‌ଯାପନୀ ହେବ। ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଉପଜିଲାପାଳ ଓ ଅନ୍ୟ ଅଧିକାରୀ ପୌରାଞ୍ଚଳର୧୮୬ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ନିଶାମୁକ୍ତ ଭାରତ ନେଇ ଶପଥ ପାଠ କରାଯାଇଛି। ବହୁ ସଂଖ୍ୟକ ଯୁବତୀଯୁବକ ନିଶାମୁକ୍ତ ଭାରତ ଅଭିଯାନରେ ସାମିଲ ହେବାକୁ କୁହାଯାଇଥିଲା। ସମସ୍ତେ ମିଶି କୋରାପୁଟ ଜିଲାକୁ ନିଶାମୁକ୍ତ କରିବା ନେଇ ଦୃଢ ସଂକଳ୍ପ ନେବାକୁ ଆହ୍ୱାନ ଦିଆଯାଇଥିଲା।

# ଡିଏଭି ନ୍ୟାଶନାଲ ଖେଳିବେ ୨୦ ଛାତ୍ରୀଛାତ୍ର



କୃତୀ ୨୦ ଛାତ୍ରୀଛାତ୍ର।

ସୁନାବେଡ଼ା,୧୮।୧୧(କୃତ୍ତିବାସ ପ୍ରଧାନ)

ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଡିଏଭି ଚାମ୍ପିୟନ ପ୍ରତିଯୋଗିତାରେ ସୁନାବେଡ଼ାସ୍ଥିତ ଡିଏଭି ଭିଏସ୍ ବିଦ୍ୟାଳୟର ୨୦ ଛାତ୍ରୀଛାତ୍ର କୃତିତ୍ୱ ଲାଭ କରି ଜାତୀୟ ସ୍ତରକୁ ବିବେଚିତ ହୋଇଛନ୍ତି। ସ୍କୁଲର ଶାରୀରିକ ଶିକ୍ଷା ଶିକ୍ଷକ ରଘୁନାଥ ବେହେରା,ରତ୍ନାକର ବାରିକ ଓ ସନ୍ଧ୍ୟାରାଣୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଦୌଡ଼, ଖୋଖୋ, କ୍ରିକେଟ, ଫୁଟବଲ୍, ବ୍ୟାଡମିଣ୍ଟନ, କରାଟେ, ରୋଲର ଷ୍ଟାକିଂ ଆଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଡିଏଭି ଜାତୀୟ ଖେଳ ପ୍ରତିଯୋଗିତା ଚଳିତମାସ ୨୨ରୁ ୨୪ ଯାଏ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। କୃତୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଅଧ୍ୟକ୍ଷ ବାସୁଦେବ ପାଣିଗ୍ରାହୀ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି।

# ପୁରୁଣା ବ୍ରିଜ୍‌କୁ ରକ୍ଷା କରିବା ଦାବିରେ ରାସ୍ତାରୋକୋ



ଧାରଣା ବସିଥିବା ବ୍ରିଜ୍ ରକ୍ଷା ମଞ୍ଚର ସଦସ୍ୟମାନେ।


ବୈପାରୀଗୁଡା,୧୮।୧୧(କଳ୍ପତରୁ ମହାନ୍ତି)

ଜୟପୁର-ବୈପାରୀଗୁଡା ଜାତୀୟ ରାଜପଥରେ ପାତ୍ରପୁଟ ନିକଟ କୋଲାବ ନଦୀ ଉପର ବ୍ରିଟସ୍ ଅମଳ ବ୍ରିଜ୍‌ର ସୁରକ୍ଷା ନେଇ ପାତ୍ରପୁଟ ବ୍ରିଜ୍ ରକ୍ଷା ମଞ୍ଚ ପକ୍ଷକୁ ମଙ୍ଗଳବାର ଧାରଣା ଦିଆଯାଇଛି। ଏହି ଲୁହା ବ୍ରିଜ୍‌ର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ଏହି ବ୍ରିଜ୍‌ରେ ବହୁ ଭାରିଯାନ ଯାତାୟାତ କରୁଥିବାରୁ ବିପଦ ରହିଥିବା ମଞ୍ଚ ପକ୍ଷରୁ କୁହାଯାଇଛି। କେତେକ ଦୁର୍ବୃତ୍ତ ବ୍ରିଜ୍‌ରୁ ଲୁହା କାଟି ଚୋରି କରୁଥିବା ଅଭିଯୋଗ ହେଉଛି। ଅନ୍ୟ ଏକ ସ୍ଥାନରେ ବ୍ରିଜ୍ ନିର୍ମାଣ ପାଇଁ ଅର୍ଥ ବରାଦ ହୋଇଥିଲେ ସୁଦ୍ଧା କାମ ଆରମ୍ଭ ହେଉନାହିଁ। ଏହି ଐତିହାସିକ ବ୍ରିଜ୍ ରକ୍ଷା ପାଇଁ ମଞ୍ଚ ପକ୍ଷରୁ ବିଭିନ୍ନ ସମୟରେ ଦାବି ହେଉଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ କରି ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି। କିଛି ସମୟ ଯାଏ ଯାନବାହାନ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ମଞ୍ଚ ପକ୍ଷରୁ ଜିଲା ପରିଷଦ ସଭ୍ୟର ଜେସମହୁରିଆ, ଜିଲା ପରିଷଦ ସଭ୍ୟା ମଣି ଯାନି,ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ,ଆଇନଜୀବୀ ବିଶ୍ୱଜିତ ନାୟକ, ହେମନ୍ତ ମହାପାତ୍ର ଓ ବିଜୁ ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ସିୟୁଓରେ ଖାଦ୍ୟ ସୁରକ୍ଷା ବିନିୟମ ଶୀର୍ଷକ କର୍ମଶାଳା

କୋରାପୁଟ,୧୮।୧୧(ଅମିତାଭ ବେହେରା)

କୋରାପୁଟ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସିୟୁଓ) ସୁନାବେଡା ପରିସରରେ ଖାଦ୍ୟ ସୁରକ୍ଷା ବିନିୟମ ଶୀର୍ଷକ କର୍ମଶାଳା ମଙ୍ଗଳବାର ଆରମ୍ଭ ହୋଇଯାଇଛି। ସିୟୁଓର ଦୁଗ୍ଧ ବିଜ୍ଞାନ ବିଭାଗ, ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ(ଏଫଏସଏସଏଆଇ) ଏବଂ ଇଣ୍ଟରନ୍ୟାଶନାଲ୍ ଟ୍ରେନିଂ ସେଣ୍ଟର ଫର୍ ଫୁଡ୍ ସେଫ୍ଟି ଆଣ୍ଡ ଆପ୍ଲାଇଡ୍ ନ୍ୟୁଟ୍ରିସନ୍(ଆଇଟିସିଏଫଏସଏଏନ)ଙ୍କ ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଛି। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ଏଫଏସଏସଏଆଇର ପୂର୍ବାଞ୍ଚଳ କାର୍ଯ୍ୟାଳୟ ନିର୍ଦ୍ଦେଶକ ନୀଳମଣି ବିଶ୍ୱାଳ, ସିୟୁଓର ଅର୍ଥ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ ଏବଂ ଦୁଗ୍ଧ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ପ୍ରଧାନ ପାଠ୍ୟକ୍ରମର ସାରାଂଶ ପ୍ରସ୍ତୁତ କରିଥିଲେ। ମୁମ୍ବାଇ ପଶ୍ଚିମାଞ୍ଚଳ ଟେକ୍ନିକାଲ୍ ଅଫିସର ମହମ୍ମଦ ସାଲମାନ୍ ଟୁକାନ୍ ଦେଶର ବିକାଶଶୀଳ ଖାଦ୍ୟ ସୁରକ୍ଷା ପରିବେଶ ପରିପ୍ରେକ୍ଷିତ ଦୁଗ୍ଧ ପ୍ରଯୁକ୍ତି ବିଜ୍ଞାନଙ୍କ ପାଇଁ କାର୍ଯ୍ୟଶାଳାର ଗୁରୁତ୍ୱ ନେଇ କହିଥିଲେ। ପ୍ରଫେସର ପଣ୍ଡା ଛାତ୍ରଛାତ୍ରୀଙ୍କୁ ସମାଜରେ ଖାଦ୍ୟ ସୁରକ୍ଷା ଓ ଗୁଣମାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ କରିଥିଲେ। ଦୁଗ୍ଧ ବିଜ୍ଞାନ ବିଭାଗ ସହାୟକ ଅଧ୍ୟାପକ ଡ.ଚନ୍ଦ୍ରଶେଖର ବି ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଶ୍ୱବିଦ୍ୟାଳୟ କୁଳପତି ଓ ଅନ୍ୟ ଅତିଥିମାନେ।

# ଆୟାପ୍ପା ଦୀକ୍ଷିତଙ୍କ ଶାବରିମାଳା ଯାତ୍ରା



ଶାବରିମାଳା ଅଭିମୁଖେ ବାହାରିଥିବା ଆୟାପ୍ପା ଦୀକ୍ଷିତମାନେ ।

ନନ୍ଦପୁର,୧୮।୧୧(ତୁଷାର କାନ୍ତ ମହାନ୍ତି)

ଆୟାପ୍ପା ଦୀକ୍ଷାରେ ଦୀକ୍ଷିତ ହୋଇ ୪୧ ଦିନିଆ ବ୍ରତ ପାଳନ କରୁଥିବା ନନ୍ଦପୁର ଅଞ୍ଚଳର ୧୩ ଯୁବକ ମଙ୍ଗଳବାର ଇରିମୁଡ଼ି ବିଧି ପାଳନ କରିବା ପରେ ଶାବରିମାଳା ଅଭିମୁଖେ ଯାତ୍ରା କରିଛନ୍ତି। ସର୍ବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପରିବାର ଲୋକେ ଦୀକ୍ଷିତଙ୍କୁ ଅନୁକୂଳ କରିଥିଲେ। ପୂଜାର୍ଚ୍ଚନା ସହ କେରଳସ୍ଥିତ ଶାବରିମାଳା ମନ୍ଦିରରେ ଆୟାପ୍ପା ସ୍ୱାମୀଙ୍କୁ ଅର୍ପଣ ପାଇଁ ଚାଉଳ, କଉଡ଼ି, ଘିଅ ଭର୍ତ୍ତି ନଡ଼ିଆ, ଦକ୍ଷିଣା, ବସ୍ତ୍ର ଆଦି ପ୍ରଦାନ କରିଥିଲେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ଦୀକ୍ଷିତ ଉଗେନ୍ଦ୍ର, ରମେଶ, ସାଇମୋହନ, ରଘୁନାଥ, ଜୟପୁରିଆ, ସନ୍ତୋଷ, ଗଙ୍ଗା, ପରମେଶ, ଗଣେଶ, ସତୀ ବାବୁ, ନାଗେଶ ପ୍ରମୁଖ କେରଳ ଅଭିମୁଖେ ବାହାରିଥିଲେ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ୪୦ ଏକର ଜମିପଟ୍ଟା

ଜୟପୁର,୧୮।୧୧(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସକୁ ବ୍ଲକ୍ ଅଧୀନ ରଣ୍ଡାପାଲିରେ ଚିହ୍ନଟ ହୋଇଥିବା ୪୦ ଏକର ଜମିର ପଟ୍ଟା ପ୍ରଦାନ କରାଯାଇଛି। ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ ରେଜିଷ୍ଟ୍ରାର ମହେଶ୍ୱର ନାୟକଙ୍କୁ ପ୍ରଦାନ କରିଛନ୍ତି। ତୁରନ୍ତ ଜମି ଦେବା ପାଇଁ ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନୀପତି ବିଧାନସଭାରେ ଦାବି କରିଥିଲେ । ରଣ୍ଡାପାଲି ମୌଜାରେ ୪୦ ଏକର ରାଜସ୍ୱ ବିଭାଗ ଜମି ବିଶ୍ୱବିଦ୍ୟାଳୟ ନୂଆ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ଚିହ୍ନଟ କରାଯାଇଥିଲା। ଅଗଷ୍ଟ ୩୦ରେ ଜିଲା ପ୍ରଶାସନ ଓ ରାଜସ୍ୱ ବିଭାଗ ପକ୍ଷରୁ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କୁ ଏହି ଜମି ହସ୍ତାନ୍ତର ବାବଦରେ ଚିଠି କରାଯାଇଥିଲା। ରାଜସ୍ୱ ବିଭାଗ ଅଧୀନରୁ ଏହା ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗକୁ ଯାଇଥିଲା। ହସ୍ତାନ୍ତର ବାବଦ ମାମଲା ରେକର୍ଡ ସହ ଆର୍‌ଏମ୍‌ସି ରେଭେନ୍ୟୁ ମନିଟରିଂ ସେଲ୍ ରିପୋର୍ଟ ଦାଖଲ କରାଯାଇଥିଲା। ବର୍ତ୍ତମାନ ଜମି ବିଶ୍ୱବିଦ୍ୟାଳୟ ନାମରେ ପଞ୍ଜୀକରଣ ହେବା ପରେ ନୂଆ କ୍ୟାମ୍ପସ ପ୍ରତିଷ୍ଠା କାମ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

# ପ୍ରଶାସନର ଜୀବନଜୀବିକା ସମ୍ପର୍କ ମେଳା

ପଟ୍ଟାଙ୍ଗି,୧୮।୧୧(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତରେ ଜିଲା ସମ୍ପତି ଆଦିବାସୀ ଉନ୍ନୟନ ବିଭାଗ, ଜିଲା ଓ ବ୍ଲକ୍ ପ୍ରଶାସନ ମିଳିତ ସହଯୋଗରେ ଆନ୍ଧ୍ର ସୀମାନ୍ତ ଫାଟୁସିନେରୀ ଗ୍ରାମରେ ଜୀବନଜୀବିକା ସମ୍ପର୍କିତ ମେଳା ଆୟୋଜନ କରି ସୀମାନ୍ତବାସୀଙ୍କୁ ମଙ୍ଗଳବାର ସଚେତନତା କରାଯାଇଛି। ସୂଚନା ମୁତାବକ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ପରାମର୍ଶ କ୍ରମେ ମେଳା ଦ୍ୱାରା ସୀମାନ୍ତବାସୀଙ୍କୁ ଏକତ୍ର କରି ଓଡ଼ିଶା ସରକାରଙ୍କ ପକ୍ଷରୁ ଜୀବନଜୀବିକା ନିର୍ବାହ ପାଇଁ ଯୋଗାଇ ଦିଆଯାଇଥିବା ସହାୟତା ନେଇ ମହିଳାମାନଙ୍କୁ ବୁଝାଇଥିଲେ। ସୂଚନା ଅନୁସାରେ କୋଟିଆ ସୀମାନ୍ତ ଗ୍ରାମଗୁଡ଼ିକରେ ଚାଷୀଙ୍କ ଦ୍ୱାରା ହେଉଥିବା ମାଣ୍ଡିଆ, ସୁଆଁ, କାଙ୍ଗୁ, ଧାନ, ହଳଦୀ, ଡଙ୍ଗରାଣୀ, ମକା ଓ ମହୁ ଆଦି ଶସ୍ୟ ଅମଳ ପରେ ଏହାର ଲାଭ ଉଠାଇ ରୋଜଗାର କ୍ଷମ ହୋଇପାରିବା ନେଇ ବିଭାଗର ସତ୍ୟରଞ୍ଜନ ମହାନ୍ତି ବୁଝାଇଥିଲେ। ମାଣ୍ଡିଆରୁ ଲଡୁ ଓ ବିଭିନ୍ନ ପୃଷ୍ଟିକର ଖାଦ୍ୟ ଯଥା ସୁପ୍, ଚା ଓ ବିସ୍କୁଟ୍ ଆଦି ଖାଦ୍ୟ ପ୍ରସ୍ତୁତ କରି ବଜାରରେ ବିକ୍ରି କରିପାରିବା ବୋଲି କହିଥିଲେ। ମକାରୁ ଖାଦ୍ୟ ପ୍ରସ୍ତୁତ କରିପାରିବା ନେଇ ବୁଝାଇ ଏଥିପାଇଁ ସରକାରଙ୍କ ପକ୍ଷରୁ ତାଲିମ୍ ସହ ଆର୍ଥିକ ସହାୟତା ବ୍ୟବସ୍ଥା ଥିବା କୁହାଯାଇଛି। କାର୍ଯ୍ୟକ୍ରମ ପିଏ ଆଟିଡିଏ ସ୍ନେହପ୍ରଭା ମାଝୀ, ସରପଞ୍ଚ ଲିଉ ଗେମେଲ୍, ବିଡିଓ ରାମକ୍ରିଷ୍ଣା ନାୟକ, ଏଇଇ ଅଜୟ ରାମ ତରାଇ, ପିଇଓ କଣ୍ଡା ଗୋଲରି, ମିଶନଶକ୍ତି ବିଭାଗର ବିକ୍ରମ କେଶରୀ ବାରିକ୍ ପ୍ରମୁଖ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରକାଶ ଯେ, କିଛି ଦିନ ତଳେ ଆନ୍ଧ୍ର ପକ୍ଷରୁ ସୀମାନ୍ତ ଗ୍ରାମରେ ଆଦିବାସୀ ମେଳା କରାଯିବା ପରେ ଜିଲା ଓ ବ୍ଲକ୍ ପ୍ରଶାସନ ତତ୍ପରତା ଦେଖିବାକୁ ମିଳିଛି।

# ୱାର୍ଡସଭ୍ୟଙ୍କ ଅଜାଣତରେ ଦସ୍ତଖତ ଯାଞ୍ଚ ଅଭିଯୋଗ

## ବାଲଡା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଘଟଣା

ନନ୍ଦପୁର,୧୮।୧୧(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବାଲଡ଼ା ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପରେ ୮ ୱାର୍ଡସଭ୍ୟଙ୍କ ଅଜାଣତରେ ଦସ୍ତଖତ ଯାଞ୍ଚ ପ୍ରକ୍ରିୟା ହୋଇଥିବା ଅଭିଯୋଗ ହୋଇଛି। ସେମାନଙ୍କ ଅଜାଣତରେ ପଞ୍ଚାୟତ କାର୍ଯ୍ୟାଳୟରେ ଉପଖଣ୍ଡ ସ୍ତରୀୟ ପଞ୍ଚାୟତ ଅଧିକାରୀ(ଏସଡିପିଓ) ଓ ପଞ୍ଚାୟତ ପିଇଓ ଦସ୍ତଖତ ଯାଞ୍ଚ କରୁଥିବା ୱାର୍ଡସଭ୍ୟ ରାମା ଶୀସା, ରୁକ୍ମଣୀ ହନ୍ତାଳ, ପାର୍ବତୀ ଆର୍ଲାବ, ଆଦୂ ଖିଲ, ମୁନା ଯାନମ, ଚକ୍ରଧର ଖରା, ବଇଦେହୀ ଖିଲ ଓ ସିଧେସ ଜାନମ୍ ପ୍ରମୁଖ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଅନାସ୍ଥା ପ୍ରସ୍ତାବ ଆଗତ ପରେ ଗତ ୧୩ ତାରିଖରେ କୋରାପୁଟ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଦସ୍ତଖତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ମିଳିଥିଲା। କିନ୍ତୁ ପଞ୍ଚାୟତ ପିଇଓଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିବା କୁହାଯାଇଛି। ଜଣେ ଓକିଲଙ୍କଠାରୁ ସୂଚନା ପାଇ ୧୩ ତାରିଖରେ ସମସ୍ତେ ଦିନତମାମ ପଞ୍ଚାୟତ କାର୍ଯ୍ୟାଳୟରେ ଅପେକ୍ଷା କରିଥିଲୁ। ଯାଞ୍ଚ ପାଇଁ କୌଣସି ଅଧିକାରୀ ଆସି ନ ଥିବାରୁ ବାଧ ହୋଇ ସମସ୍ତ ୱାର୍ଡସଭ୍ୟ ମିଳିତ ହୋଇ କୋରାପୁଟ ଜିଲାପାଳ ଓ ଉପଜିଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ଉପଜିଲାପାଳ ପୁନର୍ବାର ସମସ୍ତଙ୍କୁ ନୋଟିସ ଦେଇ ଦସ୍ତଖତ ଯାଞ୍ଚ କରାଯିବ ବୋଲି କହିଥିଲେ। ଅପେକ୍ଷାରେ ଥିବା ବେଳେ ମଙ୍ଗଳବାର ଉପଖଣ୍ଡ ପଞ୍ଚାୟତ ଅଧିକାରୀ ପିଇଓ ଏବଂ ବ୍ଲକ ଜିପିଡିଓ ପହଞ୍ଚି ପଞ୍ଚାୟତରେ ସରପଞ୍ଚ ଓ ସେମାନଙ୍କ ସପକ୍ଷରେ ଥିବା ୩ ୱାର୍ଡସଭ୍ୟ ବସି ଆଲୋଚନା କରୁଥିବା ଜାଣି କିଛି ୱାର୍ଡସଭ୍ୟ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଦସ୍ତଖତ ଯାଞ୍ଚ ହେଉଥିବା ଦେଖିଥିଲେ। ସରପଞ୍ଚଙ୍କ ସପକ୍ଷରେ ଉକ୍ତ ୱାର୍ଡ ସଭ୍ୟମାନେ ଲିଖିତ ଆକାରରେ ଦେଉଥିବା ଦେଖିଥିଲେ। ବାହାରକୁ ଆସି ଅନ୍ୟ ୱାର୍ଡସଭ୍ୟମାନଙ୍କୁ ସୂଚନା ଦେବା ପରେ ସମସ୍ତ ଅଧିକାରୀ ପଞ୍ଚାୟତ କାନ୍ଥରେ ଏକ ପୁରୁଣା ନୋଟିସ ମାରି ଚାଲି ଯାଇଥିବା ୱାର୍ଡସଭ୍ୟମାନେ କହିଛନ୍ତି। ବ୍ଲକ ଓ ଜିଲା ପ୍ରଶାସନ ସେମାନଙ୍କ ପ୍ରତି ଅନ୍ୟାୟ କରୁଥିବା ୱାର୍ଡସଭ୍ୟମାନେ ଅଭିଯୋଗ କରିଛନ୍ତି। ଆଗତ ଅନାସ୍ଥା ପ୍ରସ୍ତାବକୁ ରଦ୍ଦ କରିବା ଚକ୍ରାନ୍ତ ଚାଲିଥିବା ଓ ଏହାକୁ ପ୍ରତିବାଦ କରାଯିବ ବୋଲି କହିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ୱାର୍ଡସଭ୍ୟ ମିଳିତ ହୋଇ ଅନଶନରେ ବସିବୁ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କୋରାପୁଟ ଉପଜିଲାପାଳ ଯାଞ୍ଚ ପାଇଁ ନିଯୁକ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପ୍ରତିକ୍ରିୟା ମିଳିନାହିଁ। ବିଡିଓ ଦୁର୍ଗା ପ୍ରସାଦ ଦୋରା କହିଛନ୍ତି, ଉପଜିଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୨/୨୦୨୫ ତା.୧୫।୧୧।୨୦୨୫ ପଞ୍ଚାୟତର ୱାର୍ଡସଭ୍ୟମାନଙ୍କୁ ନୋଟିସ କରି ଯାଞ୍ଚ ପ୍ରକ୍ରିୟାରେ ଭାଗ ନେବାକୁ ପିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ପିଇଓ କାର୍ଯ୍ୟକାରୀ କରିଥିବେ ବୋଲି ସେ କହିଛନ୍ତି। ଦସ୍ତଖତ ଯାଞ୍ଚ ପାଇଁ ଆସିଥିବା ଅଧିକାରୀ ଉପଜିଲାପାଳଙ୍କୁ ଯାଞ୍ଚ ରିପୋର୍ଟ ଦେବା ପରେ ଘଟଣା ସମ୍ପର୍କରେ ସବିଶେଷ ସୂଚନା ମିଳିବ। ନିର୍ଦ୍ଦେଶ ଅନୁଯାୟୀ ଆଗକୁ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ଦେଇଛନ୍ତି।



ଅଭିଯୋଗ ଆଣିଥିବା ୱାର୍ଡସଭ୍ୟମାନେ।


DSPL - 357

ATTENTION: ALL REGISTERED AND UNREGISTERED PERSONS IN METAL SCRAPS

NATION TAX MARKET

COMPLIANCE UNDER GST – TDS DEDUCTIONS AND RCM

| Purchase from Unregistered Persons attracts GST @18% under Reverse Charge Mechanism(RCM) | Purchase from Registered Persons attracts TDS @ 2% |
| --- | --- |
| (Notification No. 06/2024-Central Tax (Rate), dated 08.10.2024 with matching State Tax Notification No. 29670, dated 25.10.2024) | (Notification No. 25/2024-Central Tax, dated 09.10.2024 with matching State Tax Notification No. 29678, dated 25.10.2024) |

*The Commissionerate of CT & GST, Odisha is keeping a close watch on compliance with GST TDS and RCM Mechanisms.

** The above information is for general guidance. For details please refer to the notification available on the Finance Department website https://finance.odisha.gov.in and www.cbic.gov.in

COMMISSIONERATE OF CT & GST, ODISHA

@Banijyakar

OIPR:

# ୧୦ ଅଭିଯୁକ୍ତଙ୍କ ନାମରେ ଚାର୍ଜଶିଟ୍ ଦାଖଲକଲା ଏନ୍ଆଇଏ

**ବାଂଲାଦେଶୀ ନାବାଳିକାଙ୍କୁ ଅନୈତିକ କାର୍ଯ୍ୟରେ ଲଗାଇବା ମାମଲା**

**ପୂର୍ବରୁ ୬ ଜଣଙ୍କ ବିରୋଧରେ ୨ ଚାର୍ଜଶିଟ୍ ଦାଖଲ କରିଥିଲା ପୋଲିସ**

ଭୁବନେଶ୍ୱର, ୧୮।୧୧ (ତ୍ରିନାଥ ମହାନ୍ତି)

ବାଂଲାଦେଶୀ ନାବାଳିକାଙ୍କୁ ଚାକିରି ପ୍ରଲୋଭନ ଦେଖାଇ ଅନୈତିକ କାର୍ଯ୍ୟରେ ଲିପ୍ତ କରିବା ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ମଙ୍ଗଳବାର ଚାର୍ଜଶିଟ୍ ଦାଖଲ କରିଛି। ଖୋର୍ଦ୍ଧା ଜିଲା ଦୌରାଜଜ୍ କୋର୍ଟରେ ୧୦ଜଣ ଅଭିଯୁକ୍ତଙ୍କ ବିରୋଧରେ ୩୪୨ ପୃଷ୍ଠାର ଏହି ଚାର୍ଜଶିଟ ଦାଖଲ କରାଯାଇଛି। ଏଥିରେ ଅଭିଯୁକ୍ତଙ୍କ ବିରୋଧରେ ଏନ୍ଆଇଏ ହାସଲ କରିଥିବା ପ୍ରମାଣ, ପୀଡିତାଙ୍କ ବୟାନ ରେକର୍ଡ ଏବଂ ସାକ୍ଷୀଙ୍କ ମତ ରହିଛି। ତେବେ ଖୁବ୍ଶୀଘ୍ର ଏହାର ଚାର୍ଜଫ୍ରେମ କରାଯିବ ଓ ଏହାପରେ ମାମଲାର ଶୁଣାଣି ଏନ୍ଆଇଏ କୋର୍ଟରେ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

ଅଭିଯୁକ୍ତମାନେ ନାବାଳିକାଙ୍କ ପରିବାର ଲୋକଙ୍କୁ ଆର୍ଥିକ ଲୋଭ ଓ ଚାକିରି ପ୍ରଲୋଭନ ଦେଖାଇ ତାଙ୍କୁ ସୀମାପାର କରାଇ ଭୁବନେଶ୍ୱର ଆଣିଥିଲେ। ତଦନ୍ତ ସମୟରେ ଏନ୍ଆଇଏ ଏହା ଜାଣିବା ସହ ମାନବ ଚାଲାଣ ର୍ୟାକେଟ ସମ୍ପର୍କରେ ଅନେକ ତଥ୍ୟ ହାସଲ କରିଛି। ପୋଲିସ ଆରମ୍ଭରୁ ପୋକ୍ସୋ କୋର୍ଟରେ ୬ ଜଣ ଅଭିଯୁକ୍ତଙ୍କ ବିରୋଧରେ ୨ଟି ଚାର୍ଜଶିଟ ଦାଖଲ କରିଥିଲା। ପ୍ରମାଣ ହସ୍ତଗତ ହେଲା ପରେ ଏନ୍ଆଇଏ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢାଉ କରି ଦୁଇ ଜଣଙ୍କୁ ଗିରଫ କରିଥିଲା। ଏଥିସହ ଅଭିଯୁକ୍ତମାନଙ୍କର ବିଭିନ୍ନ ସୋସିଆଲ ମିଡିଆ ଆକାଉଣ୍ଟ ଏବଂ ଆର୍ଥିକ ନେଣଦେଣ ସମ୍ପର୍କିତ ତଥ୍ୟ ହାସଲ କରିଛି। ଅନ୍ୟ ଏକ ମାମଲାରେ ଏନ୍ଆଇଏ ଆନ୍ତଃରାଜ୍ୟ ମାଷ୍ଟରମାଇଣ୍ଡ ବିରୋଧରେ ଚାର୍ଜଶିଟ ଦାଖଲ କରିଛି, ଯାହାଙ୍କର ପାକିସ୍ତାନରୁ ପରିଚାଳିତ ସଂସ୍ଥା ସହିତ ସମ୍ପର୍କ ରହିଥିବା ଜଣାପଡିଛି। ସୂଚନାଯୋଗ୍ୟ, ରାଜଧାନୀକୁ ନାବାଳିକାଙ୍କୁ ଆଣିବା ପଛରେ ପଶ୍ଚିମବଙ୍ଗରେ ମାନବ ଚାଲାଣ ର୍ୟାକେଟ କାମ କରୁଛି। ଚାକିରି ଲୋଭ ଦେଖାଇ ବାଂଲାଦେଶୀ ନାବାଳିକାଙ୍କୁ ସୀମା ପାର କରାଇ ପ୍ରଥମେ ପଶ୍ଚିମବଙ୍ଗ ଆଣୁଛନ୍ତି। ସେଠାରେ ସେମାନଙ୍କର ଫେକ୍ ଆଧାରକାର୍ଡ ପ୍ରସ୍ତୁତ କରାଯିବା ପରେ ଭୁବନେଶ୍ୱର ଚାଲାଣ କରାଯାଉଛି। ଏଠାରେ ଏକାଧିକ ବାର୍ ଓ ପାର୍ଲରରେ ରଖାଯାଇ ଅନୈତିକ କାର୍ଯ୍ୟରେ ଲିପ୍ତ କରାଯାଉଛି।

# ସାଇବର ଠକେଇ, ୧୦ ଗିରଫ

- ୪୧ ଏଟିଏମ୍ କାର୍ଡ, ପାସ୍ବୁକ୍, ମୋବାଇଲ, ଗାଡ଼ି ଜବତ
- ୨ ନାବାଳକଙ୍କୁ କୋର୍ଟରେ ହାଜର

ଝାରସୁଗୁଡ଼ା, ୧୮।୧୧ (ଆଶିଷ ରଞ୍ଜନ ଦାଶ)

ସାଇବର ଠକେଇ ଘଟଣାରେ ଝାରସୁଗୁଡ଼ା ଟାଉନ୍ ଥାନା ପୋଲିସ ଏକ ଗ୍ୟାଙ୍ଗର ୧୨ ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୨ ଜଣ ନାବାଳକଙ୍କୁ ଝାରସୁଗୁଡ଼ା ଜିଲା କୋର୍ଟରେ ହାଜର କରିଛି। ଗିରଫ ଅଭିଯୁକ୍ତ ହେଲେ ଝାରସୁଗୁଡ଼ା ଜିଲା ଚୌକିପଡ଼ାର ସୋନୁ ମଣ୍ଡଳ(୨୩), ଶୁଭମ୍ ପ୍ରସାଦ(୨୧), ଯୁଗଳ ବଗିଚାର ଶିବମ୍ ସାହୁ(୨୦), ବଙ୍ଗାଳିପଡ଼ାର ଅଭୟ ଘୋଷ(୨୦), କକ୍ସ କଲୋନିର ସମୀର ସୁନା(୨୦), ସରବାହାଲ ଅଞ୍ଚଳର ଏମ୍. ଜଗଦୀଶ୍ୱର ରାଓ(୧୯), ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ବଡେମୁରା ଅଞ୍ଚଳର ନରେଶ ବାଗ(୨୫), ଧୀରଜ ଗର୍ଡିଆ(୧୯), ଯୋଗେଶ୍ୱର ଚାନ୍ଦ(୨୪) ଏବଂ ରାଉରକେଲାର ଅଭିରାଜ ସା(୧୯)। ସେମାନଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କ୍ର ୬୧ରୁ ଅଧିକ ପାସ୍ବୁକ୍, ୪୧ଟି ଏଟିଏମ୍ କାର୍ଡ, ୧୯ଟି ମୋବାଇଲ, ଏକ ସ୍କୁଟର ସହ ଗୋଟିଏ କାର ଜବତ କରାଯାଇଛି।



ଖବରଦାତା ସମ୍ମିଳନୀରେ ଏସ୍ପି ସୂଚନା ଦେଉଛନ୍ତି।

ଏହି ଘଟଣାର ଚେର ଝାରସୁଗୁଡ଼ାରୁ ଜାମତରା, ବିହାର ଓ ରାଜସ୍ଥାନକୁ ଲମ୍ବିଛି। ଆଗାମୀ ଦିନରେ ଆହୁରି ଅଧିକ ଅଭିଯୁକ୍ତ ଗିରଫ ହୋଇପାରନ୍ତି ବୋଲି ମଙ୍ଗଳବାର ଅପରାହ୍ନରେ ଟାଉନ୍ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଏସ୍ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ଏସ୍ପିଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଜାମତରା, ବିହାର ଓ ରାଜସ୍ଥାନ ଆଦି ଅଞ୍ଚଳର ଏକାଧିକ ସାଇବର ଠକେଇ ଗ୍ୟାଙ୍ଗ୍ ପାଇଁ କାମ କରୁଥିଲେ। ଗେମିଂରୁ ଅର୍ଥ ମିଳିବ ବୋଲି କହି ନିରୀହ ଲୋକଙ୍କୁ ସେମାନେ ଟାର୍ଗେଟ କରୁଥିଲେ। ଲୋକଙ୍କ ନାଁରେ ବ୍ୟାଙ୍କରେ ପାସ୍ବୁକ୍ ଖୋଲାଇବା ପରେ ବ୍ୟାଙ୍କ ଆକାଉଣ୍ଟ ଓ ସିମ୍କାର୍ଡ ଡିଟେଲ୍ସ ବିହାର, ରାଜସ୍ଥାନ, ଝାଡ଼ଖଣ୍ଡରେ ଥିବା ସାଇବର ଗ୍ୟାଙ୍ଗ୍ର କାର୍ଯ୍ୟାଳୟକୁ ପଠାଇଥିଲେ। ସାଇବର ଠକେଇରୁ ମିଳିଥିବା ଟଙ୍କାକୁ ଝାରସୁଗୁଡ଼ାର ବିଭିନ୍ନ ଏଟିଏମ୍ରୁ ଉଠାଣ କରି ପୂର୍ବରୁ ପ୍ରସ୍ତୁତ ହୋଇ ରହୁଥିବା ଆକାଉଣ୍ଟ୍ରେ ଜମା କରୁଥିଲେ। ସାଇବର ଠକେଇ ଗ୍ୟାଙ୍ଗର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁସାରେ ସେମାନେ ଉକ୍ତ ଆକାଉଣ୍ଟରୁ ଟଙ୍କା ଉଠାଣ କରି ନିଜ ପାଖକୁ ଆଣୁଥିଲେ। ଏହି ଘଟଣାରେ ଝାରସୁଗୁଡ଼ା ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୫୭୬/୨୫) ରୁଜୁ କରିଥିଲା। ତୁରନ୍ତ ତଦନ୍ତ ଆରମ୍ଭ ହେବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ସୋମବାର ଅପରାହ୍ନରେ ଝାରସୁଗୁଡ଼ା ଟାଉନ୍ ଥାନା ଅଧୀନ ସରବାହାଲ ଅଞ୍ଚଳରେ ଅଭିଯୁକ୍ତମାନେ ଥିବା ପୋଲିସ ସୂଚନା ପାଇଥିଲା। ତୁରନ୍ତ ସେଠାରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା।

# ପୋଲିସକୁ ଧକ୍କାମାରି ଜବତ ଡମ୍ଫର ନେଇଗଲେ

- ଗୋଡ଼ାଇ ଧରିଲେ ଥାନା ଅଧିକାରୀ
- ରାସଗୋବିନ୍ଦପୁରରେ ବାଲି ଚୋରାଚାଲାଣକାରୀଙ୍କ ଦୌରାତ୍ମ୍ୟ

ମୋରଡ଼ା, ୧୮।୧୧ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଲଘୁ ଖଣିଜ ଦ୍ରବ୍ୟ ଚୋରା କାରବାର ବଢ଼ି ଚାଲିଛି। ପୋଲିସ ଏହା ଉପରେ ରୋକ୍ ଲଗାଇବାକୁ ଚେଷ୍ଟା କରୁଥିବା ବେଳେ ଚୋରାଚାଲାଣକାରୀଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ଏପରିକି ଜଣେ କନ୍ଷ୍ଟେବଲଙ୍କୁ ଧକ୍କାମାରି ଜବତ ୨ ଡମ୍ଫରକୁ ଚୋରା ଚାଲାଣକାରୀମାନେ ଛଡ଼ାଇ ନେଇଥିବାବେଳେ ଥାନା ଅଧିକାରୀ ଗୋଡ଼ାଇ ଗୋଡ଼ାଇ ସେହି ଡମ୍ଫରକୁ ଥାନାକୁ ଆଣିଥିବା କହିଛନ୍ତି।


ଜବତ ଡମ୍ଫରକୁ କ୍ରେନ୍ ସହାୟତାରେ ଥାନାକୁ ଅଣାଯାଉଛି।

ସୂଚନା ଅନୁଯାୟୀ, ସୋମବାର ରାସଗୋବିନ୍ଦପୁର ପୋଲିସ ୭ଟି ଡମ୍ଫର ଜବତ କରିଥିଲା। ୫ଟି ଡମ୍ଫରକୁ ଥାନାକୁ ଆଣିଥିଲାବେଳେ ଅବଶିଷ୍ଟ ୨ଟି ଡମ୍ଫର ସ୍ଥାନୀୟ ମୂଷାମାରୀସ୍ଥିତ ପେଟ୍ରୋଲ ପମ୍ପରେ ରଖିଥିଲା। ସୋମବାର ରାତିରେ ଜବତ ୨ ଡମ୍ଫରକୁ ଜଣେ କନ୍ଷ୍ଟେବଲ ଜଗି ରହିଥିଲେ। ରାତି ପ୍ରାୟ ୯ଟା ୩୦ମିନିଟ୍ ସମୟରେ ଏକ କାର୍ରେ କେତେଜଣ ଲୋକ ଆସି କନ୍ଷ୍ଟେବଲଙ୍କୁ ଧକ୍କାମାରି ସେଠାରୁ ଜବତ ୨ ଡମ୍ଫରକୁ ନେଇ ପଳାଇଥିଲେ। ଖବରପାଇ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ନିଜ ଟିମ୍ ସହ ପିଛାକରି ଉକ୍ତ ୨ ଡମ୍ଫରକୁ ବାଛୁରୀପାଳ ଛକ ନିକଟରେ ଅଟକାଇ କ୍ରେନ୍ ସାହାଯ୍ୟରେ ପୁଣି ଥାନାକୁ ଆଣିଥିଲେ। ଡମ୍ଫରକୁ ଏସ୍କର୍ଟ ଦେଉଥିବା କାର୍ ଏବଂ ଡ୍ରାଇଭର ଫେରାର ହୋଇଯାଇଥିବା ସୂଚନା ମିଳିଛି।

# ଗୋଟିଏ ପରିବାରର ୫ ଜଣଙ୍କୁ ଆଜୀବନ କାରାଦଣ୍ଡ

**୧୧ ବର୍ଷ ପରେ ହତ୍ୟା ମାମଲାର ରାୟ ପ୍ରକାଶ**

ରାୟଗଡ଼ା, ୧୮।୧୧ (ଆଶିଷ ରଞ୍ଜନ ପଣ୍ଡା)

ଦୀର୍ଘ ୧୧ ବର୍ଷ ପରେ ରାୟଗଡ଼ା ସହର ବୁଢୁରାବାଲସା ସାହିରେ ହୋଇଥିବା ବହୁଚର୍ଚ୍ଚିତ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ରାୟଗଡ଼ା ଜିଲା ଦୌରାଜଜ୍ ସତ୍ୟନାରାୟଣ ଷଡ଼ଙ୍ଗୀ ମଙ୍ଗଳବାର ଏହି ମାମଲାର ଶୁଣାଣିକରି ଗୋଟିଏ ପରିବାରର ୫ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଲେଖାଏ ଜରିମାନା ରାୟ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଜଜ୍ ୧ ବର୍ଷ ଅତିରିକ୍ତ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ଦଣ୍ଡାଦେଶ ପାଇଥିବା ୫ ଅଭିଯୁକ୍ତ ହେଲେ ରାୟଗଡ଼ା ସହର ବୁଢୁରାବାଲସା ଅଞ୍ଚଳର ପି. ସୁରିଆ ରାଓ, ପି. ଶଙ୍କର ରାଓ, ପି. ଶ୍ରୀନୁ, ପି. ତ୍ରିନାଥ ରାଓ ଏବଂ ପି. ସତ୍ୟମ୍।

ସୂଚନା ଅନୁଯାୟୀ, ୨୦୧୪ ଅଗଷ୍ଟ ୯ରେ ବୁଢୁରାବାଲସା ସାହିର କେ.ଆପଲାନାରାୟଣାଙ୍କୁ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସେଠାରେ ଉପସ୍ଥିତ ଥିବା ଗୌରୀବାବୁ ଆପଲାନାରାୟଣାଙ୍କୁ ରକ୍ଷାକରିବା ସମୟରେ ଅଭିଯୁକ୍ତ ସୁରିୟା ଗୌରୀଙ୍କୁ ଆକ୍ରମଣ କରିବାରୁ ସେ ମଧ୍ୟ ଆହତ ହୋଇଥିଲେ । ଏହି ସମୟରେ ସାହି ଲୋକେ ଆସିଯିବାରୁ ସମସ୍ତେ ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଆପଲାନାରାୟଣା ଓ ଗୌରୀଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଆପଲାନାରାୟଣା ଗୁରୁତର ଥିବାରୁ ତାଙ୍କୁ ବିଜୟନଗରମ୍ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସାହିରେ ମଖିଘରିଆଣୀ ପୂଜା ଓ ଯାତ୍ରାକୁ ନେଇ ଏହି କାଣ୍ଡ ଘଟିଥିବା ମୃତ ଆପଲାନାରାୟଣାଙ୍କ ଭାଇ ଏ. ରାବଣା ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏନେଇ ରାୟଗଡ଼ା ଥାନାରେ କେସ୍ ନଂ. ୧୬୧/୨୦୧୪ରେ ମାମଲା ରୁଜୁକରି ଘଟଣାର ତଦନ୍ତ ପରେ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲା ସରକାରୀ ଓକିଲ ବିକ୍ରମ କୁମାର କୁଣ୍ଡୁ ପରିଚାଳନା କରୁଥିଲେ।

# ନାବାଳିକା ବଳାତ୍କାର ମାମଲା: ଓଏପିଏଫ୍ ଯବାନଙ୍କୁ ୧୦ ବର୍ଷ ଜେଲ

ଫୁଲବାଣୀ, ୧୮।୧୧ (ରାକେଶ କୁମାର ରାଉତ)

ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟ ବିଚାରପତି କୈଳାଶ ଚନ୍ଦ୍ର ସ୍ୱାଇଁ ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୬ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟେ ଅଧିକ ୧ ବର୍ଷ ୬ ମାସ ୧୫ ଦିନ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ସାରଙ୍ଗଡ଼ ଥାନା କପୁଗୁଡ଼ା ଗ୍ରାମର ଗୌତମ ପ୍ରଧାନ(୪୩)। ସେ ଖୋର୍ଦ୍ଧା ଜିଲା ନାଭାଲ ଫାଣ୍ଡିରେ ଓଏପିଏଫ୍ ଯବାନ ଭାବେ କାର୍ଯ୍ୟରତ ଅଛନ୍ତି।

୨୦୧୧ରେ ନାବାଳିକା ଜଣଙ୍କ ନବମ ଶ୍ରେଣୀରେ ପଢୁଥିବା ବେଳେ ଅଭିଯୁକ୍ତ ଗୌତମ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ପୀଡିତା ରାଇକିଆ କଲେଜରେ ପଢ଼ିବା ବେଳେ ମଧ ବିବାହ ପ୍ରଲୋଭନ ଦେଖାଇ ବିଭିନ୍ନ ସ୍ଥାନରେ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ବିବାହ ପାଇଁ ପୀଡ଼ିତା ବାରମ୍ବାର କହିବା ସତ୍ତ୍ୱେ ଗୌତମ ବିଭିନ୍ନ ବାହାନା କରି ରାଜି ହେଉ ନ ଥିଲେ। ୨୦୨୨ ଜୁଲାଇ ୧୩ ତାରିଖରେ ପୀଡିତା ଏ ନେଇ ସାରଙ୍ଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୯/୨୨ରେ ମାମଲା ରୁଜୁ କରି ଗୌତମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ୨୦ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟ ଆଧାରରେ ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## BUSINESS

# ସିମେଣ୍ଟ ପରିବହନ ଶୁଳ୍କ ହ୍ରାସକଲା ରେଳପଥ

**ପୂରଣ ହେବ ଗୃହ ନିର୍ମାଣ ସ୍ୱପ୍ନ**

ଭୁବନେଶ୍ୱର, ୧୮।୧୧ (ଅନୁରାଧା ମହାରଣା)

ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର କଣ୍ଟେନରରେ ବଲ୍କ ସିମେଣ୍ଟ ପରିବହନ ଶୁଳ୍କର ଯୁକ୍ତିଯୁକ୍ତକରଣ ଏବଂ ବଲ୍କ ସିମେଣ୍ଟ ଟର୍ମିନାଲ ପାଇଁ ନୀତି ଉନ୍ମୋଚନ କରିଛନ୍ତି। ନୂଆଦିଲ୍ଲୀର ରେଳ ଭବନରେ ନୀତି ଉନ୍ମୋଚନକରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହି ସଂସ୍କାରଗୁଡ଼ିକ ମଧ୍ୟବିତ୍ତ ଏବଂ ଗରିବ ପରିବାରଙ୍କ ସ୍ୱପ୍ନର ଘର ନିର୍ମାଣ କରିବା ସମୟରେ ସିମେଣ୍ଟର ମୂଲ୍ୟ ହ୍ରାସକରିବ। ନୂତନ ନୀତି ଅନୁଯାୟୀ, ଦୂରତା ଏବଂ ଓଜନ ସ୍ଲାବ୍ଗୁଡ଼ିକୁ ହଟାଇ ଦିଆଯାଇଛି। ଫ୍ଲାଟ୍ ଗ୍ରସ୍ ଟନ୍ ପ୍ରତି କିଲୋମିଟର ପ୍ରତି ଟନ୍ ୦.୯୦କୁ ନୂତନ ହାର ଯୁକ୍ତିଯୁକ୍ତ କରାଯାଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଟ୍ୟାଙ୍କ କଣ୍ଟେନର ବଲ୍କ ସିମେଣ୍ଟ ପରିବହନ ପାଇଁ ଏଣ୍ଡ୍ ଟୁ ଏଣ୍ଡ୍ ପ୍ରଦୂଷଣ ମୁକ୍ତ ଲଜିଷ୍ଟିକ୍ସ ସମାଧାନ ହେବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆମେରିକାକୁ ପଛରେ ପକାଇ ଭାରତ ଏବେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଲ ପରିବହନକାରୀ ହୋଇପାରିଛି। ରେଳ ନେଟ୍ୱାର୍କ ସମ୍ପ୍ରସାରଣ ଦିନକୁ ୪ କିଲୋମିଟର (୨୦୦୪-୧୪ ମଧ୍ୟରେ)ରୁ ଦିନକୁ ୧୨-୧୪ କିଲୋମିଟରକୁ ବୃଦ୍ଧି ପାଇଛି, ଯାହା ଏହାକୁ ୩ ଗୁଣ ଅଧିକ ଦ୍ରୁତ କରିଛି। ବ୍ରଡ୍-ଗେଜ୍ ରେଳ ନେଟ୍ୱର୍କ ବର୍ତ୍ତମାନ ପ୍ରାୟ ୧୦୦% ବିଦ୍ୟୁତୀକରଣ କରାଯାଇଛି। କେନ୍ଦ୍ର ମନ୍ତ୍ରୀ ଆହୁରି ମଧ କହିଛନ୍ତି, ସାରା ଦେଶରେ ବର୍ତ୍ତମାନ ୧,୩୦୦ରୁ ଅଧିକ ଅମୃତ ଷ୍ଟେଶନ ବିକଶିତ ହେଉଛି। ଟ୍ରେନର ମୋଟ ଟନେଜ (ଜିଟିକେଏମ୍) ଭାବରେ ଗଣନା କରାଯାଇଥିବା ପ୍ରକୃତ ଟନେଜ ଉପରେ ଆଧାରିତ ଚାର୍ଜ ପ୍ରଚଳନକରି



ନୂତନ ଶୁଳ୍କ ଗଠନକୁ ସରଳ ଏବଂ ଯୁକ୍ତିଯୁକ୍ତ କରାଯାଇଛି। ସଂଶୋଧିତ ବ୍ୟବସ୍ଥା ଅଧୀନରେ, ପ୍ରକୃତ ଦୂରତା ପାଇଁ ପ୍ରତି କିଲୋମିଟର ପିଛା ଟନ ୦.୯୦ ର ଏକ ଫ୍ଲାଟ୍ ହାରରେ ମାଲ ପରିବହନ ପାଇଁ ଚାର୍ଜ କରାଯାଏ। ଏହି ନୀତି ବଲ୍କ ସିମେଣ୍ଟ ପାଇଁ ଦକ୍ଷ ମଲ୍ଟିମୋଡାଲ, ଏଣ୍ଡ-ଟୁ-ଏଣ୍ଡ ଲଜିଷ୍ଟିକ୍ସକୁ ସମର୍ଥନ କରିବା ପାଇଁ ଟ୍ୟାଙ୍କ କଣ୍ଟେନର ବ୍ୟବହାରକୁ ପ୍ରୋତ୍ସାହିତ କରେ। ଏହାକୁ ଏପରି ଡିଜାଇନ କରାଯାଇଛି, ଯାହା ୨୬ ଟନ ପେଲୋଡ୍ କ୍ଷମତା ଏବଂ ୩୧ ଟନ ମୋଟ ଓଜନ ପ୍ରଦାନକରେ। ପ୍ରତ୍ୟେକ କଣ୍ଟେନର ମାତ୍ର ୨୫-୩୦ ମିନିଟ୍ ଲୋଡିଂ ଏବଂ ଅନ୍ଲୋଡିଂ ସମୟ ସହିତ ଦକ୍ଷ କାର୍ଯ୍ୟ କରିବାକୁ ଅନୁମତି ଦିଏ। ଏହାର ଡିଜାଇନ ଏହାକୁ ଟ୍ରେନ୍ରୁ ଟ୍ରେଲରକୁ ସହଜରେ ଏବଂ ଟ୍ରେନ୍କୁ ଫେରିବା - ଉତ୍ପାଦନ ସ୍ଥାନରୁ ବ୍ୟବହାର ସ୍ଥାନ ପର୍ଯ୍ୟନ୍ତ ସୁଗମ ବିତରଣକୁ ସକ୍ଷମ କରିଥାଏ। ଦକ୍ଷ ଲଜିଷ୍ଟିକ୍ସ ଆଡ଼କୁ ଏହି ପରିବର୍ତ୍ତନକୁ ଆହୁରି ସମର୍ଥନ କରିବା ପାଇଁ ଭାରତୀୟ ରେଳପଥ ବଲ୍କ ସିମେଣ୍ଟ ଟର୍ମିନାଲ ନୀତି ଅଧୀନରେ ଦେଶବ୍ୟାପୀ ବଲ୍କ ସିମେଣ୍ଟ ଟର୍ମିନାଲର ବିକାଶକୁ ସହଜ କରିବ, ଯାହା ସିମେଣ୍ଟର ସୁଗମ ପରିଚାଳନା, ସଂରକ୍ଷଣ ଏବଂ ବଣ୍ଟନକୁ ସକ୍ଷମ କରିବ। ଏହି ଟର୍ମିନାଲଗୁଡ଼ିକ ହପର୍, ସାଇଲୋସ, ବ୍ୟାଗିଂ ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ଭିତ୍ତିଭୂମି ଭଳି ଅତ୍ୟାବଶ୍ୟକ ସୁବିଧା ସହିତ ସଜ୍ଜିତ ହେବ ଯାହା ଦ୍ୱାରା ବଲ୍କ ସିମେଣ୍ଟର ଦକ୍ଷ ପରିଚାଳନା, ସଂରକ୍ଷଣ ଏବଂ ବଣ୍ଟନକୁ ସମର୍ଥନ କରାଯାଇପାରିବ। ଏହି ନୀତି ଅନେକ ପ୍ରମୁଖ ଲାଭ ପ୍ରଦାନକରେ, ଯେଉଁଥିରେ ସିମେଣ୍ଟ ପରିବହନ ଖର୍ଚ୍ଚରେ ଯଥେଷ୍ଟ ହ୍ରାସ ଏବଂ ସଡ଼କ ପରିବହନ ତୁଳନାରେ କାର୍ବନ ଫୁଟ୍ପ୍ରିଣ୍ଟ ଯଥେଷ୍ଟ କମ୍, ଯାହା ଦ୍ୱାରା ପରିବେଶଗତ ସ୍ଥିରତାକୁ ସମର୍ଥନକରେ ଏବଂ ରାସ୍ତାରେ ଭିଡ଼ ହ୍ରାସକରେ। ଏହାସହ ନିତି ଯାନ୍ତ୍ରିକ ଲୋଡିଂ ଏବଂ ଅନ୍ଲୋଡିଂ ମାଧ୍ୟମରେ ଦ୍ରୁତ ପରିବର୍ତ୍ତନ ସମୟ ସୁନିଶ୍ଚିତକରେ, ଯାହା ସିମେଣ୍ଟ ଲଜିଷ୍ଟିକ୍ସରେ ସାମଗ୍ରିକ ଦକ୍ଷତା ବୃଦ୍ଧିକରେ।

# ୪୫୦ ଶିକ୍ଷଣ ସହାୟତା କିଟ୍ ଦେଲା ବେଦାନ୍ତ

ଭୁବନେଶ୍ୱର, ୧୮।୧୧

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଜାମକାନି, ଘୋଘରପଲ୍ଲୀ ଏବଂ କୁରାଲୋଇ (ଏ) ଉତ୍ତର କୋଇଲା ଖଣି କାର୍ଯ୍ୟକ୍ଷମ ଅଞ୍ଚଳରେ ୪୦ଟି ଅଙ୍ଗନୱାଡି କେନ୍ଦ୍ରରେ ୪୫୦ରୁ ଅଧିକ ପିଲାଙ୍କୁ ଶିକ୍ଷଣ ସହାୟତା କିଟ୍ ପ୍ରଦାନକରି ପ୍ରାରମ୍ଭିକ ବାଲ୍ୟଶିକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ପ୍ରତ୍ୟେକ କିଟ୍ ଦୁଇଟି ଭାଷାରେ ରହିଛି, ଆକୃତି ପଜଲ, ନମ୍ବର କ୍ୟୁବ ଏବଂ ଖେଳ ଉପକରଣଗୁଡିକ ଅନ୍ତର୍ଭୁକ୍ତ ଯାହା କୌତୂହଳ ସୃଷ୍ଟିକରିବା, ଜ୍ଞାନାତ୍ମକ ଦକ୍ଷତା ନିର୍ମାଣ ଏବଂ ମୌଳିକ ଶିକ୍ଷାକୁ ସମର୍ଥନ କରିଥାଏ। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଆଜିର ପିଲାମାନେ କାଲିର ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରନ୍ତି ଏବଂ ସେମାନଙ୍କ ଅଭିବୃଦ୍ଧିରେ ନିବେଶ କରିବା ହେଉଛି ଆମ ଦେଶର ଭବିଷ୍ୟତରେ



ନିବେଶ କରିବା। ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ ବିକାଶ ପଦକ୍ଷେପଗୁଡ଼ିକରେ ଆମେ ପୋଷଣ ପରିବେଶ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ଯେଉଁଠାରେ ପିଲାମାନେ ଗୁଣାତ୍ମକ ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ ଏବଂ ଆତ୍ମ ଅଭିବ୍ୟକ୍ତିର ସୁଯୋଗ ମାଧ୍ୟମରେ ଉନ୍ନତି କରିପାରିବେ।

# ଅନ୍ତର୍ଜାତୀୟ ସେମିନାର ଆୟୋଜନ କରିବ ଜିଏସ୍ଆଇ

ଭୁବନେଶ୍ୱର, ୧୮।୧୧

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ଭୂତତ୍ତ୍ୱ ସର୍ଭେ ଅଫ୍ ଇଣ୍ଡିଆ (ଜିଏସ୍ଆଇ) ନିଜର ୧୭୫ ବର୍ଷର ରାଷ୍ଟ୍ରୀୟ ସେବା ପୂର୍ତ୍ତି ଉପଲକ୍ଷେ ନଭେମ୍ବର ୨୦ ଓ ୨୧ରେ 'ଅତୀତକୁ ଉନ୍ମୋଚନ କରିବା, ଭବିଷ୍ୟତକୁ ଗଠନ କରିବା: ଜିଏସ୍ଆଇର ୧୭୫ ବର୍ଷ' ଶୀର୍ଷକରେ ଏକ ଅନ୍ତର୍ଜାତୀୟ ସେମିନାର୍ ଆୟୋଜନ କରିବାକୁ ଯାଉଛି। ଉଦ୍ଘାଟନୀ ସମାରୋହରେ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିଶନ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହା ସହ କେନ୍ଦ୍ରୀୟ ଖଣି ମନ୍ତ୍ରଣାଳୟର ସଚିବ ପୀୟୂଷ ଗୋୟଲ ଏବଂ ରାଜସ୍ଥାନ ସରକାରର ଖଣି ଓ ପେଟ୍ରୋଲିୟମ ବିଭାଗର ପ୍ରଧାନ ସଚିବ ଟି. ରବିକାନ୍ତ ଉପସ୍ଥିତ ରହିବେ। ଜିଏସ୍ଆଇର ଡାଇରେକ୍ଟର ଜେନେରାଲ ତଥା ପାତ୍ରନ ଆସିତ୍ ସାହା ଏବଂ ଅତିରିକ୍ତ ଡାଇରେକ୍ଟର ଜେନେରାଲ ତଥା ପଶ୍ଚିମାଞ୍ଚଳର ମୁଖ୍ୟ ତଥା ସେମିନାରର ଅଧକ୍ଷ ବିଜୟ ଭି. ମୁଗଲ ଏହି ସେମିନାରର ନେତୃତ୍ୱ ନେବେ। ଏହାସହ ବରିଷ୍ଠ ଅଧିକାରୀମାନେ ପ୍ରତିଷ୍ଠିତ ଭୂତତ୍ତ୍ୱବିତ୍ ଏବଂ ଭାରତ ତଥା ବିଦେଶରୁ ଆସିଥିବା ପ୍ରତିନିଧିମାନେ ଯୋଗଦେବେ। ଏହି ଅନ୍ତର୍ଜାତୀୟ ସେମିନାର ଭାରତ ଏବଂ ବିଦେଶରୁ ବିଶେଷଜ୍ଞମାନଙ୍କୁ ଏକତ୍ରିତକରି ଉଭାବକ ଚ୍ୟାଲେଞ୍ଜ, ପ୍ରଯୁକ୍ତିବିଦ୍ୟା ଅଗ୍ରଗତି ଏବଂ ଭୂବିଜ୍ଞାନର ଭବିଷ୍ୟତ ଦିଗକୁ ଆଲୋଚନା କରିବ। ୯ଟି ପ୍ଲେନାରି ବକ୍ତବ୍ୟ, ୧୯ଟି ବିଶେଷ ବକ୍ତବ୍ୟ ଏବଂ ୧୧ଟି ବିଷୟଭିତ୍ତିକ କ୍ଷେତ୍ରରେ ୩୦୦ରୁ ଅଧିକ ବୈଜ୍ଞାନିକ ଏବଂ ପୋଷ୍ଟର୍ ପ୍ରେଜେଣ୍ଟେଶନ ରହିଛି। ଏହାସହ ଏକ ପ୍ରଦର୍ଶନୀରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଜିଓସ୍ପେଶିଆଲ ଟୁଲ୍ସ ଏବଂ ନୂତନ ସମାଧାନଗୁଡ଼ିକର ପ୍ରଦର୍ଶନ ହେବ। ଆଇଆଇଟି ବମ୍ବେ ଏବଂ ଆଇଆଇଟି ଖଡ଼ଗପୁର ସହ ଏମ୍ଓୟୁ ସ୍ୱାକ୍ଷର କରାଯିବ, ଯାହା ସୀମାବଦ୍ଧ ଭୂବିଜ୍ଞାନ ଅନୁସନ୍ଧାନ ଏବଂ କ୍ଷମତା ନିର୍ମାଣରେ ସହଯୋଗକୁ ମଜଭୁତ କରିବ।

# ଭୁବନେଶ୍ୱରରେ ନୋଭା ଆଇଭିଏଫ୍ ଫର୍ଟିଲିଟି କେନ୍ଦ୍ରର ଶୁଭାରମ୍ଭ

ଭୁବନେଶ୍ୱର, ୧୮।୧୧ (ଅନୁରାଧା ମହାରଣା)

ନୋଭା ଆଇଭିଏଫ୍ ଫର୍ଟିଲିଟି ଭୁବନେଶ୍ୱରରେ ନିଜର ପ୍ରଥମ ସେଣ୍ଟରର ଶୁଭାରମ୍ଭ କରିଛି। ଉଭୟ ଟିୟର ୧ ଓ ଟିୟର ୨ ସହରଗୁଡ଼ିକରେ ନିଃସନ୍ତାନ ସମସ୍ୟା ବୃଦ୍ଧି ପାଉଥିବାବେଳେ ଏହି ଫର୍ଟିଲିଟି ଚେନ୍ର ୪୦% ସେଣ୍ଟର ଟିୟର ୨ ଓ ଟିୟର ୩ ସହରଗୁଡିକରେ ରହିଛି। ଏହି ଅବସରରେ ଓଡ଼ିଶା ଚାପ୍ଟର ଇଣ୍ଡିଆନ ମେଡିକାଲ ଆସୋସିଏସନର ସେକ୍ରେଟାରି ଡା. ପ୍ରତ୍ୟୁଷ କୁମାର ରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏ ସମ୍ପର୍କରେ ନୋଭା ଆଇଭିଏଫ୍ ଫର୍ଟିଲିଟିର ମେଡିକାଲ ଡାଇରେକ୍ଟର, ଡା. ରୋହିତ ଗୁଟ୍ଗୁଟିଆ କହିଛନ୍ତି, 'ଆମେ ଠିକ୍ ଚିକିତ୍ସା ଓ ସଫଳତା ହାର ବୃଦ୍ଧି କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ବ୍ୟବହାର କରୁଛୁ। ବାରମ୍ବାର ଆଇଭିଏଫ୍ ବିଫଳତା, ଗର୍ଭପାତ କିମ୍ବା ଜେନେଟିଭ ସ୍ଥିତି ଆଦି ସମସ୍ୟା ସହ ଆସୁଥିବା




ପ୍ରତ୍ୟେକ ଦମ୍ପତିଙ୍କ ପାଇଁ ଏକ ବ୍ୟକ୍ତିଗତ ଚିକିତ୍ସା ଅନୁସରଣ କରିଥାଉ। ଆମର ଲାବ୍ଗୁଡିକରେ ଆମେ ଇଲେକ୍ଟ୍ରୋନିକ ୱିଟ୍ନେସିଂ ସିଷ୍ଟମଗୁଡିକର ବ୍ୟବହାର କରିଥାଉ ଯାହା ଲାବ୍ ବୈଜ୍ଞାନିକମାନଙ୍କୁ (ଏମ୍ବ୍ରୋଲୋଜିଷ୍ଟ) କୌଣସି ପ୍ରକାର ଡିମ୍ବାଣୁ ଓ ଶୁକ୍ରାଣୁ ମିଶ୍ରଣ କ୍ଷେତ୍ରରେ ଏକ ଆଲାରାମ ସିଷ୍ଟମ ଭଳି ସତର୍କ କରିଥାଏ। ସେହିପରି ନୋଭା ଆଇଭିଏଫ୍ ଫର୍ଟିଲିଟି, ଭୁବନେଶ୍ୱରର ଫର୍ଟିଲିଟି ସ୍ପେଶାଲିଷ୍ଟ, ଡା. ଗାୟତ୍ରୀ ଶତପଥୀ କହିଛନ୍ତି, ପୁରୁଷ ବନ୍ଧ୍ୟାପଣ ମଧ ବହୁମାତ୍ରାରେ ବୃଦ୍ଧି ପାଉଛି, ଯାହାକି ଫର୍ଟିଲିଟି କ୍ଷେତ୍ରରେ ୪୦% ପୁରୁଷ ସନ୍ତାନହୀନତାର ଶିକାର ହେଉଛନ୍ତି। ଆମେ ମଧ ୩୦% ଅସ୍ପଷ୍ଟ ବନ୍ଧ୍ୟାତ୍ୱ ମାମଲା ଦେଖୁଛୁ। ନୋଭା ଆଇଭିଏଫ୍ ଫର୍ଟିଲିଟିର ମୁଖ୍ୟ ପରିଚାଳନା ଅଧିକାରୀ ବିଶ୍ୱନାଥ ଗାଙ୍ଗୁଲି କହିଛନ୍ତି, 'ଭୁବନେଶ୍ୱରକୁ ଆମର ସମ୍ପ୍ରସାରଣ ଭାରତରେ ଗୁଣାତ୍ମକ ଫର୍ଟିଲିଟି ଚିକିତ୍ସାକୁ ସୁଲଭ କରିବା ଉପରେ ଆମର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।

# ଅଙ୍କୁରା ହସ୍ପିଟାଲ ପକ୍ଷରୁ ପ୍ରିମିଥନ

ଭୁବନେଶ୍ୱର, ୧୮।୧୧ (ଅନୁରାଧା ମହାରଣା)

ଅଙ୍କୁରା ହସ୍ପିଟାଲ୍ସ ଓ ଆୟୁ ଫାଉଣ୍ଡେଶନ ପକ୍ଷରୁ ମିଳିତ ଭାବରେ ଭୁବନେଶ୍ୱରରେ ପ୍ରିମିଥନ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ପ୍ରିମ୍ୟାଚୁର ଶିଶୁଙ୍କ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ 'ବର୍ନ ଟୁ ସୁନ୍, ବଟ୍ ଇନ୍ ଦ ସେଫେଷ୍ଟ ହାଣ୍ଡସ' ଅଧୀନରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାତାପିତା, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ ସମାଜର ବିଭିନ୍ନ ଶ୍ରେଣୀର ଲୋକ ଯୋଗଦେଇ ପ୍ରିମ୍ୟାଚୁର ଶିଶୁମାନଙ୍କ ସମସ୍ୟା, ଚ୍ୟାଲେଞ୍ଜ ଏବଂ ସେମାନଙ୍କ ଅସାଧାରଣ ଲଢ଼େଇ ସମ୍ପର୍କରେ ଅନୁଭୂତି ବାଣ୍ଟିଥିଲେ। ଅଲିମ୍ପିଆନ ରବି କୁମାର କାଟୁଲୁ ଏହି ପଦଯାତ୍ରାର ନେତୃତ୍ୱ ନେଇ ଶକ୍ତି, ଦୃଢତା ଏବଂ ସାମୂହିକ ସମର୍ଥନର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଚେୟରମ୍ୟାନ-କମ୍-ମ୍ୟାନେଜିଂ ଡାଇରେକ୍ଟର ତଥା ନିଓନେଟୋଲଜିଷ୍ଟ ଡା. କୃଷ୍ଣପ୍ରସାଦ ନିଜର ସୁଚିନ୍ତିତ ମତାମତ ସହ ଲୋକଙ୍କୁ ସଚେତନ କରିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ଦଳ ଚୟନ ପ୍ରକ୍ରିୟା ୨୩ରେ

### ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ

ଭୁବନେଶ୍ୱର, ୧୮।୧୧(ବିଜୟ ରଣା)

ଗୋଆରେ ଡିସେମ୍ବର ୮ରୁ ୧୫ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ଏଥିପାଇଁ ଓଡ଼ିଶା ଦଳର ଖେଳାଳି ଚୟନ ପ୍ରକ୍ରିୟା ୨୩ ତାରିଖ ରବିବାର ସକାଳ ୯ଟାରେ ସ୍ଥାନୀୟ ୟୁନିଟ୍-୬ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ଚୟନ ପ୍ରକ୍ରିୟାରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା କର୍ମଚାରୀମାନେ ଭାଗ ନେଇପାରିବେ। ଇଚ୍ଛୁକ ଖେଳାଳିମାନଙ୍କୁ ସାଥିରେ ନିଜର ସେବାପୁସ୍ତିକାର ପ୍ରଥମ ପୃଷ୍ଠା, ବିଭାଗ/ଅଫିସ୍ ପରିଚୟପତ୍ର ସହ ଏକ ପାସ୍‌ପୋର୍ଟ ଫଟୋ ଏବଂ ନିଜର ବିଭାଗ/ଅଫିସ୍‌ରୁ 'ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ' ଆଣି ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ପଞ୍ଜୀକୃତ କରିବା ସହ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

# ସିଲିକନ୍ ୟୁନିଭର୍‌ସିଟି, କଳିଙ୍ଗ ୟୁଥ୍ କ୍ଲବ ବିଜୟୀ

### ଗତିକୃଷ୍ଣ ସ୍ମାରକୀ ବି' ଡିଭିଜନ ଫୁଟ୍‌ବଲ ଲିଗ୍

ଭୁବନେଶ୍ୱର, ୧୮।୧୧(ଅନାଦି କର)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ (ବିଏଏ) ଆନୁକୂଲ୍ୟରେ ୟୁନିଟ୍-୧ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ସିଲିକନ୍ ୟୁନିଭର୍‌ସିଟି ଓ କଳିଙ୍ଗ ୟୁଥ୍ କ୍ଲବ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ସିଲିକନ୍ ୟୁନିଭର୍‌ସିଟି ୫-୩ ଗୋଲରେ ଚନ୍ଦ୍ରଶେଖରପୁର ଏଫ୍‌ସିକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଟାକଶୋ କିରାଇ ଶ ସମସ୍ତ ୫ଟି ଗୋଲ କରିଥିଲେ। ଅନ୍ୟପକ୍ଷରେ ଚନ୍ଦ୍ରଶେଖରପୁର ଏଫ୍‌ସି ପାଇଁ ସାହିଲ ଖାନ୍, ପ୍ରୀତମ୍‌ଜିତ ନାଏକ ଓ ସୋମେଶ ମହାନ୍ତି ଗୋଟିଏ ଲେଖାଏ ଗୋଲ କରିଥିଲେ। ବିଏଏର ବରିଷ୍ଠ ସଦସ୍ୟ ଗନେଶ ପାଲ ଅତିଥି ଭାବେ ଯୋଗଦେଇ ଟାକ୍‌ଶୋଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ କଳିଙ୍ଗ ୟୁଥ୍ କ୍ଲବ ୯-୧ ଗୋଲରେ ଶିବଶକ୍ତି ବିବିଏସ୍‌ଆର୍‌କୁ ହରାଇଛି। ବିଜୟୀ ଦଳ ପାଇଁ ଆଶିମ ଡୁଙ୍ଗ୍‌ଡୁଙ୍ଗ ହାଟ୍ରିକ୍ ଗୋଲ କରିଥିବା ବେଳେ ନିମାଇଁ ହେମ୍ବ୍ରମ, ମିଥୁନ ହାଁସ୍‌ଦା ଓ ଶଙ୍ଖା ହେମ୍ବ୍ରମ ଦୁଇଟି ଲେଖାଏ ଗୋଲ ଦେଇଥିଲେ। ଜବାବରେ ଶିବଶକ୍ତି ବିବିଏସ୍‌ଆର୍ ପକ୍ଷରୁ ପି.ଏନ୍. ଦଳେଇ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଆଶିମ୍‌ଙ୍କୁ ଅତିଥି ଭାବେ ଯୋଗଦେଇଥିବା ବିବିଏର ବରିଷ୍ଠ ସଦସ୍ୟ ପ୍ରଦୀପ ରାଉତରାୟ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥି ପୁରସ୍କୃତ କରୁଛନ୍ତି।

## ରଘୁ ପ୍ରସାଦ ଏଫ୍‌ଆଇଏଚ୍ ଅମ୍ପାୟର ଅଫ୍ ଦି ଇୟର

**ଲାଉସାନେ, ୧୮।୧୧ (ପି.ଟି.):** ଭାରତର ରଘୁ ପ୍ରସାଦ ଯାଦବ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ) ଦ୍ୱାରା ୨୦୨୫ ବର୍ଷର ଅମ୍ପାୟର ଅଫ୍ ଦି ଇୟର ଭାବେ ମନୋନୀତ ହୋଇଛନ୍ତି। ବୃତ୍ତିଗତ, ଉତ୍ସର୍ଗୀକୃତ ମନୋଭାବ ଏବଂ ଉତ୍କର୍ଷତା ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ରଘୁପ୍ରସାଦ ୧୯୮ ଇଣ୍ଟରନ୍ୟାଶନାଲ ମ୍ୟାଚରେ ଅମ୍ପାୟରିଂ କରିଛନ୍ତି। ୩୩ଟି ମ୍ୟାଚରେ ଭିଡିଓ ଅମ୍ପାୟର ଭାବେ କାର୍ଯ୍ୟ କରିଛନ୍ତି। ମାଲେସିଆରେ ୨୦୨୫ ସୁଲ୍‌ତାନ ଆଜଲାନ ଶାହା କପ୍ ହକି ଟୁର୍ନାମେଣ୍ଟରେ ସେ ୨୦୦ ଅନ୍ତର୍ଜାତୀୟ ମ୍ୟାଚ ପରିଚାଳନା କରିବାରେ ପ୍ରଥମ ଏସୀୟ ହେବାର ଐତିହାସିକ ମାଇଲଖୁଣ୍ଟ ହାସଲ କରିବେ। ସେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍, କମନୱେଲ୍‌ଥ ଗେମ୍ସ, ଜୁନିୟର ବିଶ୍ୱକପ୍ ସମେତ ଏସିଆନ ଟୁର୍ନାମେଣ୍ଟ ଯଥା ୩ ଏସିଆନ ଗେମ୍ସ ଏବଂ ଏକାଧିକ ଏସିଆ କପ୍ ଏବଂ ଏସିଆନ ଚାମ୍ପିୟନ୍ସ ଟ୍ରଫି ଭଳି ଟୁର୍ନାମେଣ୍ଟରେ ଅମ୍ପାୟରିଂ କରିଛନ୍ତି।

# ବାଳିକାଙ୍କୁ ରୌପ୍ୟ, ବାଳକଙ୍କୁ ବ୍ରୋଞ୍ଜ୍



ପଦକ ବିଜୟୀ ଓଡ଼ିଶା ବାଳିକା ଓ ବାଳକ ଦଳ।

### ମଡର୍ନ ପାଇଥ୍‌ଆନ ଗେମ୍ସ

ଭୁବନେଶ୍ୱର, ୧୮।୧୧(ଅନାଦି କର)

ବେଙ୍ଗାଲୁରୁଠାରେ ଅନୁଷ୍ଠିତ ୩ଦିନିଆ ମଡର୍ନ ପାଇଥ୍‌ଆନ ଗେମ୍ସରେ ଓଡ଼ିଶା ବାଳିକା ଦଳ ରୌପ୍ୟ ଓ ବାଳକ ଦଳ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଉଭୟ ବିଜୟୀ ଦଳକୁ ଓଡ଼ିଶା ପିଟୁ ସଂଘର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ଉପଦେଷ୍ଟା ନୀଳକଣ୍ଠ ସାମଲ, ସଭାପତି ଶକ୍ତି ପ୍ରକାଶ ପତି, ଉପସଭାପତି ମହେଶ କୁମାର ମିଶ୍ରଙ୍କ ସହ ପ୍ରଶାନ୍ତ କୁମାର ରାଉଳ, ସୂର୍ଯ୍ୟପ୍ରକାଶ ପତି, ଜି. ରାମ କିଶୋର, ନାରାୟଣ ଜେନା, ଯଯାତି ଜେନା ଓ କୁଶ ନାୟକ ଅଭିନନ୍ଦନ ଜଣାଇଛନ୍ତି।

ଓଡ଼ିଶା ବାଳିକା ଦଳରେ ମୋନାଲିସା କାଣ୍ଡି, ଏମ୍. ଅମରିତା, ଆଞ୍ଜେଲ ମଲ୍ଲିକ, ଏସ୍. ରୋଜା, ଉର୍ବଶୀ ବେହେରା, ରେଖା ବେହେରା, ଶୁଭଶ୍ରୀ ଭଞ୍ଜ, ଶ୍ରାବଣୀ ପାଇକରାୟ, ରୂପାଲି ଭଞ୍ଜ, ପ୍ରତୀକ୍ଷା ବଳ, କୋଚ୍ ଜିତେନ୍ଦ୍ର କୁମାର ରାଉତ ଓ ମ୍ୟାନେଜର ବିଷ୍ଣୁପ୍ରିୟା ଦାସ ସ୍ଥାନ ପାଇଥିଲେ। ସେହିଭଳି ବାଳକ ଦଳରେ ସ୍ୱାଧୀନ ସାମଲ(ଅଧିନାୟକ), ପ୍ରଶାନ୍ତ ସାହୁ, ତେଜସ୍ୱ ମହାରଣା, ଚନ୍ଦନ ଆଚାର୍ଯ୍ୟ, ଏମ୍. ସାହିଲ, ନକବୁଲ ଅମିନ, ଶିବ ବିରୁଆ, ବିନୋଦ କୁଦୁଲି, ବାଦଲ ଜେନା, ଭାସ୍କର ପାତ୍ର, ଶିମ୍‌ସୁ ଶେଖର ଦାସ, ରାହୁଲ ନାଥ ସ୍ଥାନ ପାଇଥିବା ବେଳେ କୋଚ୍ ଭାବେ ସତୀଶ୍ ଶର୍ମା ଓ ମ୍ୟାନେଜର ଭାବେ ସୁରେଶ କୁମାର ଭଞ୍ଜ ଦଳ ସହ ଯାତ୍ରା କରିଥିଲେ।

### ଏମ୍୧୫ ଭୁବନେଶ୍ୱର ଟେନିସ

## କବିର ଦ୍ୱିତୀୟ ରାଉଣ୍ଡରେ

**ଭୁବନେଶ୍ୱର, ୧୮।୧୧ (ଅନାଦି କର):** କଳିଙ୍ଗ ଷ୍ଟାଡିୟମ ଟେନିସ୍ ସେଣ୍ଟରରେ ଚାଲିଥିବା ଆଇଟିଏଫ୍ ୱାର୍ଲ୍ଡ ଟେନିସ୍ ଟୁର୍ ଏମ୍୧୫ ଭୁବନେଶ୍ୱର ଟେନିସ୍ ଟୁର୍ନାମେଣ୍ଟରେ ଓଡ଼ିଆ ଖେଳାଳି କବିର ହଂସ ଓ ପ୍ରତ୍ୟୁଷ ମହାନ୍ତି ବିଜୟ ସହ ଟୁର୍ନାମେଣ୍ଟରେ ଆଗକୁ ବଢ଼ିଛନ୍ତି। ଅନ୍ୟପକ୍ଷରେ ନମ୍ବର ୱାନ୍ ସିଡ୍ ଶଶିକୁମାର ମୁକୁନ୍ଦ ପରାଜୟ ସହ ବିଦାୟ ନେଇଛନ୍ତି।

ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ କବିର ୬-୧, ୩-୬, ୭-୫ ସେଟ୍‌ରେ ଷଷ୍ଠ ସିଡ୍ ଇଶାକ୍ ଇକ୍‌ବାଲଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଶୀର୍ଷ ସିଡ୍ ମୁକୁନ୍ଦ ୬-୩, ୫-୭, ୩-୬ ସେଟ୍‌ରେ ଭଦ୍ୟମ କୋନୋଭଚୁକଙ୍କଠାରୁ ପରାସ୍ତ ହୋଇଛନ୍ତି। ସେହିଭଳି କ୍ୱାଲିଫାଇଙ୍ଗ ପର୍ଯ୍ୟାୟର ଅନ୍ତିମ ରାଉଣ୍ଡ ମ୍ୟାଚ୍‌ରେ ପ୍ରତ୍ୟୁଷ ୬-୪, ୬-୨ ସେଟ୍‌ରେ ଅନିକେତ ଭେଙ୍କଟରାମନଙ୍କୁ ହରାଇ ମୁଖ୍ୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ପୁରୁଷ ଡବଲ୍ସ ବର୍ଗରେ ଓଡ଼ିଶାର ଅମୃତଜୟ ମହାନ୍ତି ଓ ଆଦିତ୍ୟ ଶତପଥୀ ୩-୬, ୨-୬ ସେଟ୍‌ରେ ଦିଗ୍‌ବିଜୟ ପ୍ରତାପସିଂ ଓ ଜଗମିତ ସିଂଙ୍କଠାରୁ, ପ୍ରତ୍ୟୁଷ ମହାନ୍ତି ଓ ଭଦ୍ୟମ କୋନୋଭଚୁକ୍ ୪-୬, ୨-୬ ସେଟ୍‌ରେ ଆଲେକ୍ସି ଆଲେଶ୍ଚେଭ ଓ ଆଡ୍ରିଆନ ଆର୍କନ୍‌ଙ୍କଠାରୁ ଏବଂ ଶଙ୍କର ହିସନାମ ଓ ଦେବାଶିଷ ସାହୁ ୩-୬, ୫-୭ ସେଟ୍‌ରେ ଅଭିନବ ସଞ୍ଜୀବ ଶନମୁଗମ ଓ ମନୀଷ ସୁରେଶ କୁମାରଙ୍କଠାରୁ ପରାସ୍ତ ହୋଇଛନ୍ତି।

# ଉଦ୍‌ଘାଟନୀ ମ୍ୟାଚ୍ ଜିତିଲା ସନ୍‌ରାଇଜ୍ କ୍ଲବ୍

### ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ

ଢେଙ୍କାନାଳ, ୧୮।୧୧ (ରତନ ନାୟାର)

ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଢେଙ୍କାନାଳ କ୍ରୀଡ଼ା ସଂସଦ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା, ଯୁବ ବ୍ୟାପାର ଏବଂ ଢେଙ୍କାନାଳ ଜିଲା ପ୍ରଶାସନର ମିଳିତ ସହଯୋଗରେ ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ପି ଅଭିନବ ସୋନ୍‌କର ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଫାଓ ଓଡ଼ିଶାର ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼ାଇ, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଡିଏସ୍‌ପି ସଲିଳ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଖେଳାଯାଇଥିବା ମ୍ୟାଚରେ ସନ୍‌ରାଇଜ୍ କ୍ଲବ, କଟକ ୪-୧ ଗୋଲରେ ଏଆଇଏଫ୍‌ଏଫ୍ ଫିଫା ଏକାଡେମୀ ଓଡ଼ିଶାକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଭୟ ପଣ୍ଡା, ସାଲ ଅନାଶ, ଦୀନବନ୍ଧୁ ଦାସ ଓ ସଞ୍ଜୀବ ଖରା ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଏଆଇଏଫ୍‌ଏଫ୍ ଫିଫା ଏକାଡେମୀ ପକ୍ଷରୁ ଲକ୍ଷ୍ମୀ ଏକମାତ୍ର ଗୋଲ୍ ଦେଇଥିଲେ। ଏହି ମ୍ୟାଚ୍‌କୁ ରେଫରି ଭୀମ କ୍ଷେତ୍ରୀ ପରିଚାଳନା କରିଥିବା ବେଳେ ସୁବ୍ରତ କୁମାର ପୁରୋହିତ, ପ୍ରଦୀପ୍ତ କୁମାର ନାୟକ ଓ ଶଶିକାନ୍ତ ଦାଶିଆ ପ୍ରମୁଖ ତାଙ୍କୁ ସହାୟତା କରିଥିଲେ। ମାୟାଧର ସାହୁ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ୍ ମିଶ୍ର ଓ ଗୌରାଙ୍ଗ ସେଠୀଙ୍କ ସମେତ କ୍ରୀଡ଼ା ସଂସଦର ସଦସ୍ୟଗଣ ଉପସ୍ଥିତ ଥିଲେ। ସୁଶାନ୍ତ ପାଣି ଓ ସରୋଜ ପାଢ଼ୀ ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧବାର ମ୍ୟାଚ୍‌ରେ ସୂରଜ ଏଫ୍‌ସି ଫୁଲବାଣୀ ଦଳ ଇନ୍‌କମ୍ ଟାକ୍ସ ଚେନ୍ନାଇକୁ ଭେଟିବ।



ଅତିଥିମାନଙ୍କ ସହ ଉଭୟ ଦଳର ଖେଳାଳି।


# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666. ଧ-୨୫୫୫

Twinsity- କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Grand Bazar" ସମ୍ମୁଖରେ NH ସମ୍ମୁଖର ୧କି.ମି. ଦୂରତାରେ Rev. Road ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273. D-12

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

LIG House (136, 137, 138, 139) for sale at Sector- 3, Niladri Vihar, Near- Pani Tanki, Bhubaneswar, Contact- 9437229575. D-2575





Full body massage by odia therapist in homely atmosphere. 9078618337. D-2596

All type of physiotherapy, contact Number- 9556924059 / 765696134, Jharapada. D-1603

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT

By virtue of an affidavit sworn before the Executive Magistrate, Bhubaneswar, Dated- 24.09.2025, I, Jaga Nayak, Address At- Panaspurpatana, P.O./P.S.- Tangi, Dist.- Khordha, Odisha, 752023, declare that I have changed the name of my son from Ajit Kumar Nayak to Arman Omm Prakash Nayak. Henceforth, he shall be known as Arman Omm Prakash Nayak for all purposes.
Jaga Nayak D-2599

I, Shivdutta Mohapatra, S/o.- Arabinda Mohapatra Resident of B2/101, Shreekhetra Residency, Shankarpur, Aiginia, PIN- 751019, Odisha declare by this affidavit No.- 71, Dtd.- 18.11.2025 that now onwards I shall be known as Shivadutta Mohapatra for all future purposes. D-213

By virtue of an affidavit sworn before the Executive Magistrate, MAHANGA, Dated- 29.03.25, I, PRAVANJAN BEHERA, Address AT- UTTARASAHI- 1, P.O.- MULABASANTA MAHANGA, CUTTACK, ODISHA declare that I have changed my name from PRAVANJAN MALIK to PRAVANJAN BEHERA. Henceforth, I shall be known as PRAVANJAN BEHERA for all purposes.
PRAVANJAN BEHERA D-2600

By virtue of an affidavit sworn before the Executive Magistrate, Kujang on Dated- 10.11.2025 vide affidavit No.- 2606, I, Binapani Dei, W/o. Late Bimbadhar Das, Village- Samjori, P.O.- M. G. Khamar, P.S.- Marshaghai, Dist.- Kendrapara, Odisha that my former name Binapani Dei Das changed to Binapani Dei. I declare that Binapani Dei Das and Binapani Dei is one and same person for all future purposes. D-1602

By virtue of an affidavit sworn before the Executive Magistrate, Bhubaneswar on affidavit Dtd.- 16.10.2025, I, Nazmul Hasan Iqbal resident of At- LIG-195, Brit Colony, Nayapalli, P.O./P.S.- Nayapalli, Bhubaneswar, Dist.- Khordha, PIN- 751012, Odisha declare that I have changed the name of the son from Sk. Shuaib Iqbal to Shaikh Shuaib Iqbal. Henceforth, he shall be known as Shaikh Shuaib Iqbal for all purpose.
Nazmul Hasan Iqbal D-2601

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶରତ କୁମାର ସାହୁ
ସ୍ଥାନ - ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ- ୧୯।୧୧।୧୯୬୬
ତିରୋଧାନ -୦୯।୧୧।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତାଙ୍କର ଆଦର୍ଶ,କର୍ତ୍ତବ୍ୟବୋଧ, ସ୍ନେହ,ତ୍ୟାଗ ଓ ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ।
:ଶୋକସନ୍ତପ୍ତ:
ପତ୍ନୀ- ପୁଷ୍ପାଞ୍ଜଳି ସାହୁ, ଭାଇଁ- ଆଲୋକ, ପ୍ରଣବ, ପୁତ୍ର- ସତ୍ୟପ୍ରିୟ, ଆଶୁତୋଷ, ଜୟଦେବ, ଅଭିଜିତ, ସୌମ୍ୟଜିତ, ଝିଅ- ସନ୍ଧ୍ୟା, ସମିଧା, ମଧୁସ୍ମିତା, ସୁଚିସ୍ମିତା, ଭାଇ - ରଞ୍ଜନ,ହୃଷୀକେଶ,ବ୍ରହ୍ମାନନ୍ଦ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୫୯୮

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

ମାନ୍ୟବର ଶ୍ରୀଯୁକ୍ତ ଫ୍ୟାମିଲି ଜଜ୍‌ଙ୍କ ଅଦାଲତ, ପୁରୀ
ସି.ପି.ନଂ- ୨୭୦/୨୦୨୨
ନୋଟିସ୍

ରୀନା ପଣ୍ଡା, ବ୪୬ର୍ଷ, ସ୍ୱାମୀ: ଲୋକନାଥ ଦାଶ, ସାକିନ୍: ମାଟିମଣ୍ଡପ ସାହି, ଥାନା- ପୁରୀ ଟାଉନ୍, ପୋଷ୍ଟ/ଜିଲ୍ଲା- ପୁରୀ, ପିନ୍- ୭୫୨୦୦୧।
........ଆବେଦନକାରୀ
ବନାମ
ଲୋକନାଥ ଦାଶ, ବ୫୫ର୍ଷ, ପିତା- ୰ଜଗନ୍ନାଥ ଦାଶ, ମାର୍ଫତ: ତୁଳସୀ ପ୍ରସାଦ ପ୍ରହରାଜ, (ମାଙ୍ଗା) ସାକିନ୍: ମାଟିମଣ୍ଡପ ସାହି, ଝାଡ଼େଶ୍ୱରୀ ଲେନ୍, ଥାନା- ପୁରୀ ଟାଉନ୍, ପୋଷ୍ଟ/ଜିଲ୍ଲା- ପୁରୀ, ପିନ୍- ୭୫୨୦୦୧।

ଏହିକି ଯେ, ପ୍ରତିବାଦୀଙ୍କ ନାମରେ ନୋଟିସ୍ ଜାରି ହେବା ନିମନ୍ତେ ବାରମ୍ବାର ଯାଇଥିଲେ ମଧ୍ୟ ସେ ନୋଟିସ୍ ମର୍ମମାନ ଜାଣିଶୁଣି ଉପରୋକ୍ତ ମୋକଦ୍ଦମାରେ ହାଜର ହେଉନାହାଁନ୍ତି। ତେଣୁ ଅତ୍ର ବିଜ୍ଞାପନ ଦ୍ୱାରା ପ୍ରତିବାଦୀଙ୍କୁ ଜଣାଇ ଦିଆଯାଉଅଛି କି, ପ୍ରତିବାଦୀ ଆଜଦିନ ତା ୧୭।୧୨।୨୫ରିଖେ, ପୂର୍ବାହ୍ନ ୧୦.୩୦ ଘଟିକାରେ ଅତ୍ର ଅଦାଲତରେ ଆପଣ ନିଜେ କିମ୍ବା ଓକିଲଙ୍କ ଦ୍ୱାରା ଉପସ୍ଥିତ ହୋଇ କୌଣସି ଆପତ୍ତି ଥିଲେ ଜଣାଇବେ, ନଚେତ୍ ଆଇନ୍ ଅନୁଯାୟୀ ଫଇସଲା ହେବ। ଅଦ୍ୟ ତା୧୪।୧୧।୨୫ ରିଖେ ସ୍ୱାକ୍ଷରିତ ଓ ଅଦାଲତର ମୋହର ନିମ୍ନ କ୍ରମେ ଦିଆଗଲା।
ଧ-୨୫୯୭

## ଫୁଲ ଚାଷ



**ଗୋ**ଲାପ ଫୁଲଗଛର ପୁରୁଣା ଡାଳ କାଟି ଦିଅନ୍ତୁ। କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତକରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ଅରେଞ୍ଜ, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ। ଗ୍ଲାଡିଓଲି କନ୍ଦାକୁ ଓଦା ବାଲିରେ ଗଜାକରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ ।

# ପ୍ରାଣୀଙ୍କୁ ବଜବଜିଆ ରୋଗ



ଡା. ବୀରକିଶୋର ପରିଡ଼ା

"ସାଧାରଣତଃ କ୍ଲଷ୍ଟ୍ରିଡିୟମ ଚଉଭିଆଇ ନାମକ ଏକ ଲମ୍ବାକୃତି ଚଳନ୍ତି ଜୀବାଣୁ ଦ୍ୱାରା ବଜବଜିଆ ରୋଗ ହୋଇଥାଏ । ଅନ୍ୟ ଜୀବାଣୁ ଯଥା - କ୍ଲଷ୍ଟ୍ରିଡିୟମ ସେପ୍ଟିକମ୍, କ୍ଲଷ୍ଟ୍ରିଡିୟମ ଓଡିମାଟିଏନ୍ସ ଓ କ୍ଲଷ୍ଟ୍ରିଡିୟମ ପରଫ୍ରିଜେନସ୍ ମଧ ଏହି ରୋଗ ସହିତ ଜଡ଼ିତ ହୋଇଥାନ୍ତି । ଏହି ଜୀବାଣୁ ମାଟି ଓ ରୋଗ ସ୍ଥାନରେ ସର୍ବତ୍ର ରହିଥିବାର ଦେଖିବାକୁ ମିଳେ ଏବଂ ଅନ୍ୟ କେତେକ ସ୍ଥାନରେ କାଁଭାଁ ଏହି ଜୀବାଣୁ ରୋଗ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ। ବିଶେଷଭାବରେ ଆମ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଏହି ରୋଗ ଅଧିକ ଦେଖିବାକୁ ମିଳେ ।"

**ପ୍ରା**ଣୀଙ୍କୁ ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ପ୍ରାଥମିକ ଅବସ୍ଥାରେ ଏଗୁଡ଼ିକର ଠିକ୍ ଭାବରେ ଚିକିତ୍ସା କରାଇନେବା ଦରକାର। ନ ହେଲେ ପରବର୍ତ୍ତୀ ସମୟରେ ଏଥିଯୋଗୁ ଆକ୍ରାନ୍ତ ପ୍ରାଣୀମାନେ ଅକାଳ ମୃତ୍ୟୁମୁଖରେ ପଡ଼ିଥାଆନ୍ତି। ତନ୍ମଧ୍ୟରୁ ବଜବଜିଆ ରୋଗ ଅନ୍ୟତମ। ଏହାକୁ ମଧ ଚଟୁଆ ଫୁଲା ଏବଂ ଗ୍ୟାସ୍ ଗାଙ୍ଗ୍ରିନ୍ ଆଦି କୁହାଯାଏ।

**କାରଣ**


ସାଧାରଣତଃ କ୍ଲଷ୍ଟ୍ରିଡିୟମ ଚଉଭିଆଇ ନାମକ ଏକ ଲମ୍ବାକୃତି ଚଳନ୍ତି ଜୀବାଣୁ ଦ୍ୱାରା ବଜବଜିଆ ରୋଗ ହୋଇଥାଏ । ଅନ୍ୟ ଜୀବାଣୁ ଯଥା – କ୍ଲଷ୍ଟ୍ରିଡିୟମ ସେପ୍ଟିକମ୍, କ୍ଲଷ୍ଟ୍ରିଡିୟମ ଓଡିମାଟିଏନ୍ସ ଓ କ୍ଲଷ୍ଟ୍ରିଡିୟମ ପରଫ୍ରିଜେନସ୍ ମଧ ଏହି ରୋଗ ସହିତ ଜଡ଼ିତ ହୋଇଥାନ୍ତି । ଏହି ଜୀବାଣୁ ମାଟି ଓ ରୋଗ ସ୍ଥାନରେ ସର୍ବତ୍ର ରହିଥିବାର ଦେଖିବାକୁ ମିଳେ ଏବଂ ଅନ୍ୟ କେତେକ ସ୍ଥାନରେ କାଁଭାଁ ଏହି ଜୀବାଣୁ ରୋଗ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ। ବିଶେଷଭାବରେ ଆମ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଏହି ରୋଗ ଅଧିକ ଦେଖିବାକୁ ମିଳେ।

**କେଉଁମାନଙ୍କୁ ହୁଏ**

ଏହା ଏକ ମାରାତ୍ମକ ଜୀବାଣୁଜନିତ ସଂକ୍ରାମକ ରୋଗ ଭାବେ ବାଛୁରୀମାନଙ୍କଠାରେ ଦେଖାଯାଏ । ଏହି ରୋଗ ସୁସ୍ଥସବଳ ସ୍ୱଳ୍ପ ବୟସ୍କ ବାଛୁରୀ ୬ମାସରୁ ୨ ବର୍ଷ ମଧ୍ୟରେ ବିଶେଷ ଭାବେ ଆକ୍ରାନ୍ତ କରିଥାନ୍ତି । ମଇଁଷିଠାରେ ଏହି ରୋଗ କ୍ୱଚିତ୍ ହେବାର ଦେଖିବାକୁ ମଳେ। ମେଣ୍ଢାମାନଙ୍କୁ ମଧ ଏହି ରୋଗ କ୍ୱଚିତ ହେବାର ଦେଖାଯାଏ।

**ରୋଗ ବ୍ୟାପିବାର କାରଣ**

ଜଳବାୟୁର ଆର୍ଦ୍ରତା ଓ ଉତ୍ତାପ ବୃଦ୍ଧି, ଅତ୍ୟଧିକ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇ ଜୀର୍ଣ୍ଣ ନ ହେବା, ଅତ୍ୟଧିକ ଶାରୀରିକ ପରିଶ୍ରମ ଏବଂ ଶରୀରର ରୋଗ ପ୍ରତିରୋଧକାରୀ ଶକ୍ତିର ହ୍ରାସ ଯୋଗୁ ଏହି ରେଣୁ ସଙ୍ଗଠିତ ଜୀବାଣୁ ସଂକ୍ରମିତ ମାଟି ବା ଗୋଚର ସ୍ଥାନର ଖାଦ୍ୟ ବା ଘାସ ଓ ପାଣି ମାଧ୍ୟମରେ ପାଟି ଭିତର ଦେଇ ପାକସ୍ଥଳୀ ମଧ୍ୟକୁ ପ୍ରବେଶ କରନ୍ତି । ଶରୀରରେ ରୋଗ ପ୍ରତିରୋଧକାରୀ ଶକ୍ତିର ହ୍ରାସ ଯୋଗୁ ଏହି ରେଣୁଯୁକ୍ତ ଜୀବାଣୁ ଶରୀରରେ ଥିବା ମାଂସପେଶୀ ଜୀବକୋଷକୁ ଆକ୍ରାନ୍ତକରି ନଷ୍ଟ କରିଦିଅନ୍ତି ଏବଂ ରୋଗ ସୃଷ୍ଟି କରାନ୍ତି ।



**ରୋଗ ସୃଷ୍ଟି ହୁଏ କିପରି**

ସାଧାରଣତଃ ରେଣୁଯୁକ୍ତ ଜୀବାଣୁ ମାଟିକୁ ବା ଗୋଚରରୁ ଯେକୌଣସି ଉପାୟରେ ଗୋରୁଙ୍କ ପାଟି ଭିତରକୁ ପ୍ରବେଶ କଲାପରେ ପେଟ ଭିତରକୁ ଯାଏ। ଶରୀରର ପ୍ରତିରୋଧକାରୀ ଶକ୍ତିର ହ୍ରାସ ଘଟିଲେ ଉକ୍ତ ରେଣୁଯୁକ୍ତ ଜୀବାଣୁ ଶରୀରର ଥିବା ମାଂସପେଶୀ ଆଡ଼କୁ ଆକର୍ଷିତ ହୋଇ ସେଠାରେ ପହଞ୍ଚେ। ଏହି ମାଂସପେଶୀ ଜୀବକୋଷରେ ପହଞ୍ଚିଲା ପରେ ଏହି ଜୀବାଣୁ ରେଣୁମୁକ୍ତ ହୋଇ ରୋଗର ଜୀବାଣୁ ରୂପ ଧାରଣକରେ ଏବଂ ଏହା ଦୁଇଟି ଉପାୟରେ ଶରୀରରେ ରୋଗ ସୃଷ୍ଟି କରିଥାଏ । ଜୀବାଣୁ ପ୍ରଥମେ ଟକ୍ସିନ୍ ବା ବିଷ ପଦାର୍ଥ ସୃଷ୍ଟିକରି ମାଂସପେଶୀର ଜୀବକୋଷଗୁଡ଼ିକୁ ନଷ୍ଟ କରିଦିଅନ୍ତି। ଫଳରେ ଏହି ସ୍ଥାନରେ ଅଙ୍ଗାରକାମ୍ଳ ପରିବେଶ (ନୀଳରଙ୍ଗ ପରି) ସୃଷ୍ଟି କରିଥାନ୍ତି, ଯେଉଁଥିରେ କି ଏହି ଜୀବାଣୁ ବଂଶବୃଦ୍ଧି ସହାୟକ ହୋଇଥାଏ ଏବଂ ଅଧିକରୁ ଅଧିକ ଜୀବକୋଷ ନଷ୍ଟ କରିବାକୁ ସକ୍ଷମ ହୁଅନ୍ତି । ଏହି ଜୀବାଣୁ ମାଂସପେଶୀରେ ହାଇଡ୍ରୋଜେନ୍ ଗ୍ୟାସ୍ ନିର୍ଗତ କରାନ୍ତି। ଏହି ଗ୍ୟାସ୍ ମାଂସପେଶୀ ଜୀବକୋଷଗୁଡ଼ିକୁ ଚର୍ମ ଓ ସଂଯୁକ୍ତ ଜୀବକୋଷଠାରୁ ଅଲଗାକରି ଏକ ଶୂନ୍ୟସ୍ଥାନ ସୃଷ୍ଟିକରାନ୍ତି । ଏହି ସଂକ୍ରମିତ ସ୍ଥାନରୁ ନିର୍ଗତ ରକ୍ତମିଶ୍ରିତ ପାଣି ଜମି ରୁହେ। ଜୀବାଣୁ ଏହି ଅଙ୍ଗାରକାମ୍ଳ ପରିବେଶ ଓ ଶୂନ୍ୟ ସ୍ଥାନରେ ବଂଶବୃଦ୍ଧି ଘଟାଇବାରେ ସୁଯୋଗ ପାଆନ୍ତି ।

**ଲକ୍ଷଣ**

ଜୀବାଣୁ ପ୍ରବେଶ କରିବାର ୧–୫ ଦିନ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶ କରିଥାନ୍ତି। କେତେକ ସମୟରେ ରୋଗର ଲକ୍ଷଣ ପ୍ରକାଶ ନ ପାଇ ମଧ ବାଛୁରୀ ମୃତ୍ୟୁବରଣ କରନ୍ତି । ଏହି ରୋଗ ହେବାର ପ୍ରଥମ ଲକ୍ଷଣ ହେଲା – ଶାରୀରିକ ଉତ୍ତାପ ବୃଦ୍ଧି ବା ଜ୍ୱର ୧୦୩ ଡିଗ୍ରୀ ଫାରେନହିଟ୍‌କୁ ବୃଦ୍ଧି ପାଏ। ବାଛୁରୀଙ୍କ ଖାଇବା ଓ ହଜମ ପ୍ରକ୍ରିୟା କମିଯାଏ । ଆଗଗୋଡ଼ର ଉପର ବା କାନ୍ଧ ଅଂଶ ଏବଂ ପଛଗୋଡ଼ର ଚଟୁଆ ଅଂଶ ଖୁବ୍ ଶ୍ରୀଘ୍ର ଫୁଲିଯାଏ। ଫୁଲା ପଡ଼ିଥିବା ମାଂସପେଶୀ ସ୍ଥାନରେ ଗ୍ୟାସ୍ ଥିବା ଯୋଗୁ ଆଙ୍ଗୁଳିରେ ଚିପିଲେ 'କଡ଼କଡ଼' ଶବ୍ଦ ହୁଏ । ପଛଗୋଡ଼ ଛୋଟାଏ । ଆଗଗୋଡ଼ ଆକ୍ରାନ୍ତ ହେଲେ ବାଛୁରୀ ଛିଡ଼ା ହୋଇ ନ ରହି ଚିତ୍‌ପଟା ଅବସ୍ଥାରେ ପଡ଼ିରୁହନ୍ତି ଏବଂ ଛାଟିପିଟି ହୁଅନ୍ତି । ବାଛୁରୀ ଥରିବା ସହିତ ଆକ୍ରାନ୍ତ ମାଂସପେଶୀଗୁଡ଼ିକର ଘନଘନ ସଙ୍କୋଚନ–ପ୍ରସାରଣ ଘଟିଥାଏ । ଫୁଲା ମାଂସପେଶୀଠାରେ ପ୍ରଥମେ ଗରମ ଓ ଯନ୍ତ୍ରଣାଦାୟକ ଅନୁଭୂତ ହୁଏ ଏବଂ ପରେ ପରେ ଥଣ୍ଡା ଓ କ୍ଷୀଣ ହୋଇଯାଏ। ମାଂସପେଶୀର ମଝି ଅଂଶ ଶୁଷ୍କ ଲାଲ ଓ ମୃତ ଜୀବକୋଷଗୁଡ଼ିକ କଳା ପରି ଦିଶେ ଏବଂ ଏଥିରେ ଗ୍ୟାସ୍‌ର ଫୋଟକମାନ ପୂରି ରହିଥାଏ । ଏହି ସଂକ୍ରମିତ ଚତୁଃପାର୍ଶ୍ୱରେ ମାଂସପେଶୀର ରଙ୍ଗ ଈଷତ୍ ଲାଲ୍ ବା ମାଟିଆ ପରି ଦିଶେ ଏବଂ ରକ୍ତ ମିଶ୍ରିତ ପାଣି ମିଶିକରି ଥାଏ । ସ୍ଥାନୀୟ ଲସିକା ଗ୍ରନ୍ଥିଗୁଡ଼ିକ ଫୁଲିଥାଏ ।

**ଚିହ୍ନଟ ପ୍ରଣାଳୀ**

➤ଉପରୋକ୍ତ ଲକ୍ଷଣ ଏବଂ ରୋଗର ଇତିବୃତ୍ତ ଅନୁସାରେ ମାଂସପେଶୀର ଫୁଲାଅଂଶ ଚିପିଲେ କଡ଼କଡ଼ ଶବ୍ଦ, ଆଙ୍ଗୁଳିରେ ଚିପିବା ସ୍ଥାନ ଦବି ରହିବା, ଫୁଲା ଅଂଶ ଖୁବ୍‌ଶୀଘ୍ର ବଢ଼ିଯିବା, ଜ୍ୱର ହେବା, ଛୋଟାଇବା ଇତ୍ୟାଦି।

➤ସଂକ୍ରମିତ ମାଂସପେଶୀଠାରୁ ସ୍ଲାଇଡ୍‌ରେ ସ୍ମିଅର ନେଇ ଗ୍ରାମ୍‌ଷ୍ଟେନ୍ କଲାପରେ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଗ୍ରାମ୍ ପଜିଟିଭ୍ ଛୋଟ ରଡ୍ ଆକୃତିରେ ଜୀବାଣୁ ଦେଖି ଚିହ୍ନିବା ।

➤ସଂକ୍ରମିତ ମାଂସପେଶୀର ଅଂଶବିଶେଷକୁ ଗିନିପିଗ୍ ଶରୀରର ମାଂସରେ ଇଞ୍ଜେକସନ୍ ଦେଲେ ଉପରୋକ୍ତ ଲକ୍ଷଣ ପ୍ରକାଶ ପାଇବ ଏବଂ ମୃତ୍ୟୁ ପରେ ଯକୃତରୁ ସ୍ମିଅର ନେଇ ପରୀକ୍ଷା କରିବା।

➤ପ୍ରାଣୀର ମୃତ୍ୟୁ ହେଲା ପରେ ହୃତ୍‌ପିଣ୍ଡର ରକ୍ତ, ଯକୃତ ଓ ପ୍ଲିହାରୁ ମଧ ଜୀବାଣୁକୁ ଖାଦ୍ୟ ମିଡିଆ ସାହାଯ୍ୟରେ ସଂଖ୍ୟା ବୃଦ୍ଧିକରି ଜୀବାଣୁ ଚିହ୍ନଟ ଉପାୟ ସ୍ଥିର କରାଯାଏ। (କ୍ରମଶଃ...)

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଚାଷୀଙ୍କ ପାଇଁ

### ବାଇଗଣ



**ବା**ଇଗଣଫସଲରେ କାଣ୍ଡବିନ୍ଧା/ ଫଳବିନ୍ଧା ପୋକ ଲାଗିଲେ ୫ ମି.ଲି. ଫ୍ଳୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ। ଆକ୍ରାନ୍ତ ଡାଳ ବା ଫଳକୁ ମାଟିରେ ପୋତି ଦିଅନ୍ତୁ । ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ।

### ଫୁଲକୋବି



**ଫୁ**ଲକୋବି ଫସଲରେ ଶଁବାଳୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇ ଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ । ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତାର ଦମନ ପାଇଁ ଏକ ଲିଟର ପାଣିରେ ୨ ମି.ଲି. କ୍ଲୋରୋ ପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

### ଲଙ୍କା



**ଲ**ଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

## ଅନ୍ୟରେ...



➤ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ।

➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



➤ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍‌ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସାକରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।



➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

# ପିଆଜ ତଳି ରୋଇବା ସମୟରେ...



**ପି**ଆଜ ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍‌ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ। ନଭେମ୍ବର ୨୦ରୁ ଡିସେମ୍ବର ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ । ଘାସମରା ବିଷ, ପେଣ୍ଡିମେଥାଲିନ୍ ୩୦ ଏଇକୁ ତଳି ରୋଇବାର ୨ଦିନ ମଧ୍ୟରେ ପ୍ରୟୋଗକଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ନେଲ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲ ପ୍ରୟୋଗ କଲେ ପତ୍ର ଉଙ୍କୁଣି (ଥ୍ରୀପ୍ସ) ନିୟନ୍ତ୍ରଣ କରାଯାଇପାରିବ । ପିଆଜ ତଳି ପ୍ରସ୍ତୁତ କରୁଥିଲେ ୧ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବରଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡେ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨–୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗକରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ । ତଳିକୁ ଅଦିନିଆ ବର୍ଷାରୁ ରକ୍ଷାକରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ । ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮–୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ୍ ଲାଇଟ୍ ରେଡ୍, ଏନ୍–୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ । ହେକ୍ଟର ପିଛା ୧୨୦:୬୦:୬୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍, ପଟାସ୍ ଓ ସଲ୍‌ଫର୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ ।


## ଗହମ ବୁଣିବା ପୂର୍ବରୁ...



**ସା**ଧାରଣ ଭାବେ ନଡ଼ିଆତେଲ ବସିବା ଆରମ୍ଭକଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ତୃତୀୟ ସପ୍ତାହ ପୂର୍ବରୁ ଗହମ ବୁଣିବା କାମ ଶେଷ କରନ୍ତୁ। କିନ୍ତୁ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକ ଅନୁମୋଦିତ ବିହନ ଯଥା – ସୋନାଲିକା, ପିବିଡବ୍ଲ୍ୟୁ–୩୪୩, ପିବିଡବ୍ଲ୍ୟୁ–୪୪୩, ୟୁପି–୨୬୨, ଏଚ୍‌ଡି–୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ। ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତକରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗକରି ବୁଣନ୍ତୁ । ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (୧ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧–୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।

# ଡାଲି ଜାତୀୟ ଫସଲ ଚାଷ

**ମା**ଟିର ବତର ଦେଖି ମୁଗ/ବିରି ଫସଲ ପାଇଁ ଜମି ଚାଷକରନ୍ତୁ । ଧାନ କାଟିବାର ୭ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତରଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ । ବୁଣିବା ପୂର୍ବଦିନ ଏକର ପ୍ରତି ୪୦ କି.ଗ୍ରା. ଡିଏପି ଏବଂ ୧୩ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । **ମୁଗ କିସମ:** ଟାର୍ମ–୧, ଟାର୍ମ–୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨–୧୪, ଆଇପିଏମ୍ ୨–୩ । **ବିରି କିସମ :** ପିୟୁ ୩୦, ଟିୟୁ ୯୪–୨, ସାରଳା, ପ୍ରସାଦ, ପିୟୁ–୧୯, ଉଜାଲା, ମହୁରୀ, ଶଶୀ । **ବୁଟ :** ଶ୍ୱେଥା, ଭାରତୀ, ବିହାର, ଜେଜି–୬୨, ସି–୨୩୫, ଆଇସିସି–୪, ରାଧେ, ଆନେଗିରି, ଜେଜି–୧୪,ଏଚ୍–୨୦୮ । **ମଟର କିସମ :** ରଚନା, ଏଚ୍‌ୟୁଡିପି–୧୫, ଜେପି–୮୮୫, ଉତ୍ତରା, ଡିଡିଆର୍–୨୭, ଅପର୍ଣ୍ଣା, ଆଦର୍ଶ । ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍‌ଟ୍ରିନ୍ ଗୋଳାଇ ଛାଇରେ ଶୁଖାଇ ବୁଣନ୍ତୁ । ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ। ପାଉଁଶିଆ ରୋଗ ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସଞ୍ଚନ କରାଯାଏ। ୧୦ ଦିନ ପରେ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ। ଜଉପୋକ ୧୫ ଲିଟର ପାଣିରେ ୫ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଛୁଇଁବିନ୍ଧା ପୋକ ଦମନ ପାଇଁ କାର୍ବୋସଲ୍‌ଫାନ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ । ଦରକାର ହେଲେ ୧୫–୨୦ ଦିନ ପରେ ପୁଣି ସିଞ୍ଚନ କରାଯିବା ଉଚିତ।



# ଓଡ଼ିଶାର ବିଜୟ ସମ୍ଭାବନା

ଭୁବନେଶ୍ୱର, ୧୮।୧୧ (ଅନାଦି କର)

କିଟ୍ ଷ୍ଟାଡିୟମରେ ଚାଲିଥିବା ନାଗାଲାଣ୍ଡ ବିପକ୍ଷ ରଣଜୀ ମ୍ୟାଚ୍‌ରେ ଓଡ଼ିଶାର ବିଜୟ ସମ୍ଭାବନା ସୃଷ୍ଟି ହୋଇଛି। ପ୍ରଥମ ଇନିଂସ୍‌ରେ ୧୧୪ ରନ୍‌ର ଅଗ୍ରଣୀ ହାସଲ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ସ୍ୱସ୍ତିକ୍ ସାମଲ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ଶତକ ଏବଂ ସେମାନଙ୍କ ମାରାଥନ ୨୬୧ ରନ୍‌ର ଦ୍ୱିଶତକୀୟ ପାର୍ଟନରଶିପ୍ ବଳରେ ୩୫୦/୫ ସ୍କୋର୍‌ରେ ପାଳି ଘୋଷଣା କରିଛି। ଫଳରେ ନାଗାଲାଣ୍ଡ ସମ୍ମୁଖରେ ୪୬୫ ରନ୍‌ର ବିଶାଳ ଟାର୍ଗେଟ୍ ଛିଡ଼ା ହୋଇଛି। ଜବାବରେ ନାଗାଲାଣ୍ଡ ତୃତୀୟ ଦିନ ଶେଷସୁଦ୍ଧା ୧ ଉଇକେଟରେ ୪୧ ରନ୍ କରିଛି। ଦଳକୁ ଜିତିବା ପାଇଁ ୪୨୪ ରନ୍‌ର ଦରକାର ଥିବା ବେଳେ ଚଳିତ ସିଜନରେ ପ୍ରଥମ ବିଜୟ ଲକ୍ଷ୍ୟରେ ଥିବା ଓଡ଼ିଶା ୯ ଉଇକେଟ ଆବଶ୍ୟକ କରୁଛି।

ଘରୋଇ ଦଳ ଓଡ଼ିଶା ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ୍ ସ୍କୋର ୧୬/୨ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ସ୍ୱସ୍ତିକ୍ ଓ ଅଧିନାୟକ ଶୁଭ୍ରାଂଶୁ ପ୍ରଥମ ଦୁଇ ସେସନରେ ପ୍ରାଧାନ୍ୟ ବିସ୍ତାରକରି ଖେଳିଥିଲେ। ଦୁହେଁ ତୃତୀୟ ଉଇକେଟ ଲାଗି ୨୬୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ୫୯ତମ ଓଭରରେ ସ୍ୱସ୍ତିକ୍ ତୃତୀୟ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୧୯୫ ବଲ୍‌ରେ ୧୧ ଚୌକା ଓ ୬ ଛକା ସହିତ ୧୬୯ ରନ୍‌ର ପାଳି ଖେଳିଥିଲେ। ଚଳିତ ସିଜନରେ ଏହା ତାଙ୍କର ପ୍ରଥମ ଶତକ ଓ ତାଙ୍କ କ୍ୟାରିୟରର ସର୍ବାଧିକ ସ୍କୋର। ତାଙ୍କ ବଦଳରେ କ୍ରିଜ୍‌କୁ ଆସିଥିବା ଗୋବିନ୍ଦ ପୋଦ୍ଦାର (୧୨) ବିଫଳ ହୋଇଥିଲେ। ସମ୍ବିତ୍ ବରାଳଙ୍କ ସହ ମିଶି ଶୁଭ୍ରାଂଶୁ ଦଳୀୟ ସ୍କୋର୍‌କୁ ୩୫୦ରେ ପଞ୍ଚାଇଥିଲେ। ଶୁଭ୍ରାଂଶୁ ୧୬୮ ବଲ୍‌ରେ ୧୩୭ ରନ୍‌କରି ପଞ୍ଚମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସ୍‌ରେ ୧୧ ଚୌକା ଓ ୪ ଛକା ସାମିଲ ଥିଲା। ଏହା ତାଙ୍କ କ୍ୟାରିୟରର ଅଷ୍ଟମ ଓ ଚଳିତ ସିଜନରେ ପ୍ରଥମ ଶତକ। ତାଙ୍କ ଉଇକେଟ ପଡ଼ିବା ସହ ଓଡ଼ିଶା ଦଳ ପାଳି ସମାପ୍ତି ଘୋଷଣା କରିଥିଲା। ସମ୍ବିତ୍ ୧୯ ରନ୍‌କରି ଅପରାଜିତ ରହିଥିଲେ। ନାଗାଲାଣ୍ଡ ପକ୍ଷରୁ ଭିନୋ ଝିମୋମି ଓ ଅଧିନାୟକ ଜୋନାଥାନ ଆର୍ ୨ ଲେଖାଏ ଉଇକେଟ ନେଇଥିଲେ। ଏହାପରେ ୪୬୫ ରନ୍‌ର ବିଶାଳ ଟାର୍ଗେଟ ନେଇ ଓହ୍ଲାଇଥିବା ନାଗାଲାଣ୍ଡ ଦ୍ୱିତୀୟ ଇନିଂସ୍‌ରେ ତୃତୀୟ ଦିନ ଶେଷପର୍ଯ୍ୟନ୍ତ ବ୍ୟାଟିଂକରି ୧୮ ଓଭରରେ ୧ ଉଇକେଟ ହରାଇ ୪୧ ରନ୍ କରିଛି। ଷ୍ଟମ୍ପ୍ ଅପସାରଣ ବେଳକୁ ଦେଗା ନିଶ୍ଚଲ ୧୭ ଓ ହେମ ଛେତ୍ରୀ ୨୦ ରନ୍‌ରେ ଅପରାଜିତ ରହିଛନ୍ତି। ଓଡ଼ିଶା ପାଇଁ ବାଦଲ ବିଶ୍ୱାଳ ଏକମାତ୍ର ଉଇକେଟ ନେଇଛନ୍ତି।



ସ୍ୱସ୍ତିକ୍ ସାମଲ



ଶୁଭ୍ରାଂଶୁ ସେନାପତି

## ରଣଜୀ ଟ୍ରଫି

## ସ୍ୱସ୍ତିକ୍, ଶୁଭ୍ରାଂଶୁଙ୍କ ଶତକ

### ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ଇନିଂସ: ୨୭୫/ଅଲଆଉଟ୍। ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧/ଅଲଆଉଟ୍। ଓଡ଼ିଶା ଦ୍ୱିତୀୟ ଇନିଂସ: ୩୫୦/୫ (ଘୋଷଣା) (ସ୍ୱସ୍ତିକ୍‌ସାମଲ-୧୬୯, ଶୁଭ୍ରାଂଶୁ ସେନାପତି-୧୩୭, ଭିନୋ ଝିମୋମି-୨/୭୯, ଜୋନାଥନ ଆର୍-୨/୧୦୮)।। ନାଗାଲାଣ୍ଡ ଦ୍ୱିତୀୟ ଇନିଂସ: ୪୧/୧(ଦେଗା ନିଶ୍ଚଲ-୧୭*, ହେମ ଛେତ୍ରୀ-୨୦*, ବାଦଲ ବିଶ୍ୱାଳ-୧/୧୫)।

## ମହିଳା କ୍ରିକେଟ୍

# ଭାରତ-ବାଂଲାଦେଶ ହ୍ୱାଇଟ୍ ବଲ୍ ସିରିଜ୍ ସ୍ଥଗିତ

ନୂଆଦିଲ୍ଲୀ, ୧୮।୧୧(ପି.ଟି.)

ଆସନ୍ତା ମାସରେ ବାଂଲାଦେଶ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଭାରତ ଖେଳିବାକୁଥିବା ହ୍ୱାଇଟ୍ ବଲ ସିରିଜ୍‌କୁ ସ୍ଥଗିତ ରଖାଯାଇଛି। ଏହି ସମୟରେ ଅନ୍ୟ ଏକ ସିରିଜ୍ ଆୟୋଜନ ପାଇଁ ଯୋଜନା ଚାଲିଛି। ସୂଚନାଯୋଗ୍ୟ, ଆଇସିସି ଫ୍ୟୁଚର ଟୁର୍ସ ପ୍ରୋଗ୍ରାମର ଅଂଶବିଶେଷ ସ୍ୱରୂପ ବାଂଲାଦେଶ ବିପକ୍ଷରେ ଭାରତ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ କୋଲ୍‌କାତା ଓ କଟକରେ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ବର୍ତ୍ତମାନ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଉତ୍ତେଜନାମୂଳକ କୂଟନୈତିକ ସମ୍ପର୍କ ଯୋଗୁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ସୋମବାର ବାଂଲାଦେଶର ଏକ ଟ୍ରିବ୍ୟୁନାଲ କୋର୍ଟ ମାନବ ବିରୋଧୀ ଅପରାଧ ପାଇଁ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରିଛି। ଏହାକୁ ନେଇ ସେ ଦେଶର ବିଭିନ୍ନ ସ୍ଥାନରେ ହିଂସା ଦେଖାଦେଇଛି। ହାସିନା ବର୍ତ୍ତମାନ ଭାରତରେ ରାଜନୈତିକ ଶରଣ ନେଇଛନ୍ତି। ଢାକାରେ ଅବସ୍ଥାପିତ କାମଚଳା ସରକାର ହାସିନାଙ୍କ ହସ୍ତାନ୍ତର ପାଇଁ ଅନୁରୋଧ କରିଛି। ବାଂଲାଦେଶ କ୍ରିକେଟ୍ ବୋର୍ଡ(ବିସିବି) ଇତିମଧ୍ୟରେ ସିରିଜ ବାତିଲ ସମ୍ପର୍କରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ଠାରୁ ଏକ ଚିଠି ପାଇଛି।











Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ